

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୬ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 26 AUGUST 2021

Vol.No. 32 ■ No. 217 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ଘଡଘଡି, ବିଜୁଳି ସହ କାଳବୈଶାଖୀ ସମ୍ଭାବନା ରହିଛି । ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ କରାଯାଇଛି । ସେହିପରି ୨୬ରୁ ୨୭ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ ଓ ବୌଦ୍ଧ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## କାବୁଲ ଏୟାରପୋର୍ଟ ରାସ୍ତାକୁ ସିଲ କଲା ତାଲିବାନ

ନୂଆଦିଲ୍ଲୀ,୨୫/୦୮ (ନି.ପ୍ର): ହଜାର ହଜାର ଆଫଗାନ ନାଗରିକ ଦେଶ ଛାଡି ବିଦେଶ ଚାଲିଯିବା ପାଇଁ ବିମାନବନ୍ଦର ମୁହାଁ ହେଉଥିବା ବେଳେ କଡା ଆଭିମୁଖ୍ୟ ଦେଖାଇଛି ତାଲିବାନ । କାବୁଲକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ କରିଛି ଏହି ମୌଳବାଦୀ ସଂଗଠନ । କେବଳ ବିଦେଶୀ ନାଗରିକ ବିମାନବନ୍ଦରକୁ ଯାଇପାରିବେ ବୋଲି କହିଛନ୍ତି ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ । କୌଣସି ଆଫଗାନୀ ନାଗରିକ କାବୁଲ ବିମାନବନ୍ଦରକୁ ଯାଇପାରିବେ ନାହିଁ । ବିମାନବନ୍ଦରରେ ବହୁ ସଂଖ୍ୟାରେ ଲୋକ ଭିଡ ହେଉଥିବାରୁ ଦଳା ଚକଟା ଆଶଙ୍କା କରି ଏହି ପଦକ୍ଷେପ ନିଆଯାଇଥିବା ତାଲିବାନ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ତାଲିବାନର ଏଭଳି ପଦକ୍ଷେପ ବିଦେଶକୁ ଚାଲିଯିବା ପାଇଁ ଅପେକ୍ଷା କରିଥିବା ହଜାର ହଜାର ଲୋକଙ୍କୁ ହତାଶ କରିଛି । ଆଉ ଭୟ ଭିତରକୁ ପୁଣି ଥରେ ଠେଲି ହୋଇଯାଇଛନ୍ତି ।

# ଆଫଗାନିସ୍ତାନକୁ କବଜା କରିବା ପରେ ଭାରତରେ ବଢିପାରେ ଆତଙ୍କବାଦୀ ଗତିବିଧି



ନୂଆଦିଲ୍ଲୀ,୨୫/୦୮: ତାଲିବାନୀଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି ସିଡିଏସ୍ । ଜେନେରାଲ ବିପିନ ରାୱତ କହିଛନ୍ତି, ଆଫଗାନିସ୍ତାନକୁ ତାଲିବାନ କବଜା କରିବା ପରେ ଭାରତରେ ଆତଙ୍କବାଦୀ ଗତିବିଧି ବଢିପାରେ । ଏଭଳି ଆଗୁଆ ଆକଳନ କରି ସମସ୍ତ ପ୍ରକାର ପ୍ରସ୍ତୁତି କରିଛି ସେନା । ୨୦ ବର୍ଷ ତଳର ତାଲିବାନ ଓ ଏବେକାର ତାଲିବାନ ମଧ୍ୟକୌଣସି ତଫାତ ନାହିଁ । ଏଥର କେବଳ ସହଯୋଗୀ ବଳଦାଇ ତାଲିବାନ ଫେରିଥିବା କହିଛନ୍ତି ଜେନେରାଲ ରାୱତ । ୨୧ ବିଂଶ ଶତାବ୍ଦିରେ ଭାରତ-ଆମେରିକା ସମ୍ବନ୍ଧ ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି ମତ ରଖିଛନ୍ତି ସିଡିଏସ୍ । ଆଫଗାନିସ୍ତାନକୁ ତାଲିବାନ୍ କବ୍ଜା କରିବା ପରେ କିପରି ରହିପାରେ ଭାରତରେ ଆତଙ୍କବାଦୀଙ୍କ ଗତିବିଧି ? ଭାରତରେ ଏହାର କିପରି ପ୍ରଭାବ ପଡିପାରେ ? ଏନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଥିଲା । ଏଥିପାଇଁ ଆଗୁଆ ରଣନୀତି କରି ସେନା ପ୍ରସ୍ତୁତ ହେଉଥିବା ବୋଲି ସିଡିଏସ୍ କହିଛନ୍ତି । କେବଳ ଭାରତ ନୁହଁ ପ୍ରଶାନ୍ତ ମହାସାଗରିୟ କ୍ଷେତ୍ର ପାଇଁ ଆତଙ୍କବାଦ ଏକ ବଡ଼ ବିପଦ । ଏଥିପାଇଁ ଆତଙ୍କବାଦ ବିରୋଧରେ ଯୁଦ୍ଧ ଘୋଷଣା କରାଯାଇଛି । ତାଲିବାନମାନେ ଆଫଗାନିସ୍ତାନ ଦଖଲ କରିନେବା ପରେ ଆଫଗାନିସ୍ତାନର ଅସ୍ତ୍ରଶସ୍ତ୍ର ଭଣ୍ଡାର ତାଲିବାନ କବ୍ଜାକୁ ଚାଲି ଆସିଛି । ଏହି ଅସ୍ତ୍ର ଭଣ୍ଡାରରେ ବିପୁଳ ପରିମାଣର ଆମେରିକୀୟ ଅସ୍ତ୍ରଶସ୍ତ୍ର ରହିଥିଲା । ସୂଚନା ଅନୁସାରେ ଏହି ଅସ୍ତ୍ରଶସ୍ତ୍ର ପାକିସ୍ତାନ ବୁହାଇବାରେ ଲାଗିଛନ୍ତି । ପାକିସ୍ତାନ ଉଗ୍ରବାଦୀମାନେ ଏହି ଅସ୍ତ୍ରଶସ୍ତ୍ରକୁ ଭାରତ ବିରୋଧରେ ବ୍ୟବହାର କରିପାରନ୍ତି ବୋଲି ଆଶଙ୍କା କରାଯାଉଛି । ଏପରି ସମ୍ଭାବନାକୁ ଏଡାଇ ଦିଆଯାଇପାରେ ବୋଲି ଭାରତର ବରିଷ୍ଠ ସେନା ଅଧିକାରୀ କହିଛନ୍ତି ।

# କରୋନା ରହିବ ମଣିଷ ସହ

ଭୁବନେଶ୍ୱର,୨୫/୦୮(ନି.ପ୍ର): କରୋନାରୁ ଭାରତକୁ ଶୀଘ୍ର ମିଳିବ ନାହିଁ ମୁକ୍ତି । ହୁଏତ କରୋନା ସହ ହିଁ ଆଗକୁ ବଂଚିବାକୁ ହେବ । ଏମିତି ସତର୍କ କରାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ହୁ'ର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୌମ୍ୟା ସ୍ୱାମୀନାଥନ କହିଛନ୍ତି ଯେ, ଭାରତରେ କରୋନା ଏବେ ଏକ ବିଶେଷ ସ୍ଥିତିରେ ପହଂଚିଛି । ଏହି ସ୍ଥିତି ମହାମାରୀ ଠାରୁ ଅଲଗା । ଏହି ସମୟରେ କମ୍ ଓ ମଧ୍ୟମ ଧରଣର ସଂକ୍ରମଣ ଲାଗି ରହିଥାଏ । ଆଉ ଏହି ସ୍ଥିତିରେ ଲୋକଙ୍କୁ ଭୂତାଣୁ ସହ ବଂଚିବାକୁ ଶିଖିବାକୁ ପଡ଼ିବ । ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଡକ୍ଟର ସୌମ୍ୟା ସ୍ୱାମୀନାଥନ କହିଛନ୍ତି ଯେ, ଦେଶର ବିଶାଳ ଜନସଂଖ୍ୟା, ଭିନ୍ନ ଭିନ୍ନ ଅଂଚଳରେ ରୋଗ ପ୍ରତିରୋଧକ ଶକ୍ତିରେ ଅସମାନତା ରହିଥିବାରୁ କରୋନାରୁ ଭାରତକୁ ସମ୍ପୂର୍ଣ୍ଣ ମୁକ୍ତି ମିଳିଯିବ କୁହାଯାଇ ନପାରେ । ବରଂ କରୋନା ଭୂତାଣୁ ସହ ଆମକୁ ବଂଚିବାକୁ ପଡ଼ିବ । ସଂକ୍ରମଣ ସ୍ତର କେବେ କମ୍, କେବେ ବେଶୀ ହୋଇପାରେ । ଅନ୍ୟପଟେ ତୃତୀୟ ଲହରରେ ଅଧିକ ଛୋଟ ପିଲାଙ୍କୁ ସଂକ୍ରମଣ ହେବା ନେଇ ଯେଉଁ ଆକଳନ କରାଯାଉଛି ସେଥିପାଇଁ ଆତଙ୍କିତ ନହେବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ବିଶ୍ୱର ବିଭିନ୍ନ ରାଷ୍ଟ୍ରର କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି, ସୌଭାଗ୍ୟବଶତଃ ଶିଶୁ ମାନଙ୍କ ନିକଟରେ ଅଧିକ ରୋଗ ପ୍ରତିରୋଧକ ଶକ୍ତି ରହିଛି । ଯେଉଁମାନେ ସଂକ୍ରମିତ ହେଉଛନ୍ତି, ସେମାନେ କମ କିମ୍ବା ମଧ୍ୟମ ଧରଣର ଲକ୍ଷଣ ଦେଖାଯାଉଛି । ଆଉ ସେମାନଙ୍କ ମଧ୍ୟରୁ ଅଳ୍ପ କିଛି ଗୁରୁତ୍ୱର ହେଉଛନ୍ତି । ତେବେ ଟିକାକରଣ ଉପରେ ସେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି । କହିଛନ୍ତି, ଦେଶରେ ଯେତେ ଅଧିକରୁ ଅଧିକ ଟିକାକରଣ କରାଯିବ ସେତେ ଭଲ ।



### ରାଜ୍ୟରେ ପୌରନିର୍ବାଚନ ବିଳମ୍ବ ମାମଲା

# ୩ଟି ପୃଥକ ରିଟ୍ ପିଟିସନ୍ ବିଚାର ପାଇଁ ଗ୍ରହଣ କଲେ ହାଇକୋର୍ଟ

ଭୁବନେଶ୍ୱର,୨୫/୦୮(ନି.ପ୍ର): ରାଜ୍ୟର ବିଭିନ୍ନ ପୌରାଞ୍ଚଳର ନିର୍ବାଚନ ବିଳମ୍ବ ପ୍ରସଂଗକୁ ନେଇ ଦାୟର ତିନୋଟି ପୃଥକ ମାମଲାର ହାଇକୋର୍ଟ ଏକତ୍ର ଶୁଣାଣି କରିଛନ୍ତି । ଶୁଣାଣି ପରେ ରାଜ୍ୟ ନିର୍ବାଚନ କମିସନ ଓ ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ । ପୂର୍ବତନ ମନ୍ତ୍ରୀ ସମୀର ଦେ, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରସନ୍ନ କୁମାର ମିଶ୍ରଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ହାଇକୋର୍ଟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରି ୪ସପ୍ତାହ ଭିତରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । କଟକ, ପୁରୀ ଓ ଭୁବନେଶ୍ୱରରେ ପୌରାଞ୍ଚଳ ନିର୍ବାଚନ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା । ପୌର ପରିଷଦର ନିର୍ବାଚିତ ସଦସ୍ୟଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିର୍ବାଚନ ହେବା କଥା । କିନ୍ତୁ ଇତି ମଧ୍ୟରେ ତିନି ବର୍ଷ ବିତିବାକୁ ବସିଥିବା ବେଳେ ପୌର ନିର୍ବାଚନ କରାଯାଉ ନାହିଁ । ରାଜ୍ୟ ସରକାରଙ୍କ ଚାପରେ ରାଜ୍ୟ ନିର୍ବାଚନ କମିସନ୍ ପୌର ନିର୍ବାଚନ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ଆବେଦନକାରୀ ଦର୍ଶାଇଛନ୍ତି ।



## ୨ ଏଟିଏମ୍ ଲୁଟେରା ଗିରଫ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଓଲ୍ଡଟାଉନରେ ଥିବା ଏସବିଆଇ ଏଟିଏମ ଲୁଟ କରିବାକୁ ଉଦ୍ୟମ ବେଳେ ୨ଲୁଟେରାଙ୍କୁ ଗିରଫ କରିଛି ଲିଙ୍ଗରାଜ ଥାନା ପୋଲିସ । ସୂଚନା ମୁତାବକ, ଓଲ୍ଡଟାଉନ୍ ର ବଡ଼େଇବାଙ୍କ ଛକ ନିକଟରେ ଥିବା ଏସବିଆଇ ଏଟିଏମକୁ ହ୍ୟାକ୍ କରି ୨ ଏଟିଏମ ଲୁଟେରା ଲୁଟ କରୁଥିବା ବେଳେ ଲୁଟେରାଙ୍କୁ କାବୁ କରିଥିଲେ ସ୍ଥାନୀୟ ଲୋକେ । ତେବେ ଆଉ ଜଣେ ଲୁଟେରା ଫେରାର ହୋଇଯାଇଛି । ଏନେଇ ଲିଙ୍ଗରାଜ ଥାନା ପୋଲିସକୁ ଖବର ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ୨ଲୁଟେରାଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

### ତୃତୀୟ ଲହରକୁ ନେଇ ଡିଏମଇଟି ସିବିକେ ମହାନ୍ତିଙ୍କ ସୂଚନା

# ଯଦି ଭାଇରସ୍ ରୂପ ବଦଳାଏ ତାହାଲେ ପ୍ରଭାବ ଅଧିକ ରହିବ

ଭୁବନେଶ୍ୱର,୨୫/୦୮(ନି.ପ୍ର): ରାଜ୍ୟରେ ତୃତୀୟ ଲହର ନେଇ ପ୍ରତିକ୍ରିୟା ରଖିଛନ୍ତି ଡିଏମଇଟି ନିର୍ଦ୍ଦେଶକ ସିବିକେ ମହାନ୍ତି । ସେ କହିଛନ୍ତି ତୃତୀୟ ଲହର ଆସିଲେ ବି ଦ୍ୱିତୀୟ ଲହର ଭଳିଆ ନହୋଇପାରେ । ଯଦି ଭାଇରସ ରୂପ ବଦଳାଏ ତାହା ହେଲେ ପ୍ରଭାବ ଅଧିକ ରହିବ, ଯଦି ରୂପ ନବଦାଳଏ ତେବେ ପ୍ରଭାବ ଏତେ ରହିବ ନାହିଁ । ବିଭିନ୍ନ ମଡେଲ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । କେଉଁ ମଡେଲ କହୁଛି ଦେଶରେ ଦିନକୁ ୪ରୁ ୫ଲକ୍ଷ ପଜିଟିଭ ଚିହ୍ନଟ ହେବ । ଆଉ କେଉଁ ମଡେଲ କହୁଛି କି ଏତେ ପ୍ରଭାବ ପଡ଼ିବ ନାହିଁ । କିନ୍ତୁ ଆଇଆଇଟି କାନପୁର ସୂତ୍ର ମଡେଲ କହୁଛି ଓଡ଼ିଶାରେ ତୃତୀୟ ଲହର ବିଶେଷ ପ୍ରଭାବ ରହିବ ନାହିଁ । କିନ୍ତୁ ମଡେଲ ଯାହା କହୁ ସରକାର ସବୁ ଦିଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ସିବିକେ ମହାନ୍ତି । ଏହା ସହ ସେ କହିଛନ୍ତି ଯେ, କଟକ ଏସସିବିରେ ଏକମୋ ଚିକିତ୍ସା ଆସନ୍ତା ୨୭ତାରିଖରେ ଆରମ୍ଭ ହେବ । ପୂର୍ବ ଭାରତରେ ସରକାରୀ ଭାବେ ଏହା ହେବ ସବୁଠାରୁ ବଡ଼ ୟୁନିଟ । ଗତକାଲି ଏନେଇ ଏସସିବି ମେଡିକାଲରେ ସମୀକ୍ଷା କରାଯାଇଛି । ଏସସିବିରେ ସମୁଦାୟ ୯ଟି ଇକୋମୋ ମେସିନ ରହିବ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି ।



# ପିପିପି ମୋଡରେ ଭୁବନେଶ୍ୱର ବିମାନବନ୍ଦର ଓ ପାରାଦୀପ ବନ୍ଦରରେ ହେବ ପୁଞ୍ଜିନିବେଶ

ଭୁବନେଶ୍ୱର,୨୫/୦୮(ନି.ପ୍ର): କେନ୍ଦ୍ର ସରକାରଙ୍କ ଜାତୀୟ ମୁଦ୍ରୀକରଣ ଯୋଜନାରେ ରହିଛି ଭୁବନେଶ୍ୱର ବିମାନବନ୍ଦର ଓ ପାରାଦୀପ ବନ୍ଦର । ସୋମବାର ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ନ୍ୟାସନାଲ ମନିଟାଇଜେସନ ପ୍ଲାନ ବା ଜାତୀୟ ସଂପତି ସୂତ୍ରରୁ ପାଣ୍ଠି ଯୋଗାଡ କରିବାକୁ ଘୋଷଣା କରିଥିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଏହି ଯୋଜନା ଆଧାରରେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଅ-ବ୍ୟବହୃତ ସଂପତି ବିକ୍ରି ହେବ । ସେହିପରି ନୂତନ ଭିତ୍ତିଭୂମି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଘରୋଇ ନିବେଶକୁ ଆକୃଷ୍ଟ କରାଯିବ । ବିକ୍ରି କିମ୍ବା ଘରୋଇ ଭାଗିଦାରିରେ ବିକାଶ ହେବାକୁ ଥିବା ସଂପତି ମଧ୍ୟରେ ୩୧ଟି ବନ୍ଦର, ୨୫ଟି ବିମାନବନ୍ଦର, ୨ଟି ଜାତୀୟ ଷ୍ଟାଡିୟମ ଏବଂ ୧୬୦ଟି କୋଇଲା ପ୍ରକଳ୍ପ ରହିଛି । ସେହିପରି କେତେକ ହୋଟେଲରୁ ମଧ୍ୟ ପୁଞ୍ଜି ପ୍ରତ୍ୟାହାର ପାଇଁ ପ୍ରସ୍ତାବ ଦେଇଥିଲା ନୀତି ଆୟୋଗ ।

# ଟ୍ରାଫିକ ନିୟମ ଉଲ୍ଲଙ୍ଘନରେ ବାତିଲ ହୋଇଯିବ ଲାଇସେନ୍ସ

ଭୁବନେଶ୍ୱର,୨୫/୦୮(ନି.ପ୍ର): ଏଣିକି ଟ୍ରାଫିକ ନିୟମ ଉଲ୍ଲଙ୍ଘନ କଲେ ଆପଣଙ୍କୁ ବହୁମୂଲ୍ୟ ଦେବାକୁ ପଡିବ । ଏବେ ଆପଣ ପ୍ରଥମ ଥର ପାଇଁ ନିୟମ ଉଲ୍ଲଙ୍ଘନ କଲେ ବି ଆପଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବ । ତିନି ମାସ ପାଇଁ ଅସ୍ଥାୟୀ ଭାବେ ଲାଇସେନ୍ସ ରଦ୍ଦ କରିବାକୁ ରାଜ୍ୟର ସବୁ ପରିବହନ ଅଧିକାରୀ-ଆରଟିଓ ମାନଙ୍କୁ ଚିଠି ଲେଖିଛନ୍ତି ପରିବହନ କମିଶନର । ୮ଟି ନିୟମ ଭାଙ୍ଗିଲେ ପ୍ରଥମ ଉଲ୍ଲଙ୍ଘନରେ ବି ଆପଣଙ୍କ ଲାଇସେନ୍ସ ରଦ୍ଦ ହେବ । ହେଲମେଟ ନପିନ୍ଧି ଦୁଇ ଚକିଆ ଯାନ ଚଳାଇଲେ ଏବଂ ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କଲେ ଲାଇସେନ୍ସ ରଦ୍ଦ ହେବ । ସେହିପରି ମଦ ପିଇ ଗାଡି ଚଳାଇଲେ ଏବଂ ଅଧିକ ବେଗରେ ଗାଡି ଚଳାଇଲେ ଆପଣଙ୍କ ଲାଇସେନ୍ସ ୩ମାସ ପାଇଁ ରଦ୍ଦ ହୋଇଯିବ । ସେହିପରି ମାଲବାହୀ ଗାଡିରେ ଯାତ୍ରୀ ପରିବହନ କଲେ, ଅଧିକ ମାଲ୍ ପରିବହନ କଲେ, ଟ୍ରାଫିକ ପଏଣ୍ଟରେ ରେଡ ସିଗନାଲ ଭାଙ୍ଗିଲେ ଏବଂ ଭୁଲ୍ ଦିଗରୁ ଗାଡି ଚଳାଇଲେ, ପ୍ରଥମ ଉଲ୍ଲଙ୍ଘନ ହେଲେ ବି ଆପଣଙ୍କ ଲାଇସେନ୍ସ ରଦ୍ଦ ହେବ । ଆରଟିଓ ମାନଙ୍କୁ ଚିଠି ଲେଖି ପରିବହନ କମିଶନର କହିଛନ୍ତି ସୁପ୍ରିମକୋର୍ଟ କମିଟି ଏହି ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଏହାକୁ କଡାକଡି ଭାବେ ଲାଗୁ କରାଯିବ ।



# ଗୁରୁ ଦିବସ ପୂର୍ବରୁ କେନ୍ଦ୍ରର ସବୁ ସ୍କୁଲ ଶିକ୍ଷକଙ୍କୁ ଟିକାକରଣ ନିଷ୍ପତ୍ତି

ନୂଆଦିଲ୍ଲୀ/ଭୁବନେଶ୍ୱର,୨୫/୦୮ (ନି.ପ୍ର): ଗୁରୁ ଦିବସ ପୂର୍ବରୁ ଦେଶର ସମସ୍ତ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୋଭିଡ୍ ଟିକା ଦେବା ପାଇଁ ରାଜ୍ୟ ମାନଙ୍କୁ ମିଳୁଥିବା ଟିକା ବ୍ୟତିତ ଅତିରିକ୍ତ ଟିକା ଦେବା ପାଇଁ ଘୋଷଣା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଟ୍ୱିଟ୍ ଜରିଆରେ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଗୁରୁ ଦିବସର ଅବ୍ୟବହିତ ପୂର୍ବରୁ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଟିକାକରଣ କରିବାରେ ପ୍ରାଥମିକତା ଦେବା ପାଇଁ ସବୁ ମାସରେ ରାଜ୍ୟକୁ ମିଳୁଥିବା ଟିକା ବ୍ୟତିତ ଅତିରିକ୍ତ ୨ କୋଟି ଟିକା ଉପଲବ୍ଧ କରାଯିବ । ତେଣୁ ଭବିଷ୍ୟତର ଭିତ୍ତିଭୂମିକୁ ମଜବୁତ୍ କରିବାର ଏହି ଅଭିଯାନରେ ନିଜର ସମର୍ଥନ ଏବଂ ସହଯୋଗ ଦେବାକୁ ସବୁ ରାଜ୍ୟ ସରକାରଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । କରୋନା ବିରୋଧରେ ଦେଶର ଭବିଷ୍ୟତ ପିଢ଼ିଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସଙ୍ଗେସଙ୍ଗେ ଏହି ମହାମାରୀ ସମୟରେ ପାଠପଢ଼ାରେ ଆସୁଥିବା ବ୍ୟାଘାତକୁ ଦୂର କରିବା ଦିଗରେ ଏହା ମୋଦି ସରକାରଙ୍କ ନିର୍ଣ୍ଣାୟକ ପଦକ୍ଷେପ ବୋଲି ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।



## ତାଲିବାନୀଙ୍କ ଆଫଗାନିସ୍ତାନ ଦଖଲ ପରେ ମହିଳାଙ୍କ ଅବସ୍ଥା ଶୋଚନୀୟ

ନୂଆଦିଲ୍ଲୀ,୨୫/୦୮: ତାଲିବାନୀଙ୍କ ଆଫଗାନିସ୍ତାନ ଦଖଲ ପରେ ମହିଳାଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି । ଆଫଗାନିସ୍ତାନ ଛାଡିଥିବା ସାମ୍ବାଦିକ ହୋଲି ମାକେ ବର୍ଣ୍ଣନ କରିଛନ୍ତି ଯେ, ଆଫଗାନିସ୍ତାନରେ ତାଲିବାନୀଙ୍କ କବଜା ପରେ କିପରି ଆଫଗାନ ବାସୀଙ୍କ ଏବଂ ବିଶେଷ ଭାବରେ ମହିଳା ମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡିଛି । ହୋଲି ମାକେଙ୍କ ସୂଚନା ଅନୁଯାୟୀ ଗତ ଅଗଷ୍ଟ ୧୫ତାରିଖରେ ▶▶ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟ୍ ରେ ଆସିବ ଇ-ଯାନ ନୀତି

ଭୁବନେଶ୍ୱର,୨୫/୦୮ (ନି.ପ୍ର): ରାଜ୍ୟରେ ବିଦ୍ୟୁତ ଚାଳିତ ଯାନ ଉପରେ ଗୁରୁତ୍ୱ ଦିଆଯିବ । ବିଦ୍ୟୁତ ଚାଳିତ ଯାନ କିଣିବା ପାଇଁ ସରକାର ପ୍ରୋତ୍ସାହନ ଦେବେ ଏବଂ କିଣିଲେ ରିହାତି ମିଳିବ । ଦୁଇ ଚକିଆ ଯାନ ପାଇଁ ୫ ହଜାର ଟଙ୍କାର ରିହାତି ଦିଆଯିବା ସହ ତିନି ଚକିଆ ଯାନ ପାଇଁ ୧୨ ହଜାର ଓ ୪ ଚକିଆ ପାଇଁ ସର୍ବାଧିକ ୧ ଲକ୍ଷ ଟଙ୍କା ରିହାତି ମିଳିବ । ସରକାରୀ ଅଫିସ୍ ଓ କମ୍ପାନି ବିଦ୍ୟୁତ ଚାଳିତ ଯାନ କିଣିଲେ ଅଧିକ ରିହାତି ମିଳିବ । ଆସନ୍ତା କ୍ୟାବିନେଟରେ ଏହି ଇ-ଯାନ ନୀତି ଆସିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ।

# ଅରୁଣ ଦେଙ୍କ ସ୍ମୃତି ଉଜ୍ଜୀବିତ ରଖିବାକୁ ପ୍ରୟାସ

## ବହୁବିଧ ଆଭିମୁଖ୍ୟରେ ଗଠିତ ହେଲା 'ଅରୁଣ ଦେ ସ୍ମୃତି ପରିଷଦ'



ବାଲେଶ୍ୱର,୨୫/୮ (ନି.ପ୍ର): ବିଶିଷ୍ଟ ରାଜନେତା ତଥା ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ସ୍ମୃତିକୁ ସବର୍ଦା ଉଜ୍ଜୀବିତ କରିବା ପାଇଁ ତାଙ୍କ ଭଉଣୀ ପଫେସର ଡକ୍ଟର ବାସନ୍ତି ଦେଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ହୋଇଛି 'ଅରୁଣ ଦେ ସ୍ମୃତି ପରିଷଦ'। ପ୍ରଥମ ପର୍ଯ୍ୟାୟରେ ପରିଷଦର ୨୦ ଜଣିଆ କମିଟି ଗଠନ କରାଯାଇଥିବା ବେଳେ ଆଗାମୀ ଦିନରେ ଏହାର କଳେବର ବୃଦ୍ଧି କରାଯିବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ସ୍ୱର୍ଗତ ଦେଙ୍କ ବାସଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ଦେଚକ୍ରବର୍ତ୍ତୀଙ୍କ ସମେତ ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ଓ ସମାଜସେବୀ ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ନବ ଗଠିତ ସ୍ମୃତି ପରିଷଦର ବହବିଦ୍ଧ ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ପ୍ରକାଶ କରିଛନ୍ତି। ସମ୍ପ୍ରତି ପ୍ରଫେସର ଦେଚକ୍ରବର୍ତ୍ତୀ ଏହି ପରିଷଦର ସଭାପତି, ଶ୍ରୀ ମହାନ୍ତି କାର୍ଯ୍ୟକାରୀ ସଭାପତି, ରଞ୍ଜନ ପ୍ରଧାନ ସମ୍ପାଦକ, ବିନେଦା ଜୀ ସହ-ସମ୍ପାଦକ, ଅଭିଜିତ ଦାସ କୋଷାଧ୍ୟକ୍ଷ ଓ ରଂଜନ ବାଗ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ତେବେ ସ୍ୱଳ୍ପ ସମୟ ମଧ୍ୟରେ ଏହି ପରିଷଦ ଗଠନ କରାଯାଇଥିବା ବେଳେ ସମସ୍ତଙ୍କୁ ଆମନ୍ତ୍ରଣ କରାଯାଇ ପାରିନଥିବା ପ୍ରଫେସର ଦେଚକ୍ରବର୍ତ୍ତୀ କହିଛନ୍ତି। ମାତ୍ର ଦାଦାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହି ପରିଷଦର ଦ୍ୱାର ସର୍ବଦା ଉନ୍ମୁକ୍ତ ରହିବ ବୋଲି ସେ ସୂଚନା ଦେଇଛନ୍ତି। ଆମେରିକାରେ ରହିଲେ ବି ଏହି ପରିଷଦର ପ୍ରତିଟି କାର୍ଯ୍ୟକଳାପ ସହ ସେ ଯୋଡ଼ି ହୋଇ ରହିବେ। ଦାଦାଙ୍କ ସ୍ମୃତିରକ୍ଷା ପାଇଁ ଗଠନ କରାଯାଇଥିବା ଏହି ପରିଷଦ ସାଧାରଣ ଲୋକଙ୍କ ପାଇଁ ସବୁବେଳେ କାର୍ଯ୍ୟ ଜାରି ରଖିବ ବୋଲି ପ୍ରଫେସର ଦେଚକ୍ରବର୍ତ୍ତୀ କହିଛନ୍ତି। ବାଲେଶ୍ୱରର ଆବାଳ ବୃଦ୍ଧ ବନୀତାଙ୍କ ଦାଦା ଭାବେ ପରିଚିତ ସ୍ୱର୍ଗତ ଦେ ବହୁ ସଂଗଠନ ସହ ଜଡ଼ିତ ହୋଇ ସମଜସେବା କରିଆସୁଥିଲେ। ତାଙ୍କର ତିରୋଧାନ ପରେ ସମ୍ପୃକ୍ତ ସଂଗଠନଙ୍କ ସହ ସ୍ମୃତି ପରିଷଦ ଯୋଡ଼ି ହୋଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଜାରି ରଖିବ ବୋଲି କାର୍ଯ୍ୟକାରୀ ସଭାପତି ଶ୍ରୀ ମହାନ୍ତି ଓ ଉପଦେଷ୍ଟା ଶ୍ରୀ ବାଗ ସୂଚନା ଦେଇଛନ୍ତି। ସେମାନଙ୍କର କହିବା ଅନୁସାରେ ଆଗାମୀ ଦିନରେ ପରିଷଦ ତା'ର କାର୍ଯ୍ୟ ପରିସର ବ୍ୟାପକ କରିବ। ଏହି ପରିଷଦ ଅନ୍ୟାନ୍ୟ ସଂଗଠନ ସହ ମିଳିତ ହୋଇ ସମାଜସେବା ମୂଳକ କାର୍ଯ୍ୟକୁ ଚଳାଇ ରଖିବାକୁ ଲକ୍ଷ୍ୟ ରଖିଛି। ଦାଦାଙ୍କ ଆଦାର୍ଶକୁ ପାଥେୟ କରି ସମାଜର ତଳ ଦୟନୀୟ ସ୍ଥିତିରେ ଥିବା ପରିବାରକୁ ସାହାଯ୍ୟ ସହଯୋଗ କରିବା, ଗରିବ ପିଲାଙ୍କ ପାଠପଢ଼ା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗ କରିବା, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ଉପରେ ପରିଷଦ ଗୁରୁତ୍ୱ ଦେବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦାଦାଙ୍କୁ ଭଲ ପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସର୍ବଭାରତୀୟ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀ

## ମାଗଣା ମଧୁମେହ ପରୀକ୍ଷା ଓ ରକ୍ତଦାନ ଶିବିର ଆୟୋଜିତ

ଭଦ୍ରକ,୨୫/୮ (ନି.ପ୍ର): ଭାରତୀୟ ମଜଦୁର ସଂଘର ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି, ଅଖିଳ ଭାରତୀୟ ଖଣି ମଜଦୁର ମହାସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ମଜଦୁର ସଂଘର ସର୍ବ ଭାରତୀୟ ନେତା ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ କରୋନା କଟକଣାରେ ନିରାଡମ୍ବର ଭାବେ ପାଳନ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇ କେବଳ ତାଙ୍କ ଜନ୍ମମାଟି ବିଷ୍ଣୁପୁର ଛକ ଠାରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ମାଗଣା ମଧୁମେହ ପରୀକ୍ଷଣ ଓ ରକ୍ତଦାନ ଶିବିର କେନାଲ ଚକ ସ୍ଥିତ ରାଜୀବ ଭବନ ପରିସରରେ ଆୟୋଜନ କରାଯାଇଥିଲ। ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ପରେ ଏକ ସଭା ମାଧମରେ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର, ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ମୁକ୍ତିକାନ୍ତ ସାହୁ, ଶିକ୍ଷକ ବିଜୟ ମିଶ୍ର, ସଂଗଠନ ସମ୍ପାଦକ ପରେଶନାଥ ଧଳ, ବିକାଶ ସାମଲ, ସୁଧାକର ମହାପାତ୍ର, ବିଜୟ ଖିଲାର, ରାମଚନ୍ଦ୍ର ରାଉତ, ବଦ୍ରି ପଣ୍ଡା, ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ରତନ ପାଣି, ଅମୂଲ୍ୟ ନାୟକ ସମିତି ସଭ୍ୟ ଚନ୍ଦ୍ରଶେଖର ଜେନା, ସରପଞ୍ଚ ତପସ୍ୱିନୀ ବେହେରା, ଜଳମଣ୍ଡୁଆ ପଞ୍ଚାୟତର ସମିତି ସଭ୍ୟ ତାନିମା ରାଉତ, ଶିକ୍ଷକ ପ୍ରଫୁଲ୍ଲ ନାୟକ, ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଭଦ୍ରକ ଜିଲ୍ଲା କାର୍ଯ୍ୟକର୍ତ୍ତା, ଅରୁଣୋଦୟ ଖିଲାର, କାର୍ତ୍ତିକ ପାତ୍ର, ଭିକାରୀ ସେଠୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ, ଜିଲ୍ଲାର ଆଶା, ଅଙ୍ଗନୱାଡି ସଂଘର କର୍ମକର୍ତ୍ତା ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତାପ ପଣ୍ଡା ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାର, ସମ୍ପାଦକ ଡାକ୍ତର ରବୀନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ରକ୍ତଦାନ ଶିବରରେ ମୋଟ ୪୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ଜଳେଶ୍ୱରରେ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ନେସ୍କୋ ନିର୍ବାହୀ ଯନ୍ତ୍ରୀ ସହିତ ବିଦ୍ୟୁତ୍ ଉପଭୋକ୍ତା ମଂଚର ଆଲୋଚନା

ଜଳେଶ୍ୱର ,୨୫/୮ (ନି.ପ୍ର): ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ଅଂଚଳରେ ଅଘୋଷିତ ବିଦ୍ୟୁତ୍ କାଟ, ବିଦ୍ୟୁତ୍ ବିଲ ଅସମାନତା ଓ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟୁତ୍ ବିଲ ଯୋଗାଣ ଦାବିରେ ବିଦ୍ୟୁତ୍ ଉପଭୋକ୍ତା ମଂଚ ପକ୍ଷରୁ ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯାଇଛି । ନିର୍ବାହୀ ଯନ୍ତ୍ରୀ ସମ୍ୟରଂଜନ ନାୟକଙ୍କ ସହିତ ଉପଭୋକ୍ତା ମଂଚର ସଭାପତି ଶଶାଙ୍କ ମହାନ୍ତି, ସଂପାଦକ ଭାସ୍କାର ଚନ୍ଦ୍ର ମିଶ୍ର, ଅରୁଣ ବେଜ, କମଳ ଚକ୍ରବର୍ତ୍ତୀ, ସିତାଂଶୁ ସେଖର ସେନାପତି, ଦିଲ୍ଲିପ ଗିରି, ରବିନ୍ଦ୍ର ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଉପରୋକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହିତ ଟାଟା ପାୱାର ଅଧିକ ମାନବ ସମ୍ବଳ ଯୋଗାଇବା ସହ ପଡିଆରିପୁର-୨ ଜଳସେଚନ ପଏଣ୍ଟକୁ କାର୍ଯ୍ୟକ୍ଷମ କରାଯିବା ସଂପର୍କରେ ଶ୍ରୀ ନାୟକ ପ୍ରତିଶୃତି ଦେଇଥିଲେ ।

# ବର୍ଷା ଜଳ ଅଭାବରୁ ୮୦୦ ଏକର ଚାଷଜମିରେ ମରୁଡି ଆଶଙ୍କା

କେନ୍ଦ୍ରାପଡ଼ା,୨୫/୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ପଂଚାୟତ ଅଧିନସ୍ଥ ଘିଗିଡିଆ ଗ୍ରାମର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ସେମାନଙ୍କର ପ୍ରାୟ ୮୦ ଏକର ଚାଷଜମି ରେ ବର୍ଷାଜଳ ଅଭାବରୁ ମରୁଡି ହେବା ଆଶଙ୍କା ଦେଖା ଦେଇଥିବା ଅଭିଯୋଗ କରିଛନ୍ତି । ଏହି ଗ୍ରାମର ପ୍ରାୟ ୯୫% ଭାଗ ଲୋକେ କୃଷି ଉପରେ ନିର୍ଭର କରନ୍ତି । ଉକ୍ତ ଚାଷଜମି ରେ କୌଣସି କେନାଲ ବା ଅନ୍ୟ ଜଳ ସେଚନର ସୁବିଧା ନାହିଁ । ଗୋବରୀ ନଦୀ କୂଳରେ ୨ଟି ଉଠା ଜଳସେଚନ ପଏଣ୍ଟ ଥିଲେ ହେଁ ବିଦ୍ୟୁତ୍ ସଂଯୋଗର ଅଭାବ ହେତୁ ତାହା ଅଚଳ ହୋଇ ପଡିଛି । ଘିଗିଡିଆ ଗ୍ରାମର ଚାଷୀମାନେ ତାଙ୍କ ଚାଷଜମିକୁ ୨-୩ଟି ଉଠା ଜଳସେଚନ ପଏଣ୍ଟ ପଠାଇ ତାଙ୍କ ଚାଷଜମି କୁ ଜଳ ଯୋଗାଇ ଦେଲେ ସେମାନେ ସୁରୁଖୁରୁରେ ଚାଷ କରିପାରିବେ ବୋଲି ଗୋବର୍ଦ୍ଧନ ଦାସ, ପ୍ରଶାନ୍ତ ଦାସ, ମଧୁସୂଦନ ବିଶ୍ୱାଳ, ଶ୍ରୀଧର ପ୍ରଧାନ, ଅଶୋକ ଦା ଓ ପ୍ରମୁଖ ଦାବି କରିଛନ୍ତି ।

# ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ଦେହାନ୍ତ: ବିଭିନ୍ନ ମହଲରେ ଶୋକ



ଭଦ୍ରକ,୨୫/୮ (ନି.ପ୍ର): କେବଳ ଭଦ୍ରକ ନୁହେଁ, ଆମ ରାଜ୍ୟର ଜଣେ ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ହୃଦାନନ୍ଦ ରାଉତଙ୍କର ଆଜି ୯୧ ବର୍ଷ ବୟସରେ ଦେହାନ୍ତ ହୋଇଛି। ସ୍ୱର୍ଗତଃ ରାଉତ ଗତ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଭଦ୍ରକ ବ୍ଲକ୍ କଲେଇ ପଂଚାୟତର ବଳଭଦ୍ରପୁରସ୍ଥିତ ବାସଭବନରେ ପୀଡିତ ଥିଲେ। ଆଜି ସନ୍ଧ୍ୟା ୬.୩୦ ସମୟରେ ତାଙ୍କର ନିଜ ବାସଭବନରେ ପରଲୋକ ହୋଇଛି। ତାଙ୍କର ମୃତ୍ୟୁ ଖବର ପାଇ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ବିଧାୟକ ଯୁଗଳ ପଟ୍ଟନାୟକ, ନରେନ ପଲେଇ, ରାଜେନ୍ଦ୍ର ଦାସ, ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଶୋକବ୍ୟକ୍ତ କରିଥିବାବେଳେ କଲେଇ ପଂଚାୟତର ସରପଞ୍ଚ ମିନାକ୍ଷୀ ପରିଡା, ଭଦ୍ରକ ବ୍ଲକ୍ ଉପାଧକ୍ଷା ଜ୍ୟୋସ୍ନା ରାଉତ, ଅଭିରାମ ସାହୁ, ଯୁବନେତା ତୁଷାରକାନ୍ତି ପରିଡା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ସ୍ୱର୍ଗତଃ ରାଉତ ନିଜ ଅଂଚଳରେ ବହୁ ସାମାଜିକ କାର୍ଯ୍ୟ କରିବା ମଧରେ ହାଇସ୍କୁଲ, ଦେବାଳୟ ଓ ଡାକ୍ତରଖାନା ସ୍ଥାପନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପରାଧୀନ ଭାରତ ବର୍ଷରେ ସେ ଓଡ଼ିଶାର ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ ଓ ଭଦ୍ରକର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହନିଫ ବାବୁଙ୍କ ସଂସ୍ପର୍ଶରେ ଆସି ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ। ସେ ନିଜର ଜୀବଦ୍ଦଶା ପର୍ଯ୍ୟନ୍ତ ଏକାକୀ ନିଜ ଉଦ୍ୟମରେ ପଂଚାୟତରେ ସ୍ୱାଧୀନତା ଦିବସ ପାଳନ କରି ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଆମ ରାଜ୍ୟର ଜଣେ ଆଗଧାଡିର କୃଷକ ନେତା ଭାବେ ଚାଷୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଆସିଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁତ୍ର, ପୁତ୍ରବଧୂ, ତିନି କନ୍ୟା, ପୁତୁରା ସାମ୍ବାଦିକ ପ୍ରମୋଦ ରାୟ, ଶିକ୍ଷାବିତ୍ ବାବୁଲା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଚଣ୍ଡୀପାଠରେ କମ୍ପୁଛି ବୀରନରସିଂହପୁର ମା' ଦକ୍ଷିଣକାଳୀ ପୀଠ : ଜଳୁଛି ଅଖଣ୍ଡଦୀପ

ପୁରୀ,୨୫/୮ (ନି.ପ୍ର): ବୀରନରସିଂହପୁରରେ ମା ଦକ୍ଷିଣକାଳୀଙ୍କ ପୀଠ ଅବସ୍ଥିତ । ଭକ୍ତମାନେ ମାଙ୍କ ଦର୍ଶନ କରି ପୂଣ୍ୟ ଅର୍ଜନ କରୁଛନ୍ତି । ପ୍ରତିଦିନ ବ୍ରାହ୍ମଣଙ୍କ ଚଣ୍ଡୀପାଠ ମନ୍ତ୍ରରେ ମା'ଙ୍କ ପୀଠ କମ୍ପୁଛି । ମାନସିକଧାରୀ ଭକ୍ତମାନଙ୍କ ପାଇଁ ଜଳୁଛି ଅଖଣ୍ଡ ଦୀପ । ଭକ୍ତପ୍ରିୟ ମା ଦକ୍ଷିଣକାଳୀ । ମନ୍ତ୍ର-ତନ୍ତ୍ର-ଯନ୍ତ୍ର ଓ ବାମାଚାର ପୂଜାର୍ଚ୍ଚନାରେ ମହକୁଛି ମନ୍ଦିର ପରିସର । କାହିଁ କେଉଁଆଡୁ ଭକ୍ତମାନେ ଛୁଟି ଆସୁଛନ୍ତି ମାଙ୍କ ପୀଠକୁ । ମାଙ୍କ ପରମଭକ୍ତ ସେବକ ତଥା କାଳୀ ସାଧକ ଗିରିଶଚନ୍ଦ୍ର ବାନାର୍ଜୀ (ତାରୁ ଭାଇନା)ଙ୍କ ଭକ୍ତି ଭାବରେ ମା ସନ୍ତୁଷ୍ଟ ହୋଇ ମନ୍ଦିର ନିର୍ମାଣ ନିମନ୍ତେ ସ୍ୱପ୍ନାଦେଶ କରିଥିଲେ । ଚନ୍ଦନପୁର ନିକଟ ଶାସନଗ୍ରାମ ବୀରନରସିଂହପୁର ବାଇପାସ୍ ରାସ୍ତା ନିକଟରେ ଗ୍ରାମବାସୀଙ୍କ ସହଯୋଗ କ୍ରମେ ମାଙ୍କ ମନ୍ଦିର ନିର୍ମାଣ ହୋଇଛି । ମା'ଙ୍କ ମହିମା ଓ ପୂଜକଙ୍କ ସାଧନା ଯୋଗୁ ଭକ୍ତମାନେ ପ୍ରତିଦିନ ପୀଠକୁ ଆସୁଛନ୍ତି । ମାନସିକ ଧାରୀମାନେ ସେମାନଙ୍କ ମନସ୍କାମନା ପୂରଣ ହେବା ପରେ ମାଙ୍କ ପାଖରେ ପୂଜାର୍ଚ୍ଚନା କରୁଛନ୍ତି । ଭକ୍ତମାନଙ୍କ ସାହାର୍ଯ୍ୟ ଓ ସହଯୋଗରେ ନୂଆ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁରହିଛି । ନୂଆ ମନ୍ଦିରଟି ମା'ଙ୍କ ବାସ୍ତୁତତ୍ୱ ଅନୁସାରେ ନିର୍ମାଣ କାର୍ଯ୍ୟ ଚାଲିଛି । ନାଟମଣ୍ଡପ, ଭୋଗମଣ୍ଡପ ଓ ସିଂହାସନ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଭକ୍ତମାନଙ୍କ ପାଇଁ ବିଶ୍ରାମହଲ ଓ ପ୍ରସାଦସେବନ ହଲ ନିର୍ମାଣ ହେବ । ନୂଆ ମନ୍ଦିରରେ ୧୧ଟି ପାହାଚ ରହିଛି । ୧୦ଟି ବଡ଼ ବଡ଼ ପିଲରେ ଗଢିଉଠିଛି ମନ୍ଦିର ମୂଳଦୁଆ । ମନ୍ଦିର ପାର୍ଶ୍ୱ ଦେବାଦେବୀ ଭାବେ ବ୍ରାହ୍ମୀ, ମାହେଶ୍ୱରୀ ଓ ନାରାୟଣୀ ବିରାଜମାନ କରିବେ । ମନ୍ଦିର ବେଢା ପରିକ୍ରମା ପାଇଁ ସ୍ୱତନ୍ତ୍ର ସ୍ଥାନ ରଖାଯାଇଛି । ମାଙ୍କ ପୂଜାର୍ଚ୍ଚନା ପାଇଁ ପଛପାର୍ଶ୍ୱରେ ରହିଛି ମିଠା ଜଳପୂର୍ଣ୍ଣ କୁଅ । କୁଅ ପାଖରେ ରହିଛି ମାଙ୍କ ପୋଖରୀ । କାର୍ତ୍ତିକ ଅମାବାସ୍ୟା କାଳୀପୂଜା ପୂର୍ବରୁ ମା'ଙ୍କ ମାଟିମୂର୍ତ୍ତୀ ପାଇଁ ପୋଖରୀରୁ ମାଟି ଆସିଥାଏ । କଳସ ପାଇଁ ପାଣି ଅଣାଯାଏ । ଅତି ମନୋରମ ପରିବେଶରେ ରହିଛି ମାଙ୍କ ପୀଠ । ନାରୀକେଳ ବଗିଚା ବେଷ୍ଟନୀ ମଧ୍ୟରେ ମାଙ୍କ ମନ୍ଦିର । ଜଗନ୍ନାଥ ସଡ଼କର ଅପର ପାର୍ଶ୍ୱରେ ଶାସନ ଗ୍ରାମର ବାଉଁଶ ବୁଦାରେ ପବନ ମାଡ଼ ହୋଇ ସାଇଁ ସାଇଁ ଶବ୍ଦରେ ଭକ୍ତ ମନ ଆନ୍ଦୋଳିତ ହେଉଛି । ବଉଳର ବାସ୍ନା ଓ ଫୁଲମୟ ବାସ୍ନାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଖୁବ୍‌ଶୀଘ୍ର ରାସ୍ତା ପାର୍ଶ୍ୱରେ ନିର୍ମାଣ ହେବ ସୁସଜ୍ଜିତ ମାଙ୍କ ତୋରଣ । ଭକ୍ତଙ୍କ କାର ଓ ବାଇକ ପାଇଁ ରହିବ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା । ତୋରଣ ପାଖ ପ୍ରବେଶ ପଥରେ ଫୁଲ ବଗିଚା ନିର୍ମାଣ ହେବ । ମାଙ୍କ ପୀଠରେ ସ୍ୱତନ୍ତ୍ର ପୂଜାସାମଗ୍ରୀ ପାଇଁ ତିନୋଟି ଦୋକନ ରହିଛି । ମାଙ୍କ ପୂଜାର୍ଚ୍ଚନା ପାଇଁ ଶାଢି, ଶଙ୍ଖା, ସିନ୍ଦୁର, ଦୀପ, ଘିଅ, ଚୁନରୀ ଘେର ସହ ମା'ଙ୍କ ଫଟୋ ବିକ୍ରି ହେଉଛି । ମନ୍ଦିର ଚାରିପଟେ ପାଚେରି ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଉଛି । ସବୁ ମାଙ୍କ ଇଚ୍ଛା ଓ ଭକ୍ତଙ୍କ ସାହାର୍ଯ୍ୟରେ ନିର୍ମାଣ କାର୍ଯ୍ୟ ଚାଲିଛି । ମା'ଙ୍କ ଦୈନନ୍ଦିନ ନୀତିକାନ୍ତି ମଧ୍ୟରେ ସକାଳ ସାଢେ ୭ଟା ମଧରେ ମଙ୍ଗଳଆଳତି, ୧୨ଟା ୩୦ରେ ଶୀତଳଭୋଗରେ ଫଳ ଓ ମିଠା ଭୋଗ କରାଯାଇଥାଏ । ମଧ୍ୟାହ୍ନ ୧-୩୦ରୁ ୨-୩୦ ମଧ୍ୟରେ ସଙ୍କୁଡ଼ି ଭୋଗରେ ଖେଚଡ଼ି ଅନ୍ନ, ଡ଼ାଲମା ଓ ମାଛ ବେସର ରହିଛି । ପାଞ୍ଜି ଅନୁସାରେ ସଂଧ୍ୟା ଆଳତି ପ୍ରତ୍ୟେହ ଅନୁଷ୍ଠିତ ହୋଇଥାଏ । ରାତି ୮ଟାରେ ଛେନା ରାବିଡ଼ି ଭୋଗ ହୋଇଥାଏ । ପରେ ପରେ ବଡ଼ସିଂହାର ବେଶ ହୋଇ ପହୁଡ଼ ପଡ଼ିଥାଏ । ପ୍ରତି ସପ୍ତାହର ମଙ୍ଗଳବାର ଓ ଶନିବାର ଦିନ ଭକ୍ତଙ୍କ ଗହଳି ଲାଗିଥାଏ । ବିଶେଷ କରି ପ୍ରତିମାସ ସଂକ୍ରାନ୍ତିରେ ଅନେକ ଭକ୍ତ ମାଙ୍କ ବେଶ ସହ ଦର୍ଶନ କରିଥାନ୍ତି । ସଂକ୍ରାନ୍ତି ଦିନ ମା'ଙ୍କର ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହୁଏ । ମନ୍ଦିରରେ ପୂଜାର୍ଚ୍ଚନା ଓ ଅନ୍ୟାନ୍ୟ କାମରେ ବଙ୍ଗୀୟ ବ୍ରାହ୍ମଣମାନଙ୍କ ମଧ୍ୟରେ ଚଣ୍ଡୀପ୍ରସାଦ ବାନାର୍ଜୀ, ଅନିକେତ ବାନାର୍ଜୀ, ଆଲୋକ ବାନାର୍ଜୀ , ହାରାଧନ ବାନାର୍ଜୀ, ସରୋଜ ବାନାର୍ଜୀ, ଭବାନି ବାନାର୍ଜୀ, ସତ୍ୟଜିତ୍ ବାନାର୍ଜୀ, ଦୁର୍ଗାପ୍ରସାଦ ବାନାର୍ଜୀ, କାଳିପ୍ରସାଦ ବାନାର୍ଜୀ ଓ ସଚ୍ଚିନ୍ଦ୍ର ବାନାର୍ଜୀ ପ୍ରମୁଖ ସହଯୋଗ କରୁଛନ୍ତି ।

# ଯନ୍ତ୍ରୀ ଓ ଠିକାଦାର ମାଲେ ମାଲ୍: ବର୍ଷେ ନପୁରୁଣୁ ପ୍ରଧାନମନ୍ତ୍ରୀ ଆବାସ ଘରର କେନ୍ଦ୍ର ଫାଟି ଆଁ କଲାଣି

ହରିଚନ୍ଦନପୁର,୨୫/୮ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଦାରିଦ୍ର୍ୟ ଦୂରିକରଣ ପାଇଁ ଲୋକମାନଙ୍କ ପାଖରେ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ଉପରେ ଯୋଜନା ପ୍ରଣୟନ କରି ଚାଲିଛନ୍ତି । ହେଲେ କେତେକ ଲାଭ ଖୋର୍ ସରକାରୀ ବାବୁ ମାନଙ୍କ ପାଇଁ ଉକ୍ତ ଯୋଜନା ଗୁଡିକ କେବଳ ଯୋଜନାରେ ହିଁ ସୀମିତ ରହିଯାଉଛି । ହିତାଧିକାରୀଙ୍କ ଠାରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଗୁଡ଼ିକୁ ଠିକାଦାର ପ୍ରଲୋଭନ ଦେଖାଇ ହାତେଇ ନେଇ ଯନ୍ତ୍ରୀ ସହ ସଲା ସୁତରା କରି ଅତି ନିମ୍ନମାନର କାର୍ଯ୍ୟ କରି ବିଲ୍ ଉଠାଇ ନେଇଛି । ଯାହା ଫଳରେ ଏକ ବର୍ଷ ନପୂରୁଣୁ ନିର୍ମାଣ ଘର ଗୁଡ଼ିକର କାନ୍ଥ ଗୁଡ଼ିକ ଫାଟି ଆଁ କରିଥିବାକୁ ନେଇ ହିତାଧିକାରୀଙ୍କ ପରିବାର ଭୟଭୀତ ଅବସ୍ଥାରେ ରହୁଥିବା ଅଭିଯୋଗ ହୋଇଛି । ଏମିତି ଏକ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଟାଙ୍ଗିରିଆପାଳ ଗ୍ରାମପଞ୍ଚାୟତ ଗଦୁଆଁ ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମର ହେମ ମହାପାତ୍ର, କୁମୁଦିନୀ ନାୟକଙ୍କ ଆବାସ ଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଗ୍ରାମର ଠିକାଦାର କବୀର୍ ନାୟକ ନିଜ ହାତକୁ ନେଇଥିଲେ । ସେ ଅତି ନିମ୍ନମାନର କାର୍ଯ୍ୟ କରି ଗୃହ ଗୁଡ଼ିକର ସମ୍ପୂର୍ଣ୍ଣ ଅନୁଦାନ ରାଶି ହାତେଇ ନେଇଥିବା ଉକ୍ତ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ସରପଟଂଙ୍କୁ ପଚାରିବାରୁ ସରପଟଂଙ୍କ ସ୍ୱାମୀ କହିଲେ, ସେହି ଇଟା ପାଇଁ କାନ୍ଥ ଗୁଡ଼ିକ ଫାଟି ଯାଉଛି । ସେହି ଗାଁକୁ ଯେତିକି ଘର ଆସିଛି ସମସ୍ତଙ୍କର ସେହି ଅବସ୍ଥା, ସମସ୍ତଙ୍କର କାନ୍ଥ ଫାଟି ଯାଉଛି। ଗରିବ ଶ୍ରେଣୀର ଲୋକମାନେ ଭଙ୍ଗା ଦଦରା ଘରେ ଦୁର୍ଦ୍ଦିନରେ ଜୀବନ ବିତାଉଥିବା ବେଳେ ଘର ଖଣ୍ଡିଏ ପାଇଁ ପଚାଂୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଅନେକ ଟଙ୍କା ଖର୍ଚ୍ଚ କରି ବହୁତ କଷ୍ଟରେ ବାସଗୃହ ଯୋଜନାରେ ଅନ୍ତର୍ଭୁକ୍ତ ହେଉଛନ୍ତି ।

# ବିଦ୍ୟୁତ ସମସ୍ୟାରେ ହନ୍ତସନ୍ତ ବ୍ରାହ୍ମଣୀଗାଁ ପଂଚାୟତର ଶହେଟି ଗ୍ରାମର ଲୋକେ

କନ୍ଧମାଳ,୨୫/୮ (ନି.ପ୍ର): ଗଜପତି ଜିଲା ମୋହନା ଠାରୁ ବାହ୍ମଣୀ ଗାଁ କୁ ୩୩ କେଭି ବିଦ୍ୟୁତ୍ ସରୋବରାହ ସଂଯୋଗ ହୋଇଛି । ହେଲେ କନ୍ଧମାଳ ଜିଲାର କାଟିଙ୍ଗିଆ,କୁମ୍ଭାରୀ ଗାଁ ,ଝିଞ୍ଜିରି ଗୁଡା, ଗଦାପୁର, ସରାମୂଳା, ତାଜୁଙ୍ଗିଆ, ହାତୀମୁଣ୍ଡା ଓ ବାହ୍ମଣୀ ଗାଁ ପଂଚାୟତର ପ୍ରାୟ ୧୦୦ ଗ୍ରାମକୁ ବିଦ୍ୟୁତ ସଂଯୋଗ ରହିଛି । ପ୍ରାୟ ୩ ମାସ ହେଲା ବାହ୍ମଣୀ ଗାଁ ଅଂଚଳରେ ବିଦ୍ୟୁତ ସମସ୍ୟା ଲାଗି ରହିଛି । ଫଳରେ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ପିଲା ମାନଙ୍କ ପାଠ ପଢା ସାଙ୍ଗକୁ ଫୋନ୍ ରିଚାର୍ଯ ହଉନାହିଁ କି ନେଟୱାର୍କ ଟାୱାର ଚାଲୁନାହିଁ । ଅନ୍ୟପଟେ ବ୍ୟବସାୟୀ ମାନଙ୍କ ସମସ୍ୟା ବଢିଯାଉଛି ସବୁଠାରୁ ବଡ ସମସ୍ୟା ହେଲା ଏହି ଗ୍ରାମର ଲୋକଙ୍କୁ ସ୍ୱସ୍ଥ୍ୟ ସେବା ପାଇବାରେ ମଧ୍ୟ ଅନେକ ସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଗଲେ ମଧ କୌଣସି ସୁଫଳ ମିଳୁନାହିଁ । ସ୍ଥାନୀୟ ବାଣିଜ୍ୟ ସଂଘର ସଭାପତି ଓ ବଜାର ବାସିନ୍ଦା ଲିଖିତ ଭାବେ ଜିଲାପାଳ ଏବଂ ବିଭାଗୀୟ କର୍ତୃପକ୍ଷଙ୍କ ନିକଟକୁ ଲିଖିତ ଅବଗତ ପରେ ମଧ ବିଦ୍ୟୁତ ସୁଧାରର ସମାଧାନ ହୋଇ ପାରୁନାହିଁ । ଆଗାମୀ ୧୫ ଦିନ ମଧରେ ଏହି ସମସ୍ୟାର ସମାଧାନ କରା ନଗଲେ ଆନ୍ଦୋଳନ କରାଯିବ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଝାଲପଡାରେ ଭୟାବହ ଅଗ୍ନିକାଣ୍ଡ ଘଟଣା, ଅଗ୍ନି ବିପନ୍ନ ପରିବାରଙ୍କ ନିକଟରେ ପଂହଚିଲା ପ୍ରଶାସନ

ଧର୍ମଶାଳା,୨୫/୮ (ନି.ପ୍ର): ଯାଜପୁର ସଦର ଥାନା ଅନ୍ତର୍ଗତ ଝାଲପଡା ପଂଚାୟତସ୍ଥ ଝାଲପଡା ୧୩ ନମ୍ବର ୱାଡରେ ଗତ କାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ଏହି ଅଗ୍ନିକାଣ୍ଡ ଘଟି ଗ୍ରାମର ଗଦାଧର ବାରିକ ଓ ତାଙ୍କ ବଡପୁଅ ଧନଞ୍ଜୟଙ୍କର ମୋଟ ୫ ବଖରା ସହ ଗୋଟିଏ ରୋଷେଇ ଘର ଏବଂ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି । ଏପରିକି ଅଗ୍ନି ବିପନ୍ନ ପରିବାର ଏବେ ବେଘର ହୋଇପଡିଛନ୍ତି । କଂସାବାସନ, ଲୁଗାପଟା, ଆଲମିରା, ଟିଭି, ସାଇକେଲ, ଜମି ପଟ୍ଟା , ୩ଟି ଖଟ,ବହୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ଝିଅ ବିବାହ ପାଇଁ ରଖିଥିବା ସୁନା ଅଳଙ୍କାର , ନଗଦ ୧ଲକ୍ଷ ପୋଡି ପାଉଁ ହୋଇଯାଇଛି । ରାତି ତମାମ ଖୋଲଶ ଆକାଶ ତଳେ ରହିଥିବା ଜଣାପଡଇଛି । ଏହି ଖବର ପ୍ରଚାରିତ ହେବା ପରେ ସକାଳୁ ସକାଳୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ବ୍ଲକ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପଂହଚି ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଦେବାକୁ ପ୍ରତିଶୃତି ହେଇଛନ୍ତି । ଆଜି ସକାଳେ ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ, କାକୁଡିକୁଦ ସର୍କଲ ରାଜସ୍ୱ ନିରୀକ୍ଷକ ସଂଜୟ ଦାସ, ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ,ବରିଷ୍ଠ ନେତା ଗଣେଶ ମହାକୁଡ, ଝାଲପଡା ସରପଂଚ ନିର୍ମଳ ସାମଲ,ସମିତି ସଭ୍ୟାଙ୍କ ପ୍ରତିନିଧି ସୁରେନ୍ଦ୍ର ସାହୁ,ବାଲିବିଲି ସରପଂଚ ସନ୍ତୋଷ ସାମଲ, ଯୁବନେତା ଅନିଲ ସାହାଣୀ,ଝାଲପଡା ପୂର୍ବତନ ସରପଂଚ ପ୍ରମୋଦ ନାୟକ ଓ ତ୍ରୈଲୋକ୍ୟ ନାୟକ ପ୍ରମୁଖ ଅଗ୍ନିବାପନ ପରିବାରଙ୍କ ନିକଟରେ ପଂହଚି ପାଲ ସହ ଶୁଖିଲା ଖାଦ୍ୟ ଦେଇଥିଲେ । ମଧ୍ୟାହ୍ନରେ ପଂଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ଦିଆଯାଇଥିଲା । ତହସିଲଦାର ଏହି ଘଟଣାର ଅନୁଧ୍ୟାନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି । ଅପରାହ୍ନରେ ବରୀ ନିର୍ବାଚନ ମଣ୍ଡଳୀର ମାର୍ଗଦର୍ଶକ ଦେବେନ୍ଦ୍ର ଦାସ ଝାଲପଡାରେ ପଂହଚି ଅଗ୍ନିବିପନ୍ନ ପରିବାରଙ୍କ ସହ ଆଲୋଚନା କରିବା ସହ ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଛି ।

ସୂଚନା ଥାଉକି ସୋମବାର ବିଳମ୍ବିତ ରାତିରେ ଝାଲପଡା ଗ୍ରାମର ଗଦାଧରଙ୍କ ଘରେ ନିଆଁ ଲାଗିଯାଇଥିଲା । ଫଳରେ ପରିବାର ୮ ଜଣ ସଦସ୍ୟ ନିଜ ଜୀବନକୁ ରକ୍ଷା କରି ବାହାରକୁ ଚାଲିଆସିଥିଲେ । ହେଲେ ଗ୍ରାବାସୀ ନିଆଁକୁ ଆୟତ କରି ବିଫଳ ହୋଇଥିଲେ । ଏନେଇ ଗ୍ରାମବାସୀ ଅଗ୍ନୀଶମ ବିଭାଗର ସହାୟତା ନେଇଥିଲେ । ହେଲେ ବହୁ ବିଳମ୍ବରେ ରସୁଲପୁର ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚିବା ପୂର୍ବରୁ ଘର ସମସ୍ତ ସମ୍ପତି ପୋଡି ପାଉଁଶ ହୋଇଯାଇଥିଲା ।

# ସାଂସଦ ମହେଶ ସାହୁଙ୍କ ଦ୍ୱାରା ମୋ ସ୍କୁଲ ଅଭିଯାନ କାର୍ଯ୍ୟର ସମୀକ୍ଷା

ଭୁବନ,୨୫/୮ (ନି.ପ୍ର): ସାଂସଦ ମହେଶ ସାହୁ ଏକ ଦିନିକିଆ ଗସ୍ତରେ ଭୁବନ ଆସି 'ମୋ ସ୍କୁଲ ଅଭିଯାନ'ରେ ଭୁବନ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଡିଇଓ ନିବେଦିତା ପାଣି ,ମୋ ସ୍କୁଲ ଅଭିଯାନର ଆବାହକ ଯୁବ ସମାଜସେବୀ ଶୁଭେନ୍ଦୁ ସାହୁ , ଶିକ୍ଷକ ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ସମେତ ସଭାପତି ପ୍ରଭାସ କୁମାର ସେନାପତି, ପଣ୍ଡିତ ମାତୃପ୍ରସାଦ ମିଶ୍ର ,ସୁଶାନ୍ତ କୁମାର ପୃଷ୍ଟି ,ଜୟଗୁରୁ ପାତ୍ର, ଦେବାନନ୍ଦ ସାହୁ, ପପୁ ସାହୁ ପ୍ରମୁଖ ସାଂସଦ ଶ୍ରୀଯୁକ୍ତ ସାହୁଙ୍କୁ ନିର୍ମାଣଧିନ ନୂତନ ଗୃହ ବୁଲି ଦେଖାଇଥିଲେ । ମୋ ସ୍କୁଲ ଅଭିଯାନ ରେ ସାମିଲ ଥିବା ସମସ୍ତ ପୁରାତନ ଛାତ୍ର ତଥା କମିଟି ସଦସ୍ୟଙ୍କୁ ଉଚ୍ଚ ପ୍ରଶଂସା କରି ବାସ୍ତବରେ ସ୍କୁଲର ନବକଳେବର କୁ ସାଂସଦ ମହେଶ ଭୂୟସୀ ପ୍ରଶଂସା କରିଥିଲେ ।

# କଥା କଳାହାଣ୍ଡିର



ଦିଲ୍ଲୀପ କୁମାର ସାହୁ

**ଓଡିଶାର ଏକ ଆଦିବାସୀ ବହୁଳ ଜିଲ୍ଲା କଳାହାଣ୍ଡି । ପାହାଡ ପର୍ବତ ଘେରା ଏହି ଜିଲ୍ଲାର ନାଁ ଶୁଣିଲେ ଜିଲ୍ଲା ବାହାର ଲୋକଙ୍କ ମନରେ ଛନକା ପଶିଯାଏ ।ଏ ଜିଲ୍ଲାରେ ଅନେକ ସମସ୍ୟା ରହିଛି ସତ ହେଲେ ପ୍ରାଚୁର୍ଯ୍ୟରେ ଭରପୁର ଏ କଳାହାଣ୍ଡି ମାଟି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏ ଜିଲ୍ଲା । କଳାହାଣ୍ଡିର ପରମ୍ପରା ଓ ସଂସ୍କୃତିର ରହିଛି ସ୍ୱତନ୍ତ୍ରତା । ଏ ଜିଲ୍ଲାର ପାଣି ପବନ ଯେମିତି ପ୍ରଦୂଷଣ ମୁକ୍ତ, ଏ ଅଂଚଳର ଲୋକଙ୍କର ମନ ମଧ୍ୟ ସେହିପରି ଶାନ୍ତ ଓ ସରଳ । ସେଇଥିପାଇଁତ ବାହାରୁ ଯିଏ ଥରେ ଏ ଜିଲ୍ଲାକୁ ଆସିଛି ସିଏ ଆଉ ଫେରିବାର ନାଁ ଧରିନି । ବରଂ ଏ ମାଟିର ମୋହରେ ସିଏ ସତେ ଯେମିତି ବାନ୍ଧି ହୋଇଯାଇଛି ।**

ଓଡିଶାର ଏକ ଆଦିବାସୀ ବହୁଳ ଜିଲ୍ଲା କଳାହାଣ୍ଡି । ପାହାଡ ପର୍ବତ ଘେରା ଏହି ଜିଲ୍ଲାର ନାଁ ଶୁଣିଲେ ଜିଲ୍ଲା ବାହାର ଲୋକଙ୍କ ମନରେ ଛନକା ପଶିଯାଏ ।ଏ ଜିଲ୍ଲାରେ ଅନେକ ସମସ୍ୟା ରହିଛି ସତ ହେଲେ ପ୍ରାଚୁର୍ଯ୍ୟରେ ଭରପୁର ଏ କଳାହାଣ୍ଡି ମାଟି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏ ଜିଲ୍ଲା । କଳାହାଣ୍ଡିର ପରମ୍ପରା ଓ ସଂସ୍କୃତିର ରହିଛି ସ୍ୱତନ୍ତ୍ରତା । ଏ ଜିଲ୍ଲାର ପାଣି ପବନ ଯେମିତି ପ୍ରଦୂଷଣ ମୁକ୍ତ, ଏ ଅଞ୍ଚଳର ଲୋକଙ୍କର ମନ ମଧ୍ୟ ସେହିପରି ଶାନ୍ତ ଓ ସରଳ । ସେଇଥିପାଇଁତ ବାହାରୁ ଯିଏ ଥରେ ଏ ଜିଲ୍ଲାକୁ ଆସିଛି ସିଏ ଆଉ ଫେରିବାର ନାଁ ଧରିନି । ବରଂ ଏ ମାଟିର ମୋହରେ ସିଏ ସତେ ଯେମିତି ବାନ୍ଧି ହୋଇଯାଇଛି ।

ସ୍ୱାଧୀନତା ପୂର୍ବରୁ କଳାହାଣ୍ଡି ଥିଲା ଏକ ଦେଶୀୟ ରାଜ୍ୟ । ନାଗ ବଂଶର ଶାସକ ମାନେ ଏହି ରାଜ୍ୟକୁ ଶାସନ କରୁଥିଲେ । ରାଜ୍ୟର ରାଜଧାନୀ ଥିଲା ଭବାନୀପାଟଣା ସହର, ଯାହାକି ଏବେ ଜିଲ୍ଲାର ସଦର ମହକୁମା । କଳାହାଣ୍ଡିର ପୁରାତନ ନାମଥିଲା କାରୋଣ୍ଡ ବା ମହାକାନ୍ତାର । ଦଶମ ଶତାବ୍ଦୀରୁ ଏହା ନାଗବଂଶୀୟ ଶାସକ ମାନଙ୍କ ଦ୍ୱାରା ଶାସିତ ହୋଇ ଆସୁଥିଲା । ମରହଟ୍ଟା ମାନେ ଓଡିଶା ଦଖଲ କଲା ପରେ କଳାହାଣ୍ଡିର ମହାରାଜା ସେମାନଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କଲେ । ସେହି ଭଳି ରାଜ୍ୟ ଇଂରେଜ ଦଖଲକୁ ଆସିଗଲା ପରେ ସେହି ନାଗବଂଶୀୟ ଶାସକ ମାନେ ଇଂରେଜ ମାନଙ୍କ ପ୍ରତିନିଧୀ ମଧ୍ୟ ପାଲଟିଗଲେ । ଫଳରେ ଦଶମ ଶତାବ୍ଦୀରୁ ଦେଶ ସ୍ୱାଧୀନ ହେବାଯାଏ ଦୀର୍ଘ ହଜାର ବର୍ଷ ଧରି କଳାହାଣ୍ଡି ଥିଲା ନାଗବଂଶ ମହାରାଜା ମାନଙ୍କ ପ୍ରତ୍ୟକ୍ଷ ଶାସନରେ । ଦୀର୍ଘ ହଜାର ବର୍ଷ ଧରି ଗୋଟିଏ ବଂଶର ରାଜା ମହାରାଜା ମାନେ ରାଜ୍ୟ ଶାସନର ଦାୟିତ୍ୱରେ ରହିବା ଏକ ବିରଳ ଘଟଣା ।

ଦେଶର ସ୍ୱାଧିନତା ସଂଗ୍ରାମକୁ ମଧ୍ୟ କଳାହାଣ୍ଡିର ଦାନ ଅତୁଳନୀୟ । ଏ ମାଟିର କନ୍ଧ ନେତା ରେଣ୍ଡୋମାଝି ଇଂରେଜ ମାନଙ୍କ ବିରୁଦ୍ଧରେ ସଂଗ୍ରାମକରି ଶେଷରେ ତାଙ୍କ ହାତରେ ପ୍ରାଣ ହରାଇଥିଲେ । ଇତିହାସର ଉହାଡରେ ରହିଯାଇଥିବା ସେହି ବୀର ସହିଦ ସାରା ଦେଶ ବାସୀଙ୍କର ଚିର ନମସ୍ୟ । ?

ଦେଶ ସ୍ୱାଧନ ହେବା ପରେ କଳାହାଣ୍ଡି ଓଡିଶାର ଅନ୍ୟତମ ଜିଲ୍ଲା ବଲାଙ୍ଗୀର ସହିତ ମିଶି କରି ରହିଥିଲା । ୧୯୫୦ ମସିହା ନଭେମ୍ବର ମାସ ଏକ ତାରିଖ ଦିନ ଏହା ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା । ତା ପରଠାରୁ ଜିଲ୍ଲାର ମୁଖ୍ୟାଳୟ ସମେତ ସମସ୍ତ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ପ୍ରତିଷ୍ଠା କରାଗଲା ଭବାନୀପାଟଣା ଠାରେ, ଯାହାକି ଏବେ ଓଡିଶାର ଏକ ପ୍ରମୁଖ ସହର । ପ୍ରାରମ୍ଭରେ କଳାହାଣ୍ଡି ଜିଲ୍ଲାରେ ରହିଥିଲା ତିନିଗୋଟି ଉପଖଣ୍ଡ । ଭବାନୀପାଟଣା, ଧର୍ମଗଡ ଓ ନୂଆପଡା । ୧୯୯୨ ମସିହାରେ ଓଡିଶାରେ ଜିଲ୍ଲା ଗୁଡିକର ପୁନର୍ଗଠନ କରାଗଲା । ସେତେବେଳେ ନୂଆପଡା ଉପଖଣ୍ଡ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇ କଳାହାଣ୍ଡିଠାରୁ ଅଲଗା ହୋଇଗଲା । ଏବେ ଦୁଇଗୋଟି ଉପଖଣ୍ଡ ଓ ୧୩ ଗୋଟି ବ୍ଲକ କୁ ନେଇ ଗଠିତ ଏହି କଳାହାଣ୍ଡି ଜିଲ୍ଲା । ୨୦୧୧ ଜନ ଗଣନା ଅନୁଯାୟୀ ଜିଲ୍ଲାର ଲୋକସଂଖ୍ୟା ପ୍ରାୟ ୧୫ ଲକ୍ଷ । ଆଦିବାସୀ ଅଧ୍ୟୁଷିତ ଏହି କଳାହାଣ୍ଡି ଜିଲ୍ଲାରେ ସାଧାରଣତଃ ଗଣ୍ଡ, କନ୍ଧ, ପରଜା ଆଦି ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ଜିଲ୍ଲାଟି ଯଦିଓ ଆଦିବାସୀ ବହୁଳ, ଏହାର ମୁଖ୍ୟାଳୟ ଭବାନୀପାଟଣା ସହରରେ କିନ୍ତୁ ସବୁ ଧର୍ମ ଓ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ତେଣୁ ଏ ସହରରେ ମନ୍ଦିର ରହିଛି, ରହିଛି ଗିର୍ଜା । ମସଜିଦ୍ ଅଛି ଓ ଗୁରୁଦ୍ୱାର ମଧ୍ୟ ରହିଛି ଏଠାରେ । ଧର୍ମ ନିରପେକ୍ଷତା ଓ ଭାଇଚ୍ଛାରା ଏହି ସହରର ଅନନ୍ୟ ପରମ୍ପରା ।

ଏ ଜିଲ୍ଲାକୁ ଯିଏ ଥରେ ଆସିଛି ଏହାର ସୌନ୍ଦର୍ଯ୍ୟ ଓ ପରମ୍ପରା ତାକୁ ବାନ୍ଧି ରଖିଛି । ଏ ଜିଲ୍ଲାରେ ରହିଛି ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସ୍ଥାନ । ଯାହାକୁ ଯେତେଥର ଦେଖିଲେ ମଧ୍ୟ ତାହା ନୂଆ ଦିଶୁଥାଏ । ତେଣୁ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥଳୀ ।

ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ଗୁଡିକ ମଧ୍ୟରେ ଅନ୍ୟତମ ଫୁଲରିଝରଣ, ଡୋକ୍ରିଚଞ୍ଚରା, ରାବଣଦର ଆଦି ଜଳ ପ୍ରପାତ, ପୂଣ୍ୟତୋୟା ଇନ୍ଦ୍ରାବତୀର ଏନ୍ତୁଡିଶାଳ ଥୁଆମୂଳ ରାମପୁର, ଗୁଡହାଣ୍ଡିର ପ୍ରସ୍ତର ଯୁଗୀୟ କଳାକୃତି ଏବଂ ବେଲଖଣ୍ଡିର ପ୍ରାଚୀନ କିର୍ତ୍ତୀରାଜି । ମା ମାଣିକେଶ୍ୱରୀ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ । ଦେବୀଙ୍କ ପ୍ରାଚୀନ ମନ୍ଦିରଟି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ମନ୍ଦିରଟି କଳାହାଣ୍ଡି ରାଜପ୍ରାସାଦର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ।

ଫୁଲରିଝରଣ ଜଳ ପ୍ରପାତଟି ଭବାନୀପାଟଣା ସହରଠାରୁ ୧୨ କିଲୋମିଟରର ଦୂରରେ କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ । ଶଗଡାନାଳା ବଣ ଝରଣାଟି ଏଠାରେ ପ୍ରାୟ ପଚାଶ ଫୁଟ ଉଚ୍ଚରୁ ଲମ୍ଫ ପ୍ରଦାନ କରି ସୃଷ୍ଟି କରିଛି ଏହି ଜଳ ପ୍ରପାତ । ଘନ ବନରାଜି ମଧ୍ୟରେ ଜଳ ପ୍ରପାତଟିର ଅବସ୍ଥିତି ପର୍ଯ୍ୟଟକଙ୍କ ମନ ମୋହିନେଇଥାଏ ।



ଫୁର୍ଲୀ ଝରଣ

ଭବାନୀପାଟଣା ସହରର ପୂର୍ବକୁ ୧୮ କିଲୋମିଟର ଗଲେ ପଡେ ରାବଣଦର ଜଳପ୍ରପାତ । ଗୁଣ୍ଡି ପାହାଡର ଶିଳା ଶନ୍ଧିରୁ ସୃଷ୍ଟ ପିପଲନାଲା ବଣଝରଣା ଅଙ୍କା ବଙ୍କା ପଥରେ ଗତିକରି ପଥ ମଧ୍ୟରେ ସୃଷ୍ଟି କରିଛି ଦୁଇଗୋଟି ଜଳପ୍ରପାତ । ଏହା ସହିତ ସବୁଜିମା ଭରା ଘଞ୍ଚ ଜଙ୍ଗଲ ଓ ଢେଉ ଢେଉକା ପର୍ବତମାଳା ସ୍ଥାନର ଶୋଭାକୁ ବହୁଗୁଣିତ କରିଥାଏ ।

 କଳାହାଣ୍ଡି ଜିଲ୍ଲାର ଅନ୍ୟ ଏକ ପର୍ଯ୍ୟଟନ ସ୍ଥଳୀ ହେଲା ଡୋକ୍ରିଚଞ୍ଚରା । କୋକସରା ବ୍ଲକ ଅନ୍ତର୍ଗତ ଏହି ସ୍ଥାନର ଦୂରତା ଭବାନୀପାଟଣା ସହରଠାରୁ ପ୍ରାୟ ୬୦ କିଲୋମିଟର ଏଠାରେ ବିରାଟ ପଥର ଚଟାଣ ରହିଛି ଯାହାକୁ ସ୍ଥାନୀୟ ଭାଷାରେ କୁହାଯାଏ ଚଞ୍ଚରା । ଏ ସ୍ଥାନର ଆରାଧ୍ୟା ଦେବୀ ହେଉଛନ୍ତି ଡୋକ୍ରୀ ବୁଢୀ । ତେଣୁ ଏହା ଡୋକ୍ରୀଚଞ୍ଚରା ଭାବରେ ଖ୍ୟାତ । ଏଠାରେ ରହିଛି ତିନିଗୋଟି ଜଳପ୍ରପାତ । ସର୍ବାଗ୍ରେଥିବା ପ୍ରପାତର ନାମ ଭୈରବଦର । ଭୈରବ ଦରର ଦୃଶ୍ୟ ଯେପରି ମନୋରମ ଏଠାରେ ସ୍ନାନ କରିବା ମଧ୍ୟ ସେହିପରି ଉପଭୋଗ୍ୟ । ମଧ୍ୟ ଭାଗରେ ଥିବା ପ୍ରପାତଟିର ନାମ ସାନ ଘୁମର । ଏହି ସ୍ଥାନର ଦୃଶ୍ୟ ଖୁବ୍ ଚିତ୍ତାକର୍ଷକ । ଡୋକ୍ରିଚଞ୍ଚରା ର ନିମ୍ନଭାଗର ପ୍ରପାତଟିର ନାମ ଡୋକ୍ରିଦର । ଏହାମଧ୍ୟ ପର୍ଯ୍ୟଟକଙ୍କ ମନକୁ ମୋହି ନେଇଥାଏ । ଏହି ଜିଲ୍ଲାରେ ଥିବା ଐତିହାସିକ କିର୍ତ୍ତୀ ହେଲା ବେଲଖଣ୍ଡି । ତେଲ ଓ ଉତେଇ ନଦୀର ସଂଗମସ୍ଥଳରେ ଏହା ରହିଛି । ଏହା ସପ୍ତମାତୃକା ଓ ଅଷ୍ଟଶମ୍ଭୁ ପୀଠ ଭାବରେ ଖ୍ୟାତ । କେତେକ ଏହାକୁ ସପ୍ତମ ଶତାବ୍ଦୀର କିର୍ତ୍ତୀ କହୁଥିବାବେଳେ ଆଉ କେତେକ ଏହା ନବମ ଶତାବ୍ଦୀର ବୋଲି ମତ ଦିଅନ୍ତି । ଉତେଇ ଓ ତେଲ ନଦୀର ବନ୍ୟା ଯୋଗୁ ଏହି କିର୍ତ୍ତୀରାଜି ମାଟିତଳେ ପୋତି ହୋଇ ରହିଥିଲା । ଷାଠିଏ ଦଶକରେ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଫଳରେ ଏହା ଲୋକ ଲୋଚନକୁ ଆସିଲା ।



ଡୋକ୍ରି ଚଞ୍ଚରା

କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲ ପାଟଣା ଏକ ଚିତ୍ତାକର୍ଷକ ଦର୍ଶନୀୟ ସ୍ଥାନ । ଏଠାରେ ଇନ୍ଦ୍ରାବତୀ ନଦୀକୁ ବନ୍ଧାଯାଇ ସୃଷ୍ଟି କରାଯାଇଛି ବିରାଟ ଜଳ ଭଣ୍ଡାର । ସେହି ଜଳଭଣ୍ଡାରରେ ପ୍ରତିବର୍ଷ ଜିଲ୍ଲା ସଂସ୍କୃତି ବାଭାଗ ପକ୍ଷରୁ ନୌକା ଚାଳନା ପ୍ରତିଯୋଗୀତାର ଆୟୋଜନ କରାଯାଇଥାଏ । ଯାହାକି ପର୍ଯଟକଙ୍କୁ ଦେଇଥାଏ ଭରପୁର ଆନନ୍ଦ । ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ଯୋଜନାର ମଧ୍ୟ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ରହିଛି । ବହୁ ଦୂରରୁ ଏହାର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିହୁଏ ।

ଏହି ଇନ୍ଦ୍ରାବତୀ ନଦୀର ସୃଷ୍ଟି କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ମର୍ଡିଗୁଡା ଗ୍ରାମରୁ । ଏକ ଆମ୍ବ ଗଛ ମୂଳରୁ ତିନିଧାର ହୋଇ ଏହାର ସୃଷ୍ଟି । ଏଇ ତିନି ଗୋଟି ଧାର ଯେ ଏକ ବିରାଟ ନଦୀର ରୂପ ନେଇଛି ତାହା କେବେ କଳ୍ପନା କରିହୁଏ ନାହିଁ ।

ବଣ ପାହାଡ ଘେରା ଇନ୍ଦ୍ରାବତୀର ଏନ୍ତୁଡିଶାଳ ଭାବରେ ଖ୍ୟାତ ଏହି ଥୁଆମୂଳ ରାମପୁର ର ଘାଟି, ପାହାଡପର୍ବତ ଓ ଘଞ୍ଚ ବଣଜଙ୍ଗଲ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ।

ହସ୍ତକଳା ପାଇଁ ମଧ କଳାହାଣ୍ଡିର ରହିଛି ସ୍ୱତନ୍ତ୍ରତା । ଜିଲ୍ଲାର ଚିଚେଇଗୁଡା ଗାଁ ହସ୍ତତନ୍ତ ଶାଢୀ ପାଇଁ ବେଶ୍ ପ୍ରଶିଦ୍ଧ । ସେହିଭଳି ଖଇରପଦର ଗାଁ ର କାଠକାମ ସମସ୍ତଙ୍କ ମନ ମୋହିନିଏ । କଳାହାଣ୍ଡି ବୁଲି ଆସୁଥିବା ଲୋକେ ଏସବୁ କିଣିବାକୁ ଜମା ଭୁଲନ୍ତି ନାହିଁ ।

ଏକଦା କଳାହାଣ୍ଡିକୁ ଏକ ଦୁର୍ଗମ ଅଞ୍ଚଳ କୁହାଯାଉଥିଲା । ଏବେ କିନ୍ତୁ ରାସ୍ତାଘାଟର ଉନ୍ନତି ଯୋଗୁ ଏଠାରେ ପହଞ୍ଚିବା ଖୁବ୍ ସହଜ ହୋଇପାରିଛି । ରାଜଧାନୀ ଭୁବନେଶ୍ୱରରୁ ଏହି ଜିଲ୍ଲାକୁ ନିୟମିତ ବସ୍ ଚଳାଚଳ କରିବା ସହିତ ଜିଲ୍ଲାକୁ ରେଳ ସଂଯୋଗୀକରଣ ଯାତାୟାତ ବ୍ୟବସ୍ଥାକୁ ସହଜ କରିପାରିଛି । ୨୦୧୨ ମସିହାରୁ ଜିଲ୍ଲାର ସଦର ମହକୁମା ଭବାନୀପାଟଣାକୁ ଆରମ୍ଭ ହୋଇଛି ରେଳ ଚଳାଚଳ । ଫଳରେ ଯାତ୍ରୀମାନେ ସହଜରେ ରାଜ୍ୟ ରାଜଧାନୀ ଭୁବନେଶ୍ୱରରୁ ଭବାନୀପାଟଣା ଯାତାୟାତ କରିପାରୁଛନ୍ତି । କଳାହାଣ୍ଡି ଜିଲ୍ଲାର ମୁଖ୍ୟ ରେଳ ଷ୍ଟେସନ କିନ୍ତୁ କେସିଙ୍ଗା । ଭବାନୀପାଟଣା ଠାରୁ ପ୍ରାୟ ୩୨ କିଲୋମିଟରର ଦୂରରେ ଅବସ୍ଥିତ ଏହି ରେଳ ଷ୍ଟେସନ ଦେଶର ପ୍ରମୁଖ ସହର ଗୁଡିକ ସହ ରେଳ ପଥଦ୍ୱାରା ସଂଯୁକ୍ତ । କଳାହାଣ୍ଡି ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ବୁଲି ଦେଖିବା ପାଇଁ ଇଚ୍ଛା କରୁଥିବା ରଖୁଥିବା ପର୍ଯ୍ୟଟକମାନେ ଏହି ଷ୍ଟେସନ ଦେଇ ଜିଲ୍ଲାକୁ ଆସିପାରିବେ ଓ ଏଠାରୁ ଟ୍ୟାକ୍ସିରେ ଯାଇ ଜିଲ୍ଲାର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ । ପର୍ଯ୍ୟଟକଙ୍କ ସୁବିଧା ପାଇଁ ଜିଲ୍ଲାର ସଦର ମହକୁମା ଭବାନୀପାଟଣା ଠାରେ ରହିଛି ଛୋଟବଡ ହୋଟେଲମାନ । ସେଠାରେ ସେମାନେ ସୁବିଧାରେ ରାତ୍ରୀଯାପନ ମଧ୍ୟ କରିପାରିବେ ।



ମାଣିକେଶ୍ୱରୀ ମନ୍ଦିର

କଳାହାଣ୍ଡି ଜିଲ୍ଲାର ପର୍ବ ପର୍ବାଣୀ ଓ ଉତ୍ସବ ପର୍ଯ୍ୟଟକଙ୍କ ପାଇଁ ଅନନ୍ୟ ଆକର୍ଷଣ । ସେହି ଉତ୍ସବ ଗୁଡିକ ମଧ୍ୟରୁ ଅନ୍ୟତମ ମା ମାଣିକେଶ୍ୱରୀଙ୍କ ଛତର ଯାତରା , କଳାହାଣ୍ଡିର ଅନ୍ୟତମ ସହର ଜୁନାଗଡର ଖଣ୍ଡାବସା ଯାତ୍ରା ଓ କଳାହାଣ୍ଡିର ସୀମାନ୍ତବର୍ତ୍ତୀ ଅଞ୍ଚଳ ଆମପାଣିର ବୁଢାରାଜା ଦଶହରା । ଏହି ସମସ୍ତ ଯାତ୍ରାରେ ପଶୁବଳିକୁ ପ୍ରମୁଖତା ଦିଆଯାଇଥାଏ । ଏହି ଉତ୍ସବ ଗୁଡିକରେ ଆଦିବାସୀ ପରମ୍ପରାର ପ୍ରଭାବ ରହିଥାଏ । ସମସ୍ତେ କିନ୍ତୁ ଏଥିରେ ଭାଗ ନେଇଥାନ୍ତି ଓ ଦେବୀଙ୍କ ଉଦ୍ଦେଶ୍ୟରେ ବଳୀ ମଧ୍ୟ ଅର୍ପଣ କରିଥାନ୍ତି । ପ୍ରଶାସନର କଟକଣା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଭାବପ୍ରବଣ ହୋଇ ପଶୁବଳି ଦେଇଥାନ୍ତି ।




ଘୁମୁରା କଳାହାଣ୍ଡିର ପାରମ୍ପରିକ ବାଦ୍ୟ । ଏହାକୁ ବୀରବାଦ୍ୟ ମଧ୍ୟ କୁହାଯାଏ । ପାରମ୍ପରିକ ଶୈଳୀକୁ ଗୁରୁତ୍ୱ ଦେଇ ଏହାର ଆଧୁନିକ ସ୍ୱରୂପ, ଦର୍ଶକ ମାନଙ୍କୁ ବିମୋହିତ କରିଥାଏ । ତେଣୁ ଏବେ ଏହାର ଖ୍ୟାତି ଜିଲ୍ଲାର ସୀମା ଡେଇଁ ବିଦେଶକୁ ମଧ୍ୟ ବ୍ୟାପିବାରେ ଲାଗିଲାଣି ।

ଜିଲ୍ଲାର ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ପ୍ରସାର ନିମନ୍ତେ ପ୍ରତି ବର୍ଷ ଭବାନୀପାଟଣା ଠାରେ ଆୟୋଜିତ ହୋଇଥାଏ କଳାହାଣ୍ଡି ଜିଲ୍ଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ଘୁମୁରା । ଚାରିଦିନ ବ୍ୟାପି ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଓ ଜିଲ୍ଲା ବାହାରର ସାଂସ୍କୃତିକ ଅନୁଷ୍ଠାନ ମାନେ ନୃତ୍ୟଗୀତ ପରିବେଷଣ କରିଥାନ୍ତି । ଏହି ଘୁମୁରା ଉତ୍ସବରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଉତ୍ସବକୁ ଖୁବ୍ ଆକର୍ଷଣୀୟ କରିଥାଏ ।ଘୁମୁରା ଉତ୍ସବରେ ଏକ ପଲ୍ଲିଶ୍ରୀ ମେଳାର ମଧ୍ୟ ଆୟୋଜନ କରାଯାଏ । ଯେଉଁଥିରେ ସାରା ରାଜ୍ୟର ଏସ୍. ଏଚ. ଜି. ଗ୍ରୁପ୍ ମାନେ ସେମାନଙ୍କର ଉତ୍ପାଦ ବାକ୍ରି କରିବାର ସୁଯୋଗ ପାଇଥାନ୍ତି ।

ଘୁମୁରା ଉତ୍ସବ ସହିତ କଳାହାଣ୍ଡିର ଅନନ୍ୟ ସାଂସ୍କୃତିକ ଉତ୍ସବ ଗୁଡିକ ହେଲା ପେରୁମଞ୍ଜିର ପରଜା, କେସିଙ୍ଗାର ବୁଢା ଡଙ୍ଗର, ଜୁନାଗଡର ଗ୍ରୀଷ୍ମ ଉତ୍ସବ ଇତ୍ୟାଦି । ଏହି ଉତ୍ସବ ଜିଲ୍ଲାର ସାଂସ୍କୃତିକ ପରମ୍ପରାର ବିକାଶରେ ବେଶ୍ ସହାୟକ ହୋଇଥାନ୍ତି ।

କଳାହାଣ୍ଡିର ଏହି ସାଂସ୍କୃତିକ ପରମ୍ପରାକୁ ସୁଦୂର ପ୍ରସାରୀ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଆକାଶବାଣୀ ଭବାନୀପାଟଣା ଓ ଭବାନୀପାଟଣା ଦୂରଦର୍ଶନକେନ୍ଦ୍ର । ଏହି ଦୁଇଗୋଟି electronic media ଯୋଗୁଁ ଜିଲ୍ଲାର ନୃତ୍ୟ, ସଂଗୀତ, ସବୁ ପହଞ୍ଚିପାରୁଛି ଶ୍ରୋତା ଓ ଦର୍ଶକଙ୍କ ପାଖରେ । ବିଶେଷ କରି ଡି.ଡି ଓଡିଆରେ ପ୍ରତିଦିନ ଅଧଘଣ୍ଟା କାଳ ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ର କାର୍ଯ୍ୟକ୍ରମ ପ୍ରସାରଣ , ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇପାରୁଛି ଜିଲ୍ଲାର କଥାକୁ ।

ଏକଦା ମରୁଡିର ଚରାଭୂଇଁ କଳାହାଣ୍ଡିକୁ ଆଜି ଦେଶର ଭାତହାଣ୍ଡି କହିଲେ ଅତ୍ୟୁକ୍ତି ହେବ ନାହିଁ । ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ସମ୍ପୂର୍ଣ୍ଣ ହେବା ପରଠାରୁ କଳାହାଣ୍ଡି ଧାନ ଉତ୍ପାଦନ କ୍ଷେତ୍ରରେ ଦେଶର ଦ୍ୱିତୀୟ ସ୍ଥାନ ଅଧିକାର କରିଛି । କଳାହାଣ୍ଡିର କୃଷ୍ଣ କର୍ପାସ ମୃର୍ତ୍ତୀକା କପା ଚାଷ ପାଇଁ ଖୁବ୍ ଉତ୍କୃଷ୍ଟ । ତେଣୁ ଏବେ ଜିଲ୍ଲାର ଚାଷୀମାନେ ଏହି ଧଳା–ସୁନା ଚାଷ କରି ଭଲ ଲାଭ ପାଉଛନ୍ତି ।

ଅନ୍ୟାନ୍ୟ ଅଞ୍ଚଳ ପରି ଏଠାରେ ମଧ୍ୟ ଗରିବି ରହିଛି । ରହିଛି ମାଓ ସମସ୍ୟା । ତା ଭିତରେ ଏ ଜିଲ୍ଲା ଆକର୍ଷିତ କରୁଛି ପର୍ଯ୍ୟଟକ ମାନଙ୍କୁ । ଆକର୍ଷିତ କରୁଛି ପ୍ରକୃତି ପ୍ରେମୀଙ୍କୁ ଏ ଜିଲ୍ଲାରେ ସବୁଦିନ ପାଇଁ ରହିଯିବା ପାଇଁ । କଳାହାଣ୍ଡି କଳାର ମାଟି । ଏବେ ଏଠି ଘାଟି ହସୁଛି, ହସୁଛି ସୁନାଝରା କ୍ଷେତ ।



ଭବାନୀପାଟଣା ଦୂରଦର୍ଶନ

ସମସ୍ତଙ୍କୁ ହାତ ଠାରୁଛି ସବୁଜିମା ଭରା ବଣ ଜଙ୍ଗଲ । ବାର ବାର ଆସ ଏହି ଭୁଇଁକୁ । ଦେଖ ହାତୀ, ଇନ୍ଦ୍ରାବତୀ, ତେଲ ଓ ଉଦନ୍ତୀଙ୍କ ଭଳି ପୂଣ୍ୟତୋୟାଙ୍କ ଜଳରେ ପବିତ୍ର ହୋଇଥିବା ଅତୀତର ମହାକାନ୍ତାର, କାରୁଣ୍ଡ ରାଜ୍ୟ ବା ଆଜିର କଳାହାଣ୍ଡି ଜିଲ୍ଲାକୁ । ଆଖି ପୁରେଇ ଦେଖ ଏ ମାଟି କେଡେ ସୁନ୍ଦର, କେତେ ମହାନ୍, କେତେ ବିକଶିତ ।

+ଶଙ୍କରପୁର, ଚାରବାଟିଆ
ମୋ-୯୮୬୧୧୨୬୧୯୭



ରେଣ୍ଡୋ ମାଝି

# ରୋଗପ୍ରତିରୋଧ ଶକ୍ତିବର୍ଦ୍ଧକ ନୀଳ ଚା'

ଗ୍ରୀନ୍ ଟି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ । ଏକଥା ସମସ୍ତଙ୍କୁ ଜଣା । ବିଗତ କିଛି ବର୍ଷ ମଧ୍ୟରେ ଏହି ଚା' ବେଶ୍ ଲୋକପ୍ରିୟ ହୋଇପାରିଛି । କିନ୍ତୁ ଅନେକ ହୁଏତ ଜାଣିନଥିବେ ଗ୍ରୀନ୍ ଭଳି ବ୍ଲୁ ଟି' ବା ନୀଳ ଚା' ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ । ଆପଣ ଚାହିଁଲେ ଏହାକୁ ଘରେ ତିଆରି କରିପାରିବେ । ବ୍ଲୁବେଲ୍‌ଭାଇନ ବା ନୀଳ ଅପରାଜିତା ଫୁଲରୁ ଏହି ଚା' ପ୍ରସ୍ତୁତ ହୋଇଥାଏ । ଗ୍ରୀନ୍ ଟି ଭଳି ଏଥିରୁ ପ୍ରସ୍ତୁତ ଚା'ରେ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ । ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ମସ୍ତିଷ୍କକୁ ସକ୍ରିୟ ରଖେ । ସ୍ମୃତି ଶକ୍ତି ଉଜ୍ଜୀବିତ କରିବାରେ ସହାୟତା ପ୍ରଦାନ କରେ । ଓଜନ ହ୍ରାସ କରେ । କେଶକୁ ଦୃଢ଼ କରିବା ସହ ତ୍ୱଚାକୁ ଉଜ୍ଜ୍ୱଳତା ପ୍ରଦାନ କରିଥାଏ । ଏଥିରେ ଥିବା ଆଣ୍ଟିପାଇରେଟିକ୍ ଗୁଣ ଜ୍ୱର, ଉତ୍କଣ୍ଠା ଓ ଅବସାଦ କମାଇବାରେ ସହାୟକ ହୋଇଥାଏ ।



# ପ୍ରେମୀ ଯୁଗଳଙ୍କୁ ଏକାଠି କରୁଥିବା ଝରଣା

ସାରା ବିଶ୍ୱରେ ବହୁ ସ୍ଥାନ ରହିଛି ଯାହାର ଗୁଣ ଗରିମା ବିଷୟରେ ଜାଣିଲେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହେବେ । ହେଲେ ଜାଣନ୍ତି କି ଏମିତି ଏକ ଝରଣା ରହିଛି ଯୌଉଁଠି ଗାଧୋଇଲେ ଅଲଗା ହୋଇଯାଇଥିବା ପ୍ରେମିକ ପ୍ରେମିକା ପୁଣିଥରେ ଏକାଠି ହୋଇଯାଆନ୍ତି । ଗ୍ୱାଲିଅରର ଶିବପୁରୀରେ ରହିଥିବା ଏହି ଝରଣାଟି ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ମଜବୁତ କରେ । ସ୍ଥାନୀୟ ଲୋକମାନଙ୍କ କହିବା କଥା ହେଲେ, ଏହି ଝରଣାର ପାଣି ଅମୃତ ତୁଲ ଏବଂ ଏହି କୁଣ୍ଡରେ ଗାଧୋଇଲେ ତ୍ୱଚା ସମ୍ବନ୍ଧୀୟ ସବୁ ରୋଗ ଭଲ ହୋଇଯାଇଥାଏ । ହେଲେ ଏହି ଝରଣାର ପାଣି କେବଳ ବର୍ଷାଦିନେ ହିଁ ଦେଖିବାକୁ ମିଳିଥାଏ । ପାଣିସବୁ ଝରି ଏକ କୁଣ୍ଡରେ ଏକାଠି ହୋଇଥାଏ ଏବଂ ଏହି କୁଣ୍ଡକୁ ଭଦେୟା କୁଣ୍ଡ କୁହାଯାଇଥାଏ । ତେବେ ଖାଲି ପ୍ରେମିକ ପ୍ରେମିକା ନୁହନ୍ତି ବରଂ ବୟସ୍କ ଯୋଡ଼ିଙ୍କର ମଧ୍ୟ ବୈବାହିକ ଜୀବନ ସୁଖମୟ ହୋଇଥାଏ ଏବଂ ସେମାନେ କେବେ ବି ଅଲଗା ହୁଅନ୍ତି ନାହିଁ କିମ୍ବା ସେମାନଙ୍କ ମଧ୍ୟରେ କେବେ ବି କଳି ତକରାଳ ହୁଏନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମ୍ଭାବ୍ୟ ତୃତୀୟ ଲହର...

ପାଖାପାଖି ଦୁଇବର୍ଷ ଧରି ମାନବ ସମାଜକୁ ଯେଉଁଭଳି କରୋନା ସଂକ୍ରମଣଜନିତ ମହାସଙ୍କଟ ଛଟପଟ କରିସାରିଲାଣି, ତାହା ସଭ୍ୟତାର ଇତିହାସରେ ଅଭୂତପୂର୍ବ । ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଯେତିକି ଧନ ଜୀବନ ଧ୍ୱଂସ କରିନଥିଲା, ତାହାଠାରୁ ବହୁ ଅଧିକ କରୋନା କରିସାରିଲାଣି । ପ୍ରଥମ ଓ ଦ୍ୱିତୀୟ ଲହରର କ୍ଷତ ଭରିବାର ଯଥେଷ୍ଟ ପୂର୍ବରୁ ଉଙ୍କିମାରୁଥିବା ତୃତୀୟ ଲହର ଆରମ୍ଭ କରିଦେଲାଣି ଚୋଟମରା । ଭୟ ଓ ଆତଙ୍କରେ ଥରହର ବିଶ୍ୱବାସୀ, ତୃତୀୟ ଲହର ପ୍ରକୋପରୁ କେତେଶୀଘ୍ର ତ୍ରାହି ମିଳିବ । ଦୁଇ ଦୁଇଟି ଲହରର ଭୟାବହତାଠାରୁ କୁଆଡ଼େ ତୃତୀୟର ପ୍ରକୋପ ଯଥେଷ୍ଟ ବେଶୀ ହେବ ବୋଲି ବିଶେଷଜ୍ଞମାନେ ସତର୍କବାଣୀ ଶୁଣାଇ ଦେଲେଣି । ଏବେଠାରୁ କୁହାଗଲାଣି, ପୂର୍ବ ପାଳିରେ କରୋନା ଯେତିକି ଦୈନିକ ସଂକ୍ରମଣ କରୁଥିଲା, ତାହାଠାରୁ ଯଥେଷ୍ଟ ଅଧିକ ସମ୍ଭାବ୍ୟ ଲହରରେ ହେବ । ଦୈନିକ ସଂକ୍ରମଣ ଚଉଦ ହଜାରରୁ ଅଧିକ ହେବ ବୋଲି କୁହାଯାଉଛି । ଏବେ ଅଗଷ୍ଟ ସରିବାକୁ ଅଛି ମଝିରେ ଦିନ କେଇଟା । ଯଦି ସତକୁ ସତ ସେପ୍ଟେମ୍ବରରୁ ତୃତୀୟ ଲହର ଆରମ୍ଭ ହୋଇଯାଏ, ତାହା କେତେ ମାସ ରହିବ, କେହି କହିପାରିବା ଅବସ୍ଥାରେ ନାହାଁନ୍ତି । ବିଶେଷଜ୍ଞମାନେ ଏତିକିମାତ୍ର କହୁଛନ୍ତି କି, ଅକ୍ଟୋବରରେ ସଂକ୍ରମଣ ଶିଖର ଛୁଇଁବ । ଦୁଇଥର ସାଂଘାତିକ ଲହରର ପରିଣାମ କ'ଣ ଥିଲା ଏବଂ କିଭଳି ମାଡ଼ ଦେଖିବାକୁ ହେଲା, ତାହା ବିଶ୍ୱବାସୀଙ୍କର ଅଙ୍ଗେନିଭା କଥା । ବୟସ୍କ ଓ ଯୁବକ-ଯୁବତୀ ସଂକ୍ରମଣରେ ଆକ୍ରାନ୍ତ ହୋଇ ମରଣ ମୁହଁକୁ ଠେଲି ହୋଇଗଲେ । ତୃତୀୟ ଲହରର ପ୍ରକୋପ ଶିଶୁମାନଙ୍କୁ ଆକ୍ରାନ୍ତ କରିବାର ଭୟ ଘାରିଛି । ପ୍ରଥମ ଲହର ବେଳେ କିଛି ଅଭିଜ୍ଞତା ନଥିବାରୁ ଯାହା ଯେମିତି ସ୍ୱତନ୍ତ୍ର କୋଭିଡ ଡାକ୍ତରଖାନା ଖୋଲାଯିବାଠାରୁ ସାମାଜିକ ଦୂରତା ରକ୍ଷା ଓ ମାସ୍କ ପରିଧାନ ଏବଂ ହସ୍ତ ପ୍ରକ୍ଷାଳନ ଭଳି ଉପଚାର ଅନୁପାଳନରେ ବହୁ ପରିମାଣରେ ଉପକାର ମିଳିଲା । ଦ୍ୱିତୀୟ ଲହର ବେଳକୁ ଜୀବନ ରକ୍ଷା ନେଇ କିଛି ନହେଲେ ବ୍ୟାପକ ଟିକାକରଣ ଅଭିଯାନ ସମସ୍ତଙ୍କ ମନରେ ସୁରକ୍ଷାଭାବ ସଂଚାର କରିପାରିଲା । ମାତ୍ର ଦୈନିକ ସଂକ୍ରମଣ ଓ ମୃତ୍ୟୁହାରରେ କେଉଁଠି ହେଲେ ଆଶ୍ୱସ୍ତ ହେଲା ଭଳି ପରିଣାମ ମିଳିପାରିଲା ନାହିଁ । ପାଞ୍ଚ ପ୍ରକାରର ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗରୁ ଯେଉଁଭଳି ଉପକାର ମିଳିପାରିଥିବାର କୁହାଯାଇଛି, ତାହା ନେଇ ଦ୍ୱନ୍ଦ୍ୱର ଅବସାନ ହୋଇନାହିଁ । ତଥାପି ଦୁଇ ଡୋଜ୍ ନୋବା ଦ୍ୱାରା ରୋଗ ପ୍ରତିରୋଧ କ୍ଷମତାରେ ବୃଦ୍ଧି ଘଟିବା ନେଇ ସନ୍ତୋଷ ପ୍ରକଟିତ ହେଲା । ଭାରତ ଓ ବିଶ୍ୱର ବହୁତ ଦେଶରେ ଟିକାକରଣ ଅଭିଯାନରୁ ଉପଲବ୍ଧ ସୁଫଳ ନେଇ ମିଳିଥିବା ଖୁସି କହିବାକୁ ଗଲେ ତୃତୀୟ ଲହର ଭୟରେ ମିଳେଇ ଗଲାଭଳି ହେଉଛି । କେବଳ ଏହାର ପ୍ରଭାବ ଭୟଙ୍କର ଓ ସାଂଘାତିକ ହେବ ବୋଲି କୁହାଯିବା ବେଳେ ଶିଶୁ ଓ କମ୍ ବୟସର ପିଲାଙ୍କୁ ଅଧିକ ଆକ୍ରାନ୍ତ କରିବ ବୋଲି ଜଣାଇ ଦିଆଯାଇଛି । ସେଥିସକାଶେ ସବୁ ସ୍ତରରେ କିଭଳି ପ୍ରସ୍ତୁତି ଚଳାଯିବ, ସେଥିପାଇଁ ତତ୍ପରତା ଦେଖାଯିବା ଭିତରେ ଭୟ ଊଣା ହେବାର ସୂଚନା ମିଳୁନାହିଁ । ଶିଶୁମାନଙ୍କ ପାଇଁ ପ୍ରତିଷେଧକ ଟିକା ଏବେ ପୂରା ମାତ୍ରାରେ ବିକଶିତ ହୋଇନାହିଁ । ମାତ୍ର ଶହେରୁ ତେଇଶି ଜଣଙ୍କ ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ଦରକାର ବୋଲି ବିଶେଷଜ୍ଞମାନେ କହିସାରିଲେଣି । ବୟସ୍କ ଓ ବିଭିନ୍ନ ରୋଗ ବ୍ୟାଧିରେ ଆକ୍ରାନ୍ତଙ୍କ ପାଇଁ ପୂର୍ବଥର ଗୁଡ଼ିକରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ହୋଇଥିଲା ଏବଂ ସଚେତନତାର ବାର୍ତ୍ତା ପ୍ରସାରିତ ହୋଇଥିଲା, ତାହାଠାରୁ ଅଧିକ ବ୍ୟବସ୍ଥା କରାଯିବା ଏବେ ଜରୁରୀ ହୋଇ ଉଠିଛି । ଭବିଷ୍ୟତର ନାଗରିକ ରୂପେ ଗଣାଯାଉଥିବା ଶିଶୁମାନଙ୍କର ସ୍ୱାସ୍ଥ୍ୟ ବିଷୟ ନେଇ ସମସ୍ତଙ୍କର ଚିନ୍ତା ବଢ଼ିଯାଇଛି । ପରିବାରର ସବୁ ସଦସ୍ୟଙ୍କ କଥା ଯେମିତି କୋମଳମତି ପିଲାମାନଙ୍କ ସ୍ୱାସ୍ଥ୍ୟ ତତୋଧିକ ଚିନ୍ତାର କାରଣ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ସଂକ୍ରମଣ ବିଶେଷଜ୍ଞଙ୍କ ବିଚାରରେ ଯଦି ତୃତୀୟ ଲହରକୁ ପ୍ରତିହତ କରାନଯାଇ ପାରୁଛି, ତାହାର ପରିଣତି କେତେ ଭୟାବହ ହେବ, କୁହାଯାଇନପାରେ । ସବୁ ବିଷୟ ଏକ ପଟରେ, କରୋନାଜନିତ କ୍ଷୟକ୍ଷତିର କୁପ୍ରଭାବ ଆଉ ଏକ ପଟରେ । ଅର୍ଥନୀତି ଅତ୍ୟନ୍ତ ଜଟିଳ ମାର୍ଗ ଦେଇ ଗତି କରୁଥିଲା, ସାମାନ୍ୟ ସ୍ଥିତି ପାଇଁ ଚଳାଯାଉଥିବା ପ୍ରୟାସ ତୃତୀୟ ଲହର ଆସିବାମାତ୍ରେ ବଡ଼ ଧରଣର ଧକ୍କା ଖାଇବା ଥୟ । ସୁତରାଂ ଆତଙ୍କପୂର୍ଣ୍ଣ ସମୟର ଅନ୍ତ କେବେ, ତାହା କାହାରିକୁ ଜଣାନାହିଁ । ସମଗ୍ର ମାନବ ସଭ୍ୟତା ପାଇଁ ଏଭଳି ଭୟଙ୍କର ବେଳ କେବେ ଆସିନଥିବା କୁହାଯାଉଥିବା ବେଳେ ଆଗାମୀ ଭବିଷ୍ୟତ ସମସ୍ତଙ୍କ ଅମାଅନ୍ଧକାର ଭିତରକୁ ଠେଲିଦେବା କିଛି ଅସମ୍ଭବ ଲାଗୁନାହିଁ ।

# କରୋନା ଓ ସାହିତ୍ୟ




ଡାଃ ସୁରେନ୍ଦ୍ର ନାଥ ଦାଶ

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬


**karona has changed drastically every aspects of human life in cluding art and literature, a total revolution and evolution is passing over us, world after corona will not be the same again.**

କରୋନା କବଳରେ ଦୁଇଟି ବର୍ଷ ଅନେକ ଯୁଗ ଭଳି ମନେ ହେଉଛି । ଏହା ଏକ ଭାଇରସ ଦ୍ୱାରା ବ୍ୟାପିଛି, ଯାହା ର ଦେହରେ କରୋନା ବା ଅଙ୍କୁଶ ଭଳି ବାହାରିଥିବାରୁ ଏଭଳି ନାମ ଦିଆ ହୋଇଛି । ଏହି କରୋନା ଦ୍ୱାରା ତାହା ହଷ୍ଟ(ପୋଷକ)ର କୋଷ ବିଶେଷତଃ ଫୁସଫୁସ କୋଷ (ଲଙ୍ଗ ସେଲ)ସହ ଯୋଡି ହୋଇ ନିଜ ଆବରଣରେ ଥିବା କୋଡ(ଗେନମ) ବା ଚିପ ଭଳି ପ୍ରୋଟିନ ଦ୍ୱାରା ହଷ୍ଟ ସେଲକୁ ନିଜର ପ୍ରତିରୂପ ଅସଂଖ୍ୟ କୋଷ ତିଆରି କରିବାକୁ ଆଦେଶ ଦିଏ । ଫଳରେ ଅଳ୍ପ ସମୟ ମଧ୍ୟରେ ଅସଂଖ୍ୟ କରୋନା କୋଷରେ ଫୁସଫୁସ ଭରି ଯାଏ । ଏହି କୋଷ ଗୁଡିକ ଫୁସଫୁସର କାର୍ଯ୍ୟ ଅମ୍ଳଯାନ ଗ୍ରହଣ କରିପାରନ୍ତି ନାହିଁ । ଶରୀରର ଅମ୍ଳଯାନ କ୍ଷମତା କମିଯାଏ । ଦେହ ମଧ୍ୟ ଅମ୍ଳଜାନ ଅଭାବରୁ ଦୁର୍ବଳ ହୋଇପଡେ; ଯାହାଫଳରେ ଆମେ କୃତ୍ରିମ ଉପାୟରେ ଭେଣ୍ଟିଲେଟର ଦ୍ୱାରା ଅମ୍ଳଯାନ ଦେଇ ରୋଗୀକୁ ବୃାଇବାକୁ ଚେଷ୍ଟା କରୁ । ଯଦି ଫୁସଫୁସ ପୂନଃ କାର୍ଯ୍ୟକ୍ଷମ ହୁଏ ତାହଲେ ରୋଗୀ ବଂଚିଯାଏ, ନହେଲେ ମରିଯାଏ । ଦେହର ପ୍ରତିଷେଧକ ଶକ୍ତି ବା ଇମ୍ୟୁନିଟ ଅଧିକ ଥିଲେ କରୋନା ରୋଗ କିଛି କ୍ଷତି ନକରି ଅଜାଣତରେ ଆକ୍ରାନ୍ତ କରି ଚାଲି ଯାଏ (ସାଇଲେଣ୍ଟ ଇନଫେକସନ)।

କାଲି ଭଳି ଲାଗୁଛି । ୧୯୧୯ ମସିହା ବର୍ଷ ଶେଷ ଆଡକୁ ଚୀନ ଉହାନ ସହର ରେ ଏକ ନୂଆ ଶ୍ୱାସ ରୋଗ କଥା ଶୁଣା ଗଲା । ଉହାନ ସାମୁଦ୍ରିକ ଖାଦ୍ୟ ତଥା ବାଦୁଡି ପିଙ୍ଗୁଳିନା ଭଳି ପ୍ରାଣୀଙ୍କ ମାଂସ ପାଇଁ ପ୍ରସିଦ୍ଧ (ୱେଟ ମାର୍କେଟ) । ଅନେକ ବିଶ୍ୱ ପ୍ରସିଦ୍ଧ ଗବେଷଣାଗାର ଏଠାରେ ଅଛି । ବାହାର ଦେଶରୁ ଭାରତ ସମେତ ହଜାର ହଜାର ଛାତ୍ର ସେଠାରେ ପାଠ ପଢନ୍ତି । ଆଗକୁ ନୂଆ ବର୍ଷ । ବିଶ୍ୱ ଉତ୍ସବ ମୁଖର । ଜଣାପଡିଲା ଦେଖା ଦେଇଥିବା ରୋଗଟି ଏକ ନୂଆ ରୋଗ । କରୋନା ଭାଇରସ ତାହାର କାରଣ। ଆଗରୁ ଏ ଭାଇରସ ସାରସ (ସିଭିଅର ଆକ୍ୟୁଟ ରେସପିରେଟୋରି ସିଣ୍ଡ୍ରୋମ) ଏବୋଲା, ମେରସ ଭଳି ରୋଗର ମହାମାରୀ ରୂପେ କିଛି ବର୍ଷ ତଳେ ସଂକ୍ରମଣ କରିଯାଇଛି । ନୂଆ ଭାଇରସର ନା ଦିଆଗଲା ନଭେଲ କରୋନା ଭାଇରସ, କୋଭିଡ-୧୯ ବା ସାରକ କୋଭ-୨ । ଚାହୁଁ ଚାହୁଁ ଅନେକ ଦେଶରେ ଏ ରୋଗ ଦେଖାଗଲା । ଭାରତରେ ମଧ୍ୟ ୨୦୨୦ ଆରମ୍ଭରୁ କେରଳରେ ଦେଖାଗଲା । ଜଣାଗଲା ଏହା ଅନେକଙ୍କୁ ଭୟଙ୍କର ହେଉଛି । ଚାହୁଁ ଚାହୁଁ ପୁରା ଫୁସଫୁସ ଅକାମି ହୋଇପଡୁଛି । ବିଶେଷତଃ ବୟସ୍କ ଲୋକ, ବହୁମୁତ୍ର ରୋଗୀ, ଏଡସ, କିଡ୍ନୀ କାନସର, ରୋଗୀ ଙ୍କୁ ଏ ରୋଗ ସଂଘାତିକ ହେଉଛି । ସାରା ପୃଥିବୀ କବଳିତ ହେଲା । ଇଟାଲୀ, ଆମେରିକା, ସ୍ପେନ, ବ୍ରିଟେନ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ଫ୍ରାନସ, ଜର୍ମାନୀ, ଭାରତ, ଚିଲି, ଆର୍ଜେଣ୍ଟିନା ଭଳି ଉନ୍ନତ ଦେଶରେ ଏହା ବେକାବୁ ହୋଇପଡିଲା । ଆରମ୍ଭ ହୋଇଥିବା ଚୀନ ଦେଶରେ ମାତ୍ର ୯୮ହଜାର ଆକ୍ରାନ୍ତ ଓ ୪ ହଜାର ମୃତ୍ୟୁରେ ରୋଗ ଆୟତ ହୋଇଗଲା । ଅନେକ ସନ୍ଦେହ କରନ୍ତି ଚୀନ ଜାଣି ଶୁଣି ଏ ଭାଇରସକୁ ସୃଷ୍ଟି କରି ବାହାରକୁ ଛାଡିଛି । ଦକ୍ଷିଣ କୋରିଆ ଜାପାନ ରେ ମଧ୍ୟ ଶୀଘ୍ର ଆୟତ ହେଲା । ମାତ୍ର ଅନ୍ୟ ଦେଶମାନଙ୍କରେ ସମସ୍ତ ଚେଷ୍ଟା ସତ୍ୱେ ରୋଗ ବର୍ଷକ ପର୍ଯ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି କଲା । କିଛି ଦିନ କମି ପୁଣି ରୋଗର ଦ୍ୱିତୀୟ ଲହର ଏବେ ମାଡି ଚାଲିଛି । ସାରା ପୃଥିବୀ ଚହଲି ଗଲାଣି । ଏ ପର୍ଯ୍ୟନ୍ତ ୧୪ କୋଟି ଲୋକ ଆକ୍ରାନ୍ତ ଓ ୪୧ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଲାଣି । ଭାରତରେ ୪ କୋଟି ଆକ୍ରାନ୍ତ ଓ ୪ ଲକ୍ଷ ପ୍ରାଣ ତ୍ୟାଗ କଲେଣି । ସବୁଆଡେ ଲକଡାଉନ, ସଟଡାଇନ କ୍ୱାରାଣ୍ଟାଇନ ଘୋଷଣା ହୋଇଛି । ସ୍କୁଲ କଲେଜ, ପାର୍କ, ମଲ, ହୋଟେଲ, ସିନେମା, ଷ୍ଟାଡିଅମ ସବୁ ବନ୍ଦ ହେଲା । ବସ, ଟ୍ରେନ ପ୍ଲେନ ଚାଲିଲା ନାହିଁ । ଗାଁ ମୁଣ୍ଡରେ ବାଡ ଦିଆଗଲା । ବାହାର ଲୋକଙ୍କୁ ପଡା ମନା ହେଲା । ସମସ୍ତେ ମୁହଁରେ ମାସ୍କ ବାନ୍ଧିଲେ । ସାଙ୍ଗରେ ସାନିଟାଇଜର ଧରି ବୁଲିଲେ । ବନ୍ଧୁ ବାନ୍ଧବ ସାଙ୍ଗ ସବୁ ସ୍ୱପ୍ନ ହେଲା । ମୃତ୍ୟୁ ସଂଖ୍ୟା ହଜାରରୁ ଲକ୍ଷ କୋଟି ଛୁଇଁଲା । କରୋନା ରୋଗୀ ପାଇଁ କେୟାର ସେଣ୍ଟର, ହସପିଟାଲମାନ ତିଆରି ହେଲା । ଲକ୍ଷଲକ୍ଷ ଭେଣ୍ଟିଲେଟର, ଅମ୍ଳଜାନ ସିଲିଣ୍ଡର ମାନ ପହଂଚିଲା । କୋଟି କୋଟି ଲୋକଙ୍କୁ ଚାଉଳ ଟଙ୍କା ଦିଆଗଲା । ଆମ୍ବୁଲାନସର ସାଇରନ ଶବ୍ଦରେ ନିର୍ଜନ ରାସ୍ତା ପ୍ରକମ୍ପିତ ହେଲା । ହସପିଟାଲରେ ବେଡ ନାହିଁ । ବେଡ ଥିଲେ ଅମ୍ଳଜାନର ଘୋର ଅଭାବ । ସମସ୍ତେ ପିପି କିଟ ପିନ୍ଧି ମହାକାଶ ଯାତ୍ରୀ ଭଳି ଲାଗୁଛନ୍ତି । ସବୁଆଡେ ଦୋକାନ ବନ୍ଦ । ପିଇବାକୁ ପାଣି ମଧ୍ୟ ମିଳୁ ନାହିଁ । କଣ ଖାଇବ । ହୋଟେଲ ବନ୍ଦ । ବିଦେଶରୁ ଲକ୍ଷ ଲକ୍ଷ ଲୋକ ଚାଲିଚାଲି ଭୋକରେ ଫେରୁଛନ୍ତି । କଳ କାରଖାନା ସବୁ ବନ୍ଦ, ବେପାର ବୁଡି ଯାଇଛି । ପିଲା ଛୁଆଙ୍କୁ ଖୋଇବେ କଣ? ଅନେକ ଅକୁହା ବ୍ୟଥା ସମାଜରେ ଘୁରି ବୁଲୁଛି। ରୋଗୀ ଲୋକମାନେ ଆଡମିଶନ ପାଇଁ ହସପିଟାଲ ପରେ ହସପିଟାଲ ଧାଇଁଛନ୍ତି। ସବୁଠି ନାସ୍ତି ବାଣୀ, "ବେଡ ନାହିଁ ।" ହସପିଟାଲ ବାହାରେ ଆମ୍ବୁଲାନସରେ ରୋଗୀ ଅପେକ୍ଷା କରିଛନ୍ତି। କିଏ ମଲେ ବେଡ ଖାଲି ହେବ । କାଚ ଘର ସେକଡେ ରୋଗୀ କିପରି ଅଛି ଜାଣିବାକୁ ସଂପର୍କିୟ ମାନେ ଅପେକ୍ଷା କରୁଛନ୍ତି । ରୋଗୀ ମରିଗଲା। ଛୁଇଁବାକୁ ମନା । ଜରି ଗୁଡାଇ ଦିଆଗଲା। ଶମଶାନରେ ମଧ୍ୟ ଭିଡ। ଘଣ୍ଟା ଘଣ୍ଟା ଅପେକ୍ଷା, ଡରରେ ବନ୍ଧୁ ବାନ୍ଧବ ଆସୁ ନାହାଁନ୍ତି। ଶୁଦ୍ଧି ଶ୍ରାଦ୍ଧ ସବୁ ନାମକୁ ମାତ୍ର । ଏଣେ ସରକାରଙ୍କ କଡା ଆଇନ । 'ଅମାନିଆଙ୍କୁ ଧର, ଦୋକାନ ସିଲ କର, ଜୋରିମାନା ଆଦାୟ କର।" ରାସ୍ତାରେ ମଣିଷକୁ ଖାକି ବାଲା ନିର୍ଦ୍ଧମ ପିଟୁଛି, ବୟସ ବି ଦେଖୁନାହାଁନ୍ତି। । ଗରିବ ପରିବା ଦୋକାନୀର ପସରା ଫିଙ୍ଗି ଦେଇଛନ୍ତି। ଭୋଜିର ଭାତ ହାଣ୍ଡି ରାସ୍ତାରେ ଢାଳି ଦେଉଛି । ମଲା ଦେହକୁ ଗାଁରେ ପୁରାଇ ଦେଉନାହାଁନ୍ତି। (କ୍ରମଶଃ)

# ହଜିଲା ମୌସୁମୀ ପାଇଁ ଅସହାୟ ଚାଷୀ : ମହାମାରୀ ଭିତରେ ରାଜ୍ୟରେ ମରୁଡି ଆଶଙ୍କା!




ପ୍ରଦୋଷ କୁମାର ଦାସ

ସଂପାଦକ:- 'ପରିପ୍ରକାଶ', ସା/ ପୋ:- ନାଚୁଣୀ, ଜିଲ୍ଲା:- ଖୋରଧା, ପିନ୍-୭୫୨୦୩୪
ମୋ: ୬୩୭୦୪୯୫୯୪୪


ବର୍ଷା ଅଭାବରୁ ସାରା ରାଜ୍ୟରେ ଏବେ ମରୁଡି ଭଳି ପରିସ୍ଥିତି। ରାଜ୍ୟରେ ଚଳିତ ବର୍ଷ ୩୫ ଲକ୍ଷ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଖରିଫ ଧାନ ଫସଲ ଚାଷ କରାଯାଇଛି। ବର୍ଷା ଅଭାବରୁ ବର୍ତ୍ତମାନ ସୁଦ୍ଧା ଏଥିରୁ ସିଧା ସଳଖ ୧୧ ଲକ୍ଷ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ଗୁରୁତର ପ୍ରଭାବିତ ହୋଇଥିବା ରିପୋର୍ଟ କହୁଛି। ଏସବୁ ଜମିରେ ଧାନ ଗଛ ମରି ନଥିଲେ ମଧ ଜଳାଭାବରୁ ଗଛ ସବୁ ବୁଢା ହୋଇ କ୍ଷେତରେ ଘାସ ଓ ବାଲୁଂଗା ଚରିଯାଇଥିବା ଜଣାଯାଇଛି। ଜଳାଭାବରୁ ଜମିର ବଛାବଛି କାର୍ଯ୍ୟ ସପନ ସମାନ ଲାଗୁଛି।

ଅସହାୟ ଚାଷୀ ଏବେ ବର୍ଷାକୁ ଚାତକ ଭଳି ଅନାଇ ରହିଛି। ଆଷାଢ଼ ଗଲା। ଶ୍ରାବଣ ବି ଗଲା । ଭାଦ୍ରବ ଚାଲିଲା। ମୌସମୀ କୁଆଡେ ଗଲା? ଆଷାଢ଼ ପଶନ୍ତେ ଓଡିଶା ଆକାଶରେ ମୁହଁ ଦେଖାଇ କୁଆଡେ ହଜିଗଲା ଏଇ ମୌସମୀ?!

ସାମାନ୍ୟ ବିଳମ୍ବ ହେଲେବି ଠିକଣା ସମୟରେ ମୌସମୀ ଆସିଥିବାରୁ ଅନୁମାନ କରାଯାଉଥିଲା, ଚଳିତ ବର୍ଷ ବୋଧେ ବର୍ଷା ସ୍ୱଭାବିକ ହେବ ଓ ପୂର୍ବବର୍ଷ ଠାରୁ ଏସନ ଅଧିକ ଅମଳ ମଧ ହେବ। ହେଲେ ନିଅଣ୍ଟିଆ ବର୍ଷା ଚାଷୀ ଭାଇର ଆଖିରେ ଲୁହର ବର୍ଷା କେବଳ ଆଣିଛି।

ଏମିତିରେ ବି ଅକ୍ଷୟ ତୃତୀୟାରେ ଚାଷୀ ବିଲରେ ଅକ୍ଷିମୁଠି ଅନୁକୂଳ କରି ବିଲରେ ଧାନ ବୁଣିବା କଥା। ହେଲେ ମୌସମୀ ବର୍ଷା ସାମାନ୍ୟ ବିଳମ୍ବିତ ହେବାରୁ ଓଡିଶାର ପ୍ରାୟ ଅନେକ ସ୍ଥାନରେ ଚାଷୀମାନେ ବିଲରେ ଧାନ ବୁଣିବାକାର୍ଯ୍ୟ ପ୍ରାୟ ୨୦ ଦିନ ପଛେଇ ଯାଇଥିଲେ। ଆବଶ୍ୟକ ବର୍ଷା ଅଭାବରୁ ଶୁଖିଲା କ୍ଷେତରେ ରୁଆ ବେଉଷଣ କାମ ପୁଣି ପଛେଇଗଲା। ରାଜ୍ୟରେ କୃଷି ବିଭାଗ ଓ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବେ ଫସର ଫାଟିଯାଇଛି। ବର୍ଷା ଅଭାବରୁ ଅନେକ କ୍ଷେତର ରୁଆ ତଳି ଶୁଖି ଉଜୁଡିଗଲାଣି। ଅନେକ କ୍ଷେତରେ ବଛା ଖେଳା, ବେଉଷଣ ବାଧାପ୍ରାପ୍ତ ହୋଇଛି। ବର୍ଷା ଅଭାବ ଓ ଜଳସେଚନ ଅଭାବରୁ କ୍ଷେତରେ ଚାଷୀ ଲଗାଇଥିବା ତଳି ହଳଦିଆ ପଡିବାକୁ ବସିଲାଣି। ଜଳ ସେଚନ ନଥିବା ଓ ଢିପ ଜମି କଥା ନକହିଲେ ଭଲ। ସେଠାରେ ଥିବା ବହୁ ଜମିରେ ଗାଈଗୋରୁଙ୍କୁ ଏବେ ଉଦା ଛାଡିଦିଆଯାଇଛି। ସେହି ଉଜୁଡା କ୍ଷେତରେ ଗାଈଗୋରୁ ଚରୁଥିବା ଦେଖିଲେ ହୃଦୟ ଫାଟିଯିବା ଭଳି ଲାଗୁଛି।! ଚାଷୀ ଭାଇ ମୌସମୀ ବିହୁନେ ଏବେ ଉଜୁଡା କ୍ଷେତକୁ ଅନାଇ ଲୁହ ନିଗାଡୁଛି। ମହାମାରୀ ଅବସରରେ ଗତ ଜୁନ ଓ ଜୁଲାଇ ମାସ ହୋଇ ଲଗାତର ୨ ମାସ ଯାଇ ଏବେ ଅଗଷ୍ଟ ମାସ ମଧ ସରିବାକୁ ବସିଲାଣି, ମୌସମୀ ସକ୍ରିୟ ହେବ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ ଏବେ ଫେଲ ମାରିଛି। ସାରା ରାଜ୍ୟର ଚାଷୀକୂଳ ଏବେ ନିଅଣ୍ଟିଆ ବୃଷ୍ଟିପାତର ସମସ୍ୟାରେ ଯୁଝିଚାଲିଛି। ପାଣିପାଗ ବିଭାଗ ତଥ୍ୟ ମୁତାବକ, ଗତ ଜୁନ ମାସରେ ସାରା ରାଜ୍ୟରେ ସ୍ୱଭାବିକ ବର୍ଷା ଠାରୁ ୩% ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଗତ ଜୁଲାଇ ମାସରେ ୧୯% ନିଅଣ୍ଟିଆ ବର୍ଷା ହୋଇଥିବା ପ୍ରକାଶ। ଆଶା ଥିଲା ଅଗଷ୍ଟ ପ୍ରାରମ୍ଭରୁ ମୌସମୀ ସକ୍ରିୟ ହୋଇ ଆବଶ୍ୟକ ପରିମାଣରେ ବର୍ଷା ହୋଇଗଲେ ଗତ ୨ ମାସର ନିଅଣ୍ଟିଆ ବର୍ଷା ଭରଣା ହୋଇଯିବ। ହେଲେ ଚଳିତ ଅଗଷ୍ଟ ଶେଷ ହେବାକୁ ବସିଲା, ଓଡିଶାର କିଛି ଅଂଚଳରେ କାଁ ଭାଁ ବର୍ଷା ହୋଇଥିବା ବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ କେଉଁଠି ମଧ ଚାଷ ଉପଯୋଗୀ ବର୍ଷା ହୋଇପାରିନାହିଁ। ରେକର୍ଡ ମୁତାବକ ଗତ ଅଗଷ୍ଟ ମାସ ୧ରୁ ୨୦ ତାରିଖ ମଧ୍ୟରେ ସାରା ଓଡିଶାରେ ହୋଇଥିବା ଶତକଡା ୫୦ ଭାଗରୁ ଅଧିକ ନିଅଣ୍ଟିଆ ବର୍ଷା ଚଳିତ ଖରିଫ ଧାନ ଫସଲର ସୁରକ୍ଷା ଓ ଅମଳ ଉପରେ ପ୍ରଶ୍ନ ଚିହ୍ନ ଲଗାଇଦେଇଛି। ଓଡିଶାରେ ଏସନ ଚାଷୀ ଓ ଚାଷକୁ ନେଇ ଉଭୟ କୃଷି ବିଭାଗ ଓ ପାଣି ପାଗ ବିଭାଗ ମଧ ଉଦବେଗ ପ୍ରକାଶ କରୁଥିବା ପ୍ରକାଶ। ରାଜ୍ୟର ମୋଟ ୩୧୪ ବ୍ଲକ ମଧ୍ୟରୁ ୨୨୦ ବ୍ଲକରେ ସର୍ବନିମ୍ନ ଆବଶ୍ୟକ ୧୩୫ ମିମିରୁ କମ୍ ବୃଷ୍ଟିପାତ ହୋଇଥିବାରୁ ବିଲରେ ଧାନ ରୁଆ ଓ ବେଉଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏପରିକି ୭୩ରୁ ଅଧିକ ଅନେକ ବ୍ଲକ ଅଧିନ ବିଲମାନଙ୍କରେ ସର୍ବନିମ୍ନ ଧାନଗଛ ବଞ୍ଚିରହିବା ପାଇଁ ଆବଶ୍ୟକ ୬୦ ମିମି ବର୍ଷା ମଧ ହୋଇପାରିନାହିଁ। ରାଜ୍ୟର ୩୦ ଜିଲା ମଧ୍ୟରୁ ୨ଟି ଜିଲା କୋରାପୁଟ ଓ ମାଲକାନଗିରିକୁ ଛାଡିଦେଲେ ବାକି ୨୮ ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। ଅନୁଗୁଳ, ବରଗଡ, ଭଦ୍ରକ, ବଲାଙ୍ଗୀର, ବୌଦ୍ଧ, ଢେଙ୍କାନାଳ, ଝାରସୁଗୁଡା, କନ୍ଧମାଳ, କେନ୍ଦୁଝର, ମୟୁରଭଂଜ, ପୁରୀ, ସମ୍ବଲପୁର, ସୋନପୁର, ସୁନ୍ଦରଗଡ ଆଦି ମୋଟ ୧୪ ଟି ଜିଲ୍ଲାରେ ୫୯%ରୁ ଅଧିକ ନିଅଣ୍ଟିଆ ବର୍ଷା ରହିଥିବା ବେଳ ବୌଦ୍ଧ ଜିଲ୍ଲାରେ ୬୮.୮ %, ଅନୁଗୁଳ ଜିଲ୍ଲାରେ ୬୮.୭% ତଥା ସର୍ବାଧିକ କନ୍ଧମାଳରେ ୭୧% ନିଅଣ୍ଟିଆ ବର୍ଷା ହୋଇଥିବା ରେକର୍ଡ କହୁଛି । ଏପରି ପରିସ୍ଥିତି ହୁଏତ କରାଳ ମରୁଡି ପରିସ୍ଥିତି ଡାକି ଆଣିପାରେ ବୋଲି ରାଜ୍ୟବାସୀଙ୍କ ମନରେ ଆଶଙ୍କା ପ୍ରକାଶ ପାଇଲାଣି।

ଏଭଳି ଆଶଙ୍କିତ ପ୍ରାକ୍ ମରୁଡି ପରିସ୍ଥିତିକୁ ଯତପରୋନାସ୍ତି ମୁକାବିଲା କରିବାର ଅବକାଶ ଆସିଛି। ରାଜ୍ୟର ସମସ୍ତ ୩୦ ଜିଲ୍ଲା ଅଧିନ ମୋଟ ୩୧୪ ବ୍ଲକରେ ରହିଥିବା ଉଠା ଜଳସେଚନ ପଏଣ୍ଟ , ଜଳ ଛାୟା, ଝର ପୁଷ୍କରିଣୀ, ଗଭୀର କୂପ, କେନାଲ, ବନ୍ଧ ସମେତ ଝରଣା, ନଦନଦୀ ଜଳ ଉତ୍ସର ଆବଶ୍ୟକ ତ୍ୱରିତ ବିନିଯୋଗ ନିମନ୍ତେ ସରକାର ବିଭାଗୀୟ ସ୍ତରରେ ପଦକ୍ଷେପ ନେବା ବିଧେୟ। ପ୍ରତି ବ୍ଲକ ସ୍ତରରେ କୃଷି ବିଭାଗ ଓ ଜଳସେଚନ ବିଭାଗ ସ୍ଥାନୀୟ ଜନସାଧାରଣ, ଚାଷୀଙ୍କ ସହ ଗୋଷ୍ଠୀଗତ ପାରସ୍ପରିକ ସମନ୍ୱୟ ରକ୍ଷା କରି କିପରି ଉଜୁଡିଯାଉଥିବା ଚାଷ ଜମିକୁ ଜଳ ଯୋଗାଣ ହୋଇ ପାରିବ ବିଚାର କରିବା ବିଧେୟ। ସରକାରୀ ସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ଚାଷର ସୁରକ୍ଷା ପାଇଁ କ୍ଷେତକୁ ଜଳଯୋଗାଣ ନିମନ୍ତେ ବିଭାଗୀୟ ଅଧିକାରୀ ଓ କୃଷି ବୈଷୟିକ ବିଭାଗ କ୍ଷେତ୍ର ପରିଦର୍ଶନ ସହ ସ୍ଥିତି ସରଜମିନ ତଦନ୍ତ ଓ ଅନୁସନ୍ଧାନ କରି ତ୍ୱରିତ ପଦକ୍ଷେପ ନେବା ଜରୁରୀ। ଚାଷୀଟି ହାତଉଧାର, ବ୍ୟାଙ୍କ ଋଣ,ମୂଲମଜୁରୀ ଖଟାଇ କରିଥିବା ଫସଲ ଯଦି ଉଜୁଡିଯାଏ, ତେବେ ଆଗାମୀ ଦିନରେ ସେ ଅଭାବଅନଟନରେ ପଡିବ ହିଁ ପଡିବ। ଏଣୁ କୃଷି ବିଭାଗ ଫାଇଲ ଚାଷରେ ମନ ନଦେଇ କାର୍ଯ୍ୟକ୍ଷେତ୍ରକୁ ଓହ୍ଲାଇ କୃଷି ଓ ଚାଷୀର ଉନ୍ନତିରେ ସରକାରଙ୍କ ପ୍ରଣୀତ ବିଭିନ୍ନ ଚାଷ ଓ ଚାଷୀ-କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରିବା ନିହାତି ଜରୁରୀ। ଏଦିଗରେ ସ୍ଥାନୀୟ ଜନପ୍ରତିନିଧି, ସମାଜସେବୀ, ରାଜନୀତିଜ୍ଞ ବ୍ୟକ୍ତିଗତ-ସ୍ୱାର୍ଥ ଓ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ଚାଷୀ ଓ ଚାଷର ସୁରକ୍ଷା ପାଇଁ ସସରକାର ଓ ବିଭାଗୀୟ ସ୍ତରରେ ଯୋଜନାବଦ୍ଧ ସମନ୍ୱୟ ରକ୍ଷା କରିବା ଜରୁରୀ। ରାଜ୍ୟରେ କେତେ ଚାଷୀ ଫସଲ ବୀମାରେ ଅନ୍ତର୍ଭୂକ୍ତ ଓ ଚାଷକାର୍ଯ୍ୟରେ ବୈଷୟିକ ଦୃଷ୍ଟିରୁ ଅଭିଜ୍ଞ ବୋଲି କୃଷି ବିଭାଗ ଏବେ ଠାରୁ ତଥ୍ୟାନୁସଂଧାନ କରିବା ଜରୁରୀ। ଚାଷର ଉନ୍ନତିରେ ସକଳ ଜୀବନ ସୁରକ୍ଷା ରହିଛି ବୋଲି କେହି ଭୂଲିଯିବା ଉଚିତ୍ ନୁହେଁ। ମହାମାରୀ ସମୟରେ ଜୀବନ ଜୀବିକା ବିପନ୍ନ ଥିବାବେଳେ ମୌସମୀ ଧୋକାରେ ଏସନ ଚାଷ ଯଦି ଉଜୁଡିଯାଏ, ତେବେ ଏହାର ପ୍ରଭାବରେ ଚାଷୀ ସହ ଆମେ ସଭିଏଁ ମଧ ଖାଦ୍ୟ ସଂକଟର ସମ୍ମୁଖୀନ ହେବା ନିଶ୍ଚୟ। ସରକାର ଏବେଠାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଜମିକୁ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଜରୁରୀ। ନଚେତ୍ ହୁଏତ ଆଗାମୀ ଦିନରେ ଏହି ଅନୀୟମିତ ମୌସମୀ ମରୁଡିକୁ ଡାକି ଆଣି ଫସଲ ନଷ୍ଟର କାରଣ ହୋଇ ଜୀବନ ନାଶକ ଯେ ନ ପାଲଟିବ ବୋଲି କହି ହେବ ନାହିଁ।






## ବରଷା ଆସିଲା

### ଧୀରେନ୍ଦ୍ର ମଲ୍ଲିକ

ଆକାଶରୁ ମେଘ ଝରିଲା
ନଈ ନାଳ ବିଲ ପୋଖରୀର ସାଥେ
ଗାଡ଼ିଆରେ ଜଳ ଭରିଲା,

ପୁକ୍ଷୀ ଚୁଲି ମୂଳ ରାମ୍ପିଲା
ବେଙ୍ଗୁଲି ନାନୀର କେଁ କଟରରେ
ସାରୁ ବୁଦା ମୂଳ କମ୍ପିଲା,

ଚଷାପୁଅ ଦେଖ ହସିଲା
ବଣ ଗଛ ଲତା ବରଷା ସକାଶେ
ସବୁଜ ସୁନ୍ଦର ଦିଶିଲା,

କଦମ୍ବ କେତକୀ ଫୁଟିଲା
ମେଘ ଉହାଡରେ ସୁରୁଜ ଦେବତା
ଆକାଶେ ବଉଦ ଘୋଟିଲା,

ଜଳଚର ଜୀବ ପାଇଲା
ଆନନ୍ଦ ମନରେ ଖେଳିକି ପାଣିରେ
ଧନ୍ୟ ଭଗବାନ କହିଲା,

ନାନା ଜାତି ଫଳ ମିଳିଲା
ରଙ୍ଗି ଆଈ ମୋର ବହୁତ ପରବ
ହରଷ ମନରେ ପାଳିଲା,

ନଦୀରେ ନଉକା ଭାସିଲା
ନଈ ସେପାରିରୁ ନୂଆ କନିଆଟେ
ଆମରି ଗାଆଁକୁ ଆସିଲା ,

ଜଗନ ଖୁସିରେ ମଜିଲା
ବରଷା ରାଣୀକୁ ଧନ୍ୟବାଦ ଦେଇ
କିଛିକ୍ଷଣ ପାଇଁ ଭିଜିଲା,


+ ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
(ମୋ)୭୯୦୪୩୯୨୬୮୬


## ତୁ ଯଦି ନୀଳ ପାହାଡରେ ଜଗା

### ଗୌରୀ ମେହେର



ତୁ ଯଦି ନୀଳ ପାହାଡରେ ଜଗା,
ମୋତେ କରିଦେରେ ହାଏ ଝରଣା,
ତୁଳସୀ ଗଛଟେ ତୁ ଯଦିରେ କାହ୍ନା,
ମୋତେ କରିଦେରେ ଘର ଅଗଣା ।
ଅଗାଢ ସମୁଦ୍ର ମୋ କାଳିଆ ସାଆନ୍ତ,
ମୁଁ ହେବିକି? ବୁନ୍ଦାଏ ବାରି,
ଅସରନ୍ତି ସମୁଦ୍ର ବାଲି ତୁଯଦିରେ ଧନ,
ମୋତେ କରିଦେ ମୁଠାଏ ବାଲି ॥
ଗୁନ୍ଥା ତୁଳସୀ ମାଳଟେ ତୁ ହେଲେ,
ମୋତେ କରିଦେ ସେ ମାଳର
ସୂତାଖିଅ ଟେ,
ପଦ୍ମ ପୋଖରୀ ତୁ ହେଲେ କାଳିଆ,
ମୋତେ କରିଦେ ପଦ୍ମ ପାଖୁଡା ଟେ ।
ଉଜ୍ଜ୍ୱଳମୟ କୋଟିଜହ୍ନ ତୁରେ,
କରିଦେରେ ମୋତେ ଦୀପ ଟେ,
ସୁଗନ୍ଧିତ ଫୁଲ ବଗିଚା ତୁ ହେଲେ,
କରିଦେରେ ମୋତେ ଫୁଲ ଟେ ।
କଳା ରଂଗିଆ ଶ୍ରୀମୁଖ ତୁ ହେଲେ,
କରିଦେ ମୋତେ କଳା
କଜଳଗାର ଟେ,
ସପ୍ତସୁର ଭରା ବଇଁଶୀ ତୁ ହେଲେ,
କରିଦେ ମୋତେ ବାଉଁଶ କାଠି ଟେ।
ଚନ୍ଦନ ବନ ତୁ ହେଲେ କାଳିଆ,
କରିଦେ ମୋତେ ଚନ୍ଦନ କାଠ ଟେ,
ମୟୂର ରାଇଜ ତୁ ଯଦିରେ ଶ୍ୟାମ,
ମୋତେ କରିଦେ ମୟୂରଚୂଳ ଟେ ।
ତୁ ତ ପୁଣ୍ୟଭରା ଅମୃତ ସିନ୍ଧୁରେ,
ମୁଁ ତ କଳୁଷ ପାତକୀ,
ସେ ଅମୃତ ବିନ୍ଦୁ ଟେ
ଛିଞ୍ଚି ଦେ'ରେ ଧନ,
ମୋ ଆଡକୁ ଥରେ ଚାହିଁ କି ।


+ ଗମ୍ଭାରୀଗୁଡା
ନୂଆପଡା


## ସୀମା

### ସିଦ୍ଧେଶ୍ୱର ତ୍ରିପାଠୀ



କହିବାର ଗୋଟେ ସୀମାଥାଏ
ସହିବାର ଗୋଟେ ସୀମାଥାଏ
ରହିବାର ଗୋଟେ ସୀମାଥାଏ
ଚାହିଁବାର ଗୋଟେ ସୀମାଥାଏ
ନଇଁବାର ଗୋଟେ ସୀମାଥାଏ
ଧାଇଁ ବାର ଗୋଟେ ସୀମାଥାଏ
ଶୁଣିବାର ଗୋଟେ ସୀମାଥାଏ
ଗୁଣିବାର ଗୋଟେ ସୀମାଥାଏ
କରିବାର ଗୋଟେ ସୀମାଥାଏ
ଧରିବାର ଗୋଟେ ସୀମାଥାଏ
ମାରିବାର ଗୋଟେ ସୀମା ଥାଏ
ହାରିବାର ଗୋଟେ ସୀମାଥାଏ
ଝୁରିବାର ଗୋଟେ ସୀମାଥାଏ
ଝରିବାର ଗୋଟେ ସୀମାଥାଏ
ଡରିବାର ଗୋଟେ ସୀମାଥାଏ
ସରିବାର ଗୋଟେ ସୀମାଥାଏ
ଭରିବାର ଗୋଟେ ସୀମାଥାଏ
ସାରିବାର ଗୋଟେ ସୀମାଥାଏ
ସୀମାରବି ଗୋଟେ ସୀମାଥାଏ
ସୀମା ଡେଇଁ ଗଲେ ଏଇ ଦୁନିଆରେ
ମୋହେତା ମହକ ଭୁଲିଯାଏ ।


+ କବିର ଘର,
କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
(ମୋ)୭୦୦୮୩୧୫୦୪୦


## ବାପା...

### ମହମ୍ମଦ ହନିଫ୍ ସାହା



ବାପା,
ଶବ୍ଦରେ ମାଧୁର୍ଯ୍ୟ ଅଛି
ସୌନ୍ଦର୍ଯ୍ୟ ଅଛି
ଲୁଚିଛି ଆତ୍ମୀୟତାର ଠିକଣା।
ବାପାଙ୍କ ପାଇଁ ମୁଁ ପରିଚିତ ପୃଥିବୀରୁ
ଆକାଶ ଯାଏଁ... ।
ତାଙ୍କ ଆଦର୍ଶ ବାସ୍ନାରେ..
ମୁଁ କୁନି କୁନି ପାଦରେ ..
ପୃଥିବୀ ଛାତିକୁ
କୋମଳ ସ୍ପର୍ଶ ଦେଇ
ତାଙ୍କ ହାତକୁ ଯାବୁଡ଼ି ଧରି ଚାଲି ସିଖି
ଏବେ ବି ଚାଲୁଛି... ।
ଯୋଗାନ୍ତି ସେ ପେଟକୁ ଦାନା,
ପିଠିକୁ କନା
ଆଉ ମନଖୋଲା ଅଳି-ଅର୍ଦ୍ଦଳି
ଯେତେ ହେଲେ ବି
ତାଙ୍କର ନିର୍ଭେଜାଲ୍ ପ୍ରତିଶୃତି,
ମହାନତା ଓ ସମବେଦନା
ଆଗରେ ପରାଜିତ...।
ବାପାଙ୍କୁ ଚିଠି 'ବାପା' ଶବ୍ଦରୁ
ଆରମ୍ଭ କରି
ରହିଲି 'ବାପା'ରୁ ଶେଷ କରେ...।
ବିଦେଶ ରୁ ଯେବେ ଫେରନ୍ତି
ଖୁସି ର ଲହରୀ ଖେଳି ଯାଏ ସ୍ପନ୍ଦନ
ବେଳା ଭୂମିରେ...।
ଯାନିଯାତରେ ଦାମୀ ଖେଳଣା
ସବୁ ଲାଗନ୍ତି
କମ୍ ଦାମୀ ଓ ନିଜର... ।
ପାଖେ ଥିଲେ ସେ ଅଦମ୍ୟ ସାହସର
ମୂର୍ଚ୍ଛନା ଗୁଞ୍ଜରିତ ହୁଅନ୍ତି
ଶିରା ପ୍ରଶିରାରେ,
ଦୁନିଆର ତତଲା ଦୁଃଖ ଯନ୍ତ୍ରଣା
ସବୁ ପଳାତକ...।
ସେ ନାଉରିଆ ସାଜି ଦଣ୍ଡାୟମାନ
ଆଜି ମୋ ଜୀବନ ନଉକାରେ....।
ତାଙ୍କ କର୍କଶ ସ୍ୱର ଓ ବଙ୍କୁଲୀ ବାଡ଼ି
ଉଠା ଦେଖି ଚପଳାମୀ,
ଦୁଷ୍ଟାମିରେ ପୂର୍ଣଛେଦ,
ମୁଁ ମଣିଷରୁ ଭଲ ମଣିଷ ...।
ପିଲାବେଳ ଅଳିକୁ ମନେ ପକାଇ
ପଚାରେ ଏବେ
ବାପା କ'ଣ ଦରକାର କୁହ?
ସେଇ ଗୋଟିଏ ଉତ୍ତର ପାଏ ମୁଁ
ମୋର କିଛି ଦରକାର ନାହିଁ :
'ତୁ ଭଲରେ ଥା,
ତୋ' ସଂସାର ଭଲରେ ଥାଉ
ମୋ ପାଖରେ ତୁ ସଦା ଥା'
ଭାବବିହ୍ୱଳ ହୋଇ ଉଠେ ମାନସପଟ
ଛଳ ଛଳ ଲୁହର ଯୁଆର
ଯୁଗଳ ନୟନେ... ।
ବାପାଙ୍କ ଠାରେ ଆଜି ବି
ମୁଁ ଋଣୀ..ଚିର ଋଣୀ ରହିବି
ବଞ୍ଚି ଥିବା ପର୍ଯ୍ୟନ୍ତ...


+ ନୂଆଗାଁ, ଧାମନଗର, ଭଦ୍ରକ
(ମୋ)୯୭୭୬୦୯୦୮୨୪

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୨୮

ଆଜିଠାରୁ ଆମ ଦୁହିଁଙ୍କ ପରିଚୟ ରାଜପୁତ୍ର କି ସୂତପୁତ୍ର ନୁହେଁ, କେବଳ ମିତ୍ର... ମିତ୍ର ।

ବାସ୍ତବରେ ଦୁର୍ଯ୍ୟୋଧନଙ୍କ ପାଖରେ ମୁଁ ଚିରଋଣୀ । ଅଥଚ ମୁଁ ଗୋଟିଏ କଥା ବୁଝିପାରୁନି ଦୁର୍ଯ୍ୟୋଧନ ଯେଉଁଠି ମୋ ପ୍ରତି ଏତେ ଉଦାର, ନମ୍ର, ସେଠି ସେ କାହିଁକି ପାଣ୍ଡବ ବିରୋଧୀ । ପାଣ୍ଡବମାନେ ତ କାହିଁ ତାଙ୍କ ପ୍ରତି ଅସହିଷ୍ଣୁ ବୋଲି ଜଣାପଡ଼ନ୍ତି ନାହିଁ । ଅଥଚ ପ୍ରଥମରୁ ହିଁ ଦୁର୍ଯ୍ୟୋଧନ ତାଙ୍କପ୍ରତି ଏତେ ଅସହିଷ୍ଣୁ କାହିଁକି, ବିଶେଷକରି ଭୀମସେନଙ୍କ ସହ । ନହେଲେ ଜ୍ୟେଷ୍ଠପାଣ୍ଡବ ଯୁଧିଷ୍ଠିର ତ ସାକ୍ଷାତ୍ ଧର୍ମର ଅବତାର । ଯେମିତି ଉଦାର ସେମିତି ସ୍ନେହୀ । ତାଙ୍କ ଦୃଷ୍ଟିରେ ଉଭୟ କୁରୁ ପାଣ୍ଡବ ଏକ, ଅଭିନ୍ନ । ଦୁର୍ଯ୍ୟୋଧନଙ୍କ ସମସ୍ତକୁ-ଗୁଣାବଳୀ ସତ୍ତ୍ୱେ ତାଙ୍କୁ ସେ ସ୍ନେହରେ ସୁଶୋଧନ ବୋଲି ଡାକନ୍ତି । ଏଭଳି ଦେବତୁଲ୍ୟ ଭାଇ ପ୍ରତି ଦୁର୍ଯ୍ୟୋଧନଙ୍କର ବିଦ୍ୱେଷ ହେବାର କାରଣ କ'ଣ ? ଭାବେ ଦୁର୍ଯ୍ୟୋଧନ ଯେବେ ମୋତେ ମିତ୍ରତା ବନ୍ଧନରେ ବାନ୍ଧି ଦେଇଛନ୍ତି, ମୁଁ ନିଶ୍ଚେ ତାଙ୍କର ଚରିତ୍ରକୁ ବଦଳାଇବାକୁ ଚେଷ୍ଟା କରିବି । ହେଲେ, ମାତୁଳ ଶକୁନିଙ୍କ ଦୃଷ୍ଟି ପଡ଼ିଲେ ସବୁକିଛି ଓଲଟ ପାଲଟ ହୋଇଯାଏ ।

ଗାନ୍ଧାର ରାଜ ଶକୁନି । ନିଜ ଭଗ୍ନୀ ଗାନ୍ଧାରୀ ସହ ହସ୍ତିନା ରାଜପୁରୀକୁ ଆସି ପୂରାପୂରି ସ୍ଥାୟୀ ବସତି ସ୍ଥାପନ କରିସାରିଲେଣି । ନିଜ ରାଜ୍ୟକୁ ଫେରିଯିବା ତ ଦୂରର କଥା ବରଂ ଭିଣୋଇ ରାଜ୍ୟରେ ନିଜର ଆଧିପତ୍ୟ ବିସ୍ତାର କରି ସାରିଲେଣି । ଜନ୍ମାନ୍ଧ ମହାରାଜଙ୍କ ଦୁର୍ବଳତାର ସୁଯୋଗ ନେଇ ତାଙ୍କରି ପାଖେପାଖେ ଥାଇ ଶେଷରେ ମନ୍ତ୍ରୀପଦ ମଧ୍ୟ ଆବୋରି ବସିଲେଣି । ଆଉ ଭାଗିନେୟ ଦୁର୍ଯ୍ୟୋଧନକୁ ନିଜ ହାତର କ୍ରୀଡ଼ନକ ସଜାଇ ସାରିଲେଣି । ନହେଲେ ଦୁର୍ଯ୍ୟୋଧନ କାହିଁକି, ମାତୁଳ ଶକୁନି କଥାକୁ ଏତେ ଗୁରୁତ୍ୱ ଦେଉଥାନ୍ତି । ଶକୁନିଙ୍କ ବିନା ଦୁର୍ଯ୍ୟୋଧନଙ୍କ ନିଜସ୍ୱ ଅସ୍ତିତ୍ୱ କିଛି ନାହିଁ କହିଲେ ଚଳେ । ମୁଁ ଯେତେଯେତେ ଦୁର୍ଯ୍ୟୋଧନଙ୍କ ଘନିଷ୍ଠ ହେଉଥାଏ ସେତେବେଳେ ତାଙ୍କ ଆଚରଣ ମୋତେ ରହସ୍ୟ ଲାଗୁଥାଏ । ମନରେ ସନ୍ଦେହ ଜାଗେ । ଲକ୍ଷ୍ୟକରେ ରାଜମାତା ଗାନ୍ଧାରୀ ମଧ୍ୟ ନିଜ ସହୋଦର ଭାଇ ପ୍ରତି ଅସନ୍ତୁଷ୍ଟ । ମୁଁ କିଛି ବୁଝି ପାରେନା । ଶକୁନିମାମୁଙ୍କ ପ୍ରତିଟି କଥା ମୋତେ କୃତ୍ରିମ ଛଳନା ବୋଲି ମନେହୁଏ । କିଏ ଜାଣେ ଭାଗିନେୟ ପ୍ରତି ଅତ୍ୟଧିକ ସ୍ନେହପଛରେ ତାଙ୍କର ଅନ୍ୟ କିଛି ମନ୍ଦ ଉଦ୍ଦେଶ୍ୟ ଅଛି । କେଜାଣି କାହିଁକି ତାଙ୍କର କଥାବାର୍ତ୍ତା, ଚଳିଚଳଣ ମୋତେ କେମିତି କେମିତି ଲାଗେ । ମୋର ଯେମିତି ମନେହୁଏ, ଆଗାମୀ ଭବିଷ୍ୟତରେ କୁରୁବଂଶ ପାଇଁ ଶକୁନିମାମୁ ହିଁ ହେବେ ଏକ ବିଭେଦମାନ ପାଚେରି ।

ନା ନା ଦୁର୍ଯ୍ୟୋଧନ ମୋର ପରମମିତ୍ର ସଖା, ବାନ୍ଧବ । ମୋ ଜୀବନ ବିନିମୟରେ ତାଙ୍କର ସୁରକ୍ଷା ଦାୟିତ୍ୱ ମୋର । ତାଙ୍କୁ କଦାପି ମୁଁ ମୋ ପାଖରୁ ଛାଡ଼ି ପାରିବିନି । ଯେଉଁ ମୁହୂର୍ତ୍ତରେ ମୋତେ ସର୍ବସମ୍ମୁଖରେ ଲାଞ୍ଛନାର ଶିକାର ହେବାକୁ ପଡ଼ିଥିଲା । ଠିକ୍ ସେହି ସମୟରେ ସେ ମୋର ମାନ, ଇଜ୍ଜତ ବଞ୍ଚାଇ ସର୍ବସମ୍ମୁଖରେ ଯେଉଁ ଉଦାରତାର ପରିଚୟ ଦେଇଥିଲେ । ତାହା କେବେ କେଉଁଠି ହୋଇଥିବାର ନଜିର ନାହିଁ । ବରଂ ଭବିଷ୍ୟତରେ ମାତୁଳ ଶକୁନି ତାଙ୍କ ପାଇଁ ଯଦି କିଛି ଅନ୍ତରାୟ ସୃଷ୍ଟି କରନ୍ତି, ତେବେ ମୁଁ ନିଶ୍ଚେ ମିତ୍ର ପାଖେପାଖେ ରହି ତାଙ୍କର ସହାୟ ହେବି ।

ମୁଁ ଏବେ ରାଜା । ଅଂଗଦେଶର ରାଜା । ହୋଇପାରେ, ରାଜପଦବି ମୋର ଦୁର୍ଯ୍ୟୋଧନଙ୍କ ଦୟାରୁ । ତଥାପି ରାଜ୍ୟ ପ୍ରତି ପ୍ରଜାଙ୍କ ପ୍ରତି ନିଶ୍ଚିତ କିଛି କର୍ତ୍ତବ୍ୟ ରହିଛି, ଦାୟିତ୍ୱ ମଧ୍ୟ । ମୋତେ ଏବେ ସେଠାରେ ରହିବାକୁ ପଡ଼ିବ । ସେଠାକାର ପ୍ରଜାମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ। ମିତ୍ର ଦୁର୍ଯ୍ୟୋଧନଙ୍କୁ ତେଣୁ ମୋ ଉଦ୍ଦେଶ୍ୟ ବିଷୟରେ ବୁଝାଇ ଦେଲି । ସେସବୁ ଶୁଣି କହିଲେ ମିତ୍ର କର୍ଣ୍ଣ, ଆମେ ଦୁହେଁ ପରସ୍ପରଠାରୁ ଦୂରେଇ ରହିବୁ ଏହା ମୁଁ ଚାହୁଁନି। ତେଣୁ ତୁମପାଇଁ ସବୁ ବ୍ୟବସ୍ଥା କରିଦେଇଛି । ତୁମେ ଅଂଗଦେଶର ରାଜା ହେଲେ ମଧ୍ୟ ତୁମ ରାଜଭବନ ରହିବ ହସ୍ତିନାପୁରରେ। ଫଳରେ ଦୁହେଁ ପାଖାପାଖି ରହିବାର ସୁଯୋଗ ପାଇବୁ। ମିତ୍ରଙ୍କ କଥାକୁ କାଟି ନପାରି କହିଲି, ମୁଁ ତୁମରି ପାଖେପାଖେ ରହିବି । ଏ ପ୍ରତିଶ୍ରୁତି ଦେଲି ।

ବେଶ୍ କିଛିଦିନ ମିତ୍ରଙ୍କ ସହ ହସଖୁସିରେ କଟିଗଲା । ମୋର କୌଣସି ଅଭାବ ଅସୁବିଧା ରହିଲା ନାହିଁ । ହେଲେ ଯେଉଁ ବାପାମାଆଙ୍କ ପରିଚୟରେ ମୁଁ ଏତେବାଟ ଆଗେଇ ଆସିଛି ସେମାନଙ୍କ ପାଇଁ କିଛି ତ କର୍ତ୍ତବ୍ୟବୋଧ ରହିଛି। ତେଣୁ ଚମ୍ପାପୁର ଗାଁର ଉନ୍ନତି ଥିଲା ମୋର ପ୍ରଥମ ଲକ୍ଷ୍ୟ ।

ମୋରି ନିର୍ଦ୍ଦେଶରେ ଚମ୍ପାପୁର ଗାଁର ମାନଚିତ୍ର ବଦଳିଗଲା। ଗାଁର ରାସ୍ତାଘାଟ ଆଦି ନୂତନ ଭାବେ ନିର୍ମିତ ହେଲା। ଚମ୍ପାପୁର ଗାଁ ରାସ୍ତା, ମୋର ବାଲ୍ୟ, କୈଶୋର ଜୀବନର ଧୂଳିଦାଣ୍ଡ। ଏହି ଗାଁ ରାସ୍ତାରେ ଖେଳିଛି, ଆମ୍ବଗଛର ଛାଇରେ ସମୟ କାଟିଛି । ଏଠି ମୋର ପିଲାଦିନର ଅନେକ ସ୍ମୃତି, ଅନେକ ସାଥୀ । ତାକୁ କ'ଣ ଏତେ ଶୀଘ୍ର ଭୁଲିଯାଇ ହୁଏ। ଚମ୍ପାପୁରର ନାମ ବଦଳାଇ ରଖିଲି ଚମ୍ପାନଗରୀ। ଗାଁର ଗୁରୁଜନ, ବୟସ୍କ ଲୋକମାନଙ୍କ ମୁହଁରେ ଭୁରିଭୁରି ପ୍ରଶଂସା । ମୁଁ କୁଆଡ଼େ ତାଙ୍କ କୁଳର ଗୌରବ । ଏସବୁ ଶୁଣିଲେ ମୋତେ ମଧ୍ୟ ଆତ୍ମସନ୍ତୋଷ ମିଳୁଥିଲା । ଭାବୁଥିଲି, ଯାହା ହେଉ ବହୁତ ଡେରିରେ ହେଲେ ବି ନିଜ ଗାଁ ଜନ୍ମଭୂମିର ସେବା ପାଇଁ ତ କିଛି କରିପାରିବି।

ମୋ ପ୍ରଚେଷ୍ଟାରେ ଚମ୍ପାନଗରୀ ଏକ ସମୃଦ୍ଧଶାଳୀ ରାଜ୍ୟରେ ପରିଣତ ହୋଇଗଲା । ଲୋକଙ୍କ ମୁହଁରେ ମୋର ଜୟଜୟକାର ହେଲା। ମୁଁ ନିଜେ କିନ୍ତୁ ଏ ଆତ୍ମପ୍ରଶଂସାରେ ଲାଳାୟିତ ନଥିଲି । ମୁଁ କର୍ଣ୍ଣ । ସ୍ୱାଭିମାନୀ । ଅଭିମାନ ମୋର ସହଜାତ ଗୁଣ । ନିଜର ପୁରୁଷାକାର, ବୀରତ୍ୱ ହିଁ ମୋର ନିଜସ୍ୱ ସମ୍ପତ୍ତି । କାହାରି ଠାରେ ମୁଣ୍ଡନୁଆଁଇ ନିଜ ସ୍ୱାଭିମାନକୁ ବାନ୍ଧିଦେବା ମୋ ଜାତକରେ ନାହିଁ । ସେଥିପାଇଁ ସୂତପୁତ୍ର ହୋଇ ବି ଅଂଗଦେଶର ରାଜପଦବି ପାଇଁ ମୁଁ ଏତେଟା ଗର୍ବିତ ନୁହେଁ । କାରଣ ଜଗତ ଜାଣେ ମୋ ମୁଣ୍ଡରେ ରାଜମୁକୁଟ ମୋ ମିତ୍ରଙ୍କ ଦାନରୁ । ତାଙ୍କରି ଦୟା, କରୁଣାରୁ । ଆଜି ସିନା ମୁଁ ରାଜା ନହେଲେ ସାରଥୀ ଅଧିରଥ, ରାଧାମାତାଙ୍କ ସନ୍ତାନ ମୁଁ ରାଧେୟ । ଯେଉଁ ସୂତପୁତ୍ରର ପରିଚୟ ନେଇ ଜୀବନର ଚଲାପଥରେ ଏତେ ବାଟ ଆଗେଇ ଆସିଛି ତାକୁ ଏତେ ଶୀଘ୍ର ଭୁଲିବି କେମିତି ? ଏସବୁ ଭାବିଲେ ମନରେ ପ୍ରଶ୍ନଉଠେ ମୁଁ କିଛି ଭୁଲ୍ କରିନି ତ ? ମିତ୍ର ଦୁର୍ଯ୍ୟୋଧନଙ୍କ ଅନୁକମ୍ପା ଲାଭକରି ନିଜକୁ ତାଙ୍କ ନିକଟରେ ବିକ୍ରି କରି ଦେଇନି ତ ? ପରକ୍ଷଣରେ ଦୁର୍ଯ୍ୟୋଧନଙ୍କ ମୁହଁ ମୋ ଆଗରେ ଝଲସି ଉଠେ । ଭାବେ କର୍ଣ୍ଣ ଭୀରୁ ନୁହେଁ, ଦୁର୍ବଳ ନୁହେଁ, ନୁହେଁ ମଧ୍ୟ କାପୁରୁଷ । ନହେଲେ ସେଦିନ ସର୍ବସମ୍ମୁଖରେ ମାନଗୋବିନ୍ଦ ଆଉ କାହାରି ମୁଣ୍ଡରେ ରାଜମୁକୁଟ ନ ପିନ୍ଧାଇ ମୋ ମୁଣ୍ଡରେ ଚଢ଼ାଇ ଦେଲେ କାହିଁକି ? ମୋର ବୀରତ୍ୱ, ସାମର୍ଥ୍ୟ ଉପଯୁକ୍ତ ପ୍ରମାଣପତ୍ର ନୁହେଁ । ସେ ମଧ୍ୟ ଚାହୁଁଥିଲେ ମୋ ପରି ଜଣେ ବୀରପୁରୁଷଙ୍କ ସାନ୍ନିଧ୍ୟ, ମିତ୍ରତା । ଯାହା ତାଙ୍କୁ ଆଗାମୀ ଭବିଷ୍ୟତ ପାଇଁ ସହାୟ ହେବ। ତେଣୁ ଏ ଜଗତ ମୋତେ ଯାହା କହୁନା କାହିଁକି, କେବେ କୌଣସି ପରିସ୍ଥିତିରେ ମଧ୍ୟ ମୁଁ ମିତ୍ର ଦୁର୍ଯ୍ୟୋଧନଙ୍କ ଠାରୁ କେବେବି ଭିନ୍ନ ହେବିନି, ବରଂ ଏ ଜଗତ ଜାଣିବ, ଆମ ଦୁହିଁଙ୍କ ବନ୍ଧୁତ୍ୱ କେବଳ ଗୋଟିଏ ଯୁଗର ନୁହେଁ; ଗୋଟିଏ ଜନ୍ମର ନୁହେଁ । ଯୁଗଯୁଗର, ଜନ୍ମ ଜନ୍ମାନ୍ତର ପାଇଁ।

ମୁଁ ତ ଦୁର୍ଯ୍ୟୋଧନଙ୍କ ଠାରେ ହାତପାତି ରାଜ୍ୟ, ରାଜପଦବି ପାଇଁ ଭିକ୍ଷା କରି ନଥିଲି । ତାଙ୍କର ଅଯାଚିତ ଦାନକୁ କେବଳ ଗ୍ରହଣ କରି ନେଇଥିଲି । ଆଜି ତେଣୁ କୃତଜ୍ଞତା ଜଣାଇବାକୁ ଧାଇଁ ଆସିଥିଲି । ତାଙ୍କ ପାଖରେ ଭାଇ ଦୁଃଶାସନ ଓ ମାତୁଳ ଶକୁନି ମଧ୍ୟ ଥିଲେ। ଆମ ଭିତରେ ଅନେକ କଥା ଆଲୋଚନା ହେଲା । ଏହି ଆଲୋଚନା ମଧ୍ୟରେ ମୁଁ ଲକ୍ଷ୍ୟ କରୁଥିଲି ଦୁର୍ଯ୍ୟୋଧନ କେମିତି ଅନ୍ୟମନସ୍କ ରହୁଛନ୍ତି । ନିଶ୍ଚେ କିଛି ଚିନ୍ତା ନେଇ ସେ ବିବ୍ରତ ରହୁଛନ୍ତି । ପୂର୍ବରୁ ଯାହାକିଛି ମନ୍ତ୍ରଣା ହୁଏ କିମ୍ବା ଆଲୋଚନା ହୁଏ ସେମାନଙ୍କ ତିନିଜଣଙ୍କ ମଧ୍ୟରେ ହେଉଥିଲା। ଏବେ କିନ୍ତୁ ମିତ୍ର ସବୁଥିରେ ମୋତେ ସାମିଲ୍ କରିବାକୁ ଚାହୁଁଛନ୍ତି । ମୋର କିନ୍ତୁ ଶକୁନିମାମୁଙ୍କ ପ୍ରତି ଘୋର ସନ୍ଦେହ ଜାଗୁଥିଲା ମନରେ । ମୋତେ ଶକୁନିମାମୁଙ୍କ କଥାବାର୍ତ୍ତା ଠିକ୍ ଲାଗୁନଥିଲା । ସେ ଯେ ପ୍ରକୃତରେ ଦୁର୍ଯ୍ୟୋଧନଙ୍କ ମଂଗଳକାରୀ କି ଅମଂଗଳକାରୀ ସେ ବିଷୟରେ ମୁଁ ଥିଲି ସନ୍ଦିହାନ । ପରିସ୍ଥିତିରେ ପଡ଼ି ବାଧହୋଇ ମୁଁ କେବଳ ସେମାନଙ୍କ କଥାକୁ ଶୁଣି ଯାଉଥିଲି। ପ୍ରତିବାଦ କରିବାକୁ ସାହସ କରୁ ନଥିଲି । କିନ୍ତୁ ଲକ୍ଷ୍ୟ କରୁଥିଲି ମାମୁ ସବୁବେଳେ ଦୁର୍ଯ୍ୟୋଧନଙ୍କୁ କୁମନ୍ତ୍ରଣା ଦେଇ ତାଙ୍କର ମାନସିକ ଅସ୍ଥିରତାକୁ ଆହୁରି ବଢ଼ାଉଥିଲେ। ସଦାସର୍ବଦା ଭାଗିନେୟଙ୍କୁ ନିଜ ହାତରେ କ୍ରୀଡ଼ନକ ସଦୃଶ ବ୍ୟବହାର କରୁଥିଲେ। ନା ମୁଁ ସେ ସବୁ ପ୍ରତିବାଦ କରିପାରୁଥିଲି ନା ସେମାନଙ୍କୁ ଛାଡ଼ି ପାରୁଥିଲି । ମୁଁ ତ କେବଳ ଏତିକି ଜାଣିଥିଲି, ମିତ୍ର ଦୁର୍ଯ୍ୟୋଧନଙ୍କ ପ୍ରତି ବିଶ୍ୱସ୍ତ ହୋଇ ରହିବା ମୋର ପରମ ଧର୍ମ ।



ହଁ ସେଇ ତ ବନ୍ଧୁତ୍ୱ ଯାହାର ଭିତ୍ତିପ୍ରସ୍ତର ଗଢ଼ା ହୋଇଥାଏ ବିଶ୍ୱାସରେ, ସ୍ନେହରେ, ମମତାରେ। ସେହି ବିଶ୍ୱାସଟିକୁ ହରାଇ ମୁଁ ମିତ୍ରଦ୍ରୋହୀ ହେବାକୁ ଚାହେଁନା । ମିତ୍ର ମୋର ପ୍ରାଣର ସ୍ପନ୍ଦନ। ଦୁହେଁ ଦୁହିଁଙ୍କ ପାଇଁ ଯେଉଁଠି ଉତ୍ସର୍ଗୀକୃତ। ସେଠି ପ୍ରତିହିଂସା, ବିଦ୍ୱେଷ, ଅସୂୟାର ସ୍ଥାନ ନାହିଁ । ମିତ୍ରପାଇଁ ମୁଁ ରକ୍ଷାକବଚ। ନିଜ ପ୍ରାଣର ବିନିମୟରେ ତାଙ୍କର ଜୀବନରକ୍ଷା ମୋର ପରମ କର୍ତ୍ତବ୍ୟ । ଯୁଗଯୁଗ ପାଇଁ ଆମ ଦୁହିଁଙ୍କ ମିତ୍ରତା ଆଦର୍ଶ ହୋଇ ରହୁ। ଅନ୍ୟମାନଙ୍କୁ ଆଲୋକ ଦେଖାଉ।

ମିତ୍ର ଦୁର୍ଯ୍ୟୋଧନଙ୍କ ମନରୁ ଭୟ, ଆଶଙ୍କା ଦୂର କରିବାପାଇଁ ମୁଁ ନିଶ୍ଚିତ ଯତ୍ନ କରିବି । ହଁ, ତାଙ୍କର ବେଶି ଭୟ ପାଣ୍ଡବ ମାନଙ୍କୁ । ବିଶେଷକରି ଭୀମ ଓ ଅର୍ଜୁନଙ୍କୁ । ସେ ଚାହୁଁଥାନ୍ତି ପାଣ୍ଡବଶୂନ୍ୟ ରାଜ୍ୟ । ସେଥିପାଇଁ ତାଙ୍କ ମନରେ ଏତେ ବିଦ୍ୱେଷ । ମୁଁ କିନ୍ତୁ ଭାବିପାରୁ ନଥିଲି, ଏ କେମିତି ସମ୍ଭବ ? କୁରୁ ପାଣ୍ଡବ ଉଭୟ ତ ହସ୍ତିନାପୁର ରାଜ୍ୟର ଅଂଶୀଦାର । ବରଂ ଉଭୟଙ୍କ ମଧ୍ୟରେ ସହମତି, ସହାବସ୍ଥାନ ହୋଇପାରିଲେ ଉଭୟଙ୍କ ପାଇଁ ମଂଗଳ । ଅଥଚ ପାଣ୍ଡବମାନଙ୍କ ପ୍ରତି ତାଙ୍କ ମନରେ ଏତେ ହିଂସ୍ରତା କାହିଁକି ? ପାଣ୍ଡବମାନେ ତ ସେମିତି ନୁହଁନ୍ତି । ତେବେ ମୋ ମନକଥା ମନରେ ରଖି ମିତ୍ର ଆଗରେ କିଛି ବି ପ୍ରକାଶ କଲିନାହିଁ ।

ମୋ ପାଇଁ ମିତ୍ର ସବୁକିଛି ବ୍ୟବସ୍ଥା କରାଇ ଦେଇଥିଲେ । ରାଜକୋଷରୁ ଅର୍ଥ ମଧ୍ୟ ଯୋଗାଇ ଦେଉଥିଲେ। ଆଉ ଏଥିରେ ମାମୁ ଓ ଦୁଃଶାସନଙ୍କ ମଧ୍ୟ ସହମତି ଥିଲା । ସବୁ ପରିସ୍ଥିତିରେ ମୁଁ ମିତ୍ର ଦୁର୍ଯ୍ୟୋଧନଙ୍କ ଏକାତ୍ମ ହେବାକୁ ମନେମନେ ନିଷ୍ପତ୍ତି ନେଲି ।

- ଛବିଶ -

ଏହା ମଧ୍ୟରେ ଅତିକ୍ରାନ୍ତ ହୋଇଯାଇଛି କିଛି ବର୍ଷ, ମାସ । ମୁଁ ଏବେ ରାଧେୟ, ଅଂଗଦେଶର ରାଜା କର୍ଣ୍ଣ। ଖାଲି ସେତିକି ନୁହେଁ ବାଲ୍ୟ, କୈଶୋର ଅତିକ୍ରମ କରି ପଦାର୍ପଣ କରିଛି ଯୁବାବସ୍ଥାରେ। ନୂଆନୂଆ ରାଜା ହେବାରେ ଆନନ୍ଦ। ଅନେକ ନୂତନ ଅନୁଭୂତି ନେଇ ମୁଁ ଉତ୍‌ଫୁଲ୍ଲିତ। ମୋର ଏ ନୂତନ ପଦବି ପାଇଁ ଉଭୟ ବାପା ମାଆ ଓ ମୋର ଅନୁଜ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ। ହସ୍ତିନାପୁର ରାଜଭବନ ମଧ୍ୟରେ ମିତ୍ରଙ୍କ ପାଖେପାଖେ ରହିଥିଲେ ମଧ୍ୟ ଅଂଗଦେଶରେ ଅବସ୍ଥାନ ସମୟରେ ମୋ ପାଇଁ ଅଜାଡ଼ି ହୋଇ ପଡୁଥିଲା ଅନେକ ସମ୍ମାନ। ପ୍ରଜାମାନଙ୍କ ସୁଖ ଦୁଃଖ ବୁଝିବା ସହ ଅଂଗଦେଶକୁ ସର୍ବାଙ୍ଗ ସୁନ୍ଦରକରି ଗଢ଼ି ତୋଳିବାରେ ଯଥାସାଧ୍ୟ ଉଦ୍ୟମ କରିଛି । ସୈନ୍ୟବଳ ବଢ଼ାଇଛି । ପୁଣି ରାଜ୍ୟ ଜୟକରି ଦେଶପାଇଁ ବୋହିଆଣିଛି ଅନେକ ଉପଢୌକନ ଓ ଧନରତ୍ନ। ମିତ୍ର ଦୁର୍ଯ୍ୟୋଧନଙ୍କ ଏଥିପାଇଁ ଶୁଭେଚ୍ଛା ଓ ସହାୟତା ଚିର ସ୍ମରଣୀୟ ରହିବ ମୋ ପାଖରେ।

ରାଜା ହେବାପରେ ପ୍ରଜାମାନଙ୍କ ସୁଖ ଦୁଃଖ ସହ ନିଜକୁ ସାମିଲ୍ କରି ନେଇଛି । ପ୍ରଜାମାନଙ୍କ ହିତସାଧନ ପାଇଁ ନିଜକୁ ଉତ୍ସର୍ଗ କରିଛି। ତଥାପି ଲକ୍ଷ୍ୟକରେ, ବାପାମାଆ ଉଭୟ ମୋ ପାଇଁ ଚିନ୍ତିତ। ଏହା ତ ସ୍ୱାଭାବିକ କଥା, ଯାହା ସବୁ ବାପାମାଆ ମାନେ ଚାହିଁଥାନ୍ତି। ସନ୍ତାନର ବିବାହ ବୟସ ହୋଇଗଲେ ଅନ୍ୟମାନଙ୍କ ଭଳି ମୋ ବାପାମାଆ ମୋ ବିବାହ ବିଷୟ ନେଇ ବ୍ୟସ୍ତ ହୋଇ ପଡୁଥାନ୍ତି। ମୁଁ ଲକ୍ଷ୍ୟ କରୁଥିଲି, ଆମଘରେ ଏ ନେଇ ଚର୍ଚ୍ଚା ହେଉଥିଲା। ସେ ଚାହୁଁଥିଲେ ମୋ ପରି ଜଣେ ବୀରପୁତ୍ର ପାଇଁ ବୀରା ରମଣୀଟିଏ ମଧ୍ୟ ଲୋଡ଼ା । ସହଜେ ମୁଁ ରାଜା ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଆମେ କପି କରନ୍ତି କାହିଁକି ?

## ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ପିଲାମାନେ ପରୀକ୍ଷାରେ କପି କରିବା କଥା ଆମେ ଜାଣିଛନ୍ତି କିନ୍ତୁ କେବେ ଲକ୍ଷ କରିଛନ୍ତି,ଆମେ ସମସ୍ତେ ଜଣେ ଜଣେ କପିକ୍ୟାଟ୍। କପି କରିବା ଯେମିତି ଆମର ସହଜାତ ପ୍ରବୃତ୍ତି। କେହି ପଡୋଶୀ ଯଦି ଭଲ ଘରଟିଏ କରିଦେଲା, ଭଲ ବଗିଚା କରିଦେଲା, ଦାମୀ ଗାଡି କିଣିଦେଲା, ଆମେ ପଡୋଶୀର ଉନ୍ନତି, ଘରର ସାଜସଜ୍ଜା ବା ଷ୍ଟାଟସ୍ ଦେଖି ଖୁସି ହେବା ବଦଳରେ ମନରେ ଇର୍ଷା ଆଣନ୍ତି। ସଂଗେ ସଂଗେ ଆମେ କପି କରିବା ଆରମ୍ଭ କରନ୍ତି। ପଡୋଶୀର ଗାଡିଠାରୁ ଆହୁରି ଭଲ ଗାଡିଟିଏ କିଣି ପକାନ୍ତି। ବିଶେଷକରି ଘରର ମହିଳାମାନେ ସ୍ୱାମୀଙ୍କ ମୁଣ୍ଡ ଖରାପ କରିଦିଅନ୍ତି 'ଦେଖୁନ ସେ କେତେ ସୁନ୍ଦର ଘରଟିଏ କରିଛି, ତା ପିଲାମାନେ କେମିତି ଭଲ ସ୍କୁଲରେ ପଢୁଛନ୍ତି, ତମେ ତ କିଛି କରିବନି, ତମକୁ ଟିକେ ବି ଖରାପ ଲାଗୁନି? ଆମେ ଆଉ ଏମିତି ଘରେ ରହି ପାରିବୁନି, ଏତେ କମ୍‌ରେ ଚଳି ପାରିବୁନି, ଆମକୁ ଅମୁକ ଦରକାର, ସମୁକ ଦରକାର ଇତ୍ୟାଦି'। ସ୍ୱାମୀମାନଙ୍କ ଉପରେ ଏତେ ଡିମାଣ୍ଡ ବଢିଚାଲେ ଯେ, ଶେଷରେ ବିଚରା ସ୍ୱାମୀ ପରିବାରରେ ଅଶାନ୍ତି ନଆଣିବାକୁ ଯାଇ ଚାକିରିରେ ଲାଞ୍ଚ ନିଏ, ଚୋରି କରେ, କାର୍ଯ୍ୟକ୍ଷେତ୍ରରେ ଠକାଠକି କରି ଅଧିକ ଦି'ପଇସା ରୋଜଗାର କରିବାକୁ ବାଧ୍ୟହୁଏ। କାରଣ ପଡୋଶୀର ଘର ଭଳି ଘର, ପଡୋଶୀର ଗାଡି ଭଳି ଗାଡି ଦରକାର ପରିବାରକୁ।

ଅନ୍ୟକୁ ଦେଖି କପି କରିବା କ'ଣ ନିହାତି ଦରକାର? ଆଉ କାହାର ଷ୍ଟାଟସ୍, ଆଉ କାହାର ଯୋଗ୍ୟତା, ଆଉ କାହାର କଣ ଅଛି ଦେଖି ଆମେ କାହିଁକି କପି କରନ୍ତି? ହୁଏତ ଯାହା ଆମ ପାଖରେ ଅଛି, ଅନ୍ୟ କାହା ପାଖରେ ଥାଇନପାରେ। ଆମକୁ ଇଶ୍ୱର ଯାହା ଦେଇଛନ୍ତି ସେତିକିରେ ଖୁସି ହେବା ଉଚିତ୍ ଓ ନିଜ ସାଧନା, ଶ୍ରମ ଦ୍ୱାରା ନିଜ ବଳୟ ଭିତରେ ସପରିବାର ଖୁସି ରହିବା ଉଚିତ୍। ଅନ୍ୟକୁ କପି କରିବାକୁ ଚେଷ୍ଟା କଲେ ମନରେ କେବଳ ଲୋଭ, ଇର୍ଷା, ଅସହିଷ୍ଣୁତା ଜନ୍ମନେବ।

ଯେତେ ଆମେ ଅନ୍ୟର ବିଳାସ ପ୍ରତି ଧ୍ୟାନ ଦେବା ଆମ ମନରେ ସେତେ କାମନା, ଅଶାନ୍ତି ଘର କରିବ। ଆମେ ସବୁବେଳେ ଶାନ୍ତି ଚାହାଁନ୍ତି ନା! ତେବେ ଆମ ଚାହିଁବା, ନ ଚାହିଁବା ଉପରେ ନିର୍ଭର କରେ ଆମେ କେତେ ଶାନ୍ତିରେ ରହିପାରିବା। ଆମ ପାଖରେ ପଖାଳ ଅଛି ଆମେ ପଖାଳରେ ଖୁସି ହେବା ଉଚିତ୍। ଏହାହିଁ ଆମର ପ୍ରାପ୍ୟ ପ୍ରାରବ୍ଧ, ଆଉ କାହାର ପଲଉ ପ୍ରତି ଆମେ କାହିଁକି ଲୋଭ ରଖିବା। 'ପଲଉରେ ଘିଅର ମାତ୍ରା ଅଧିକ ଯାହା ଶରୀର ପ୍ରତି କ୍ଷତିକାରକ କିନ୍ତୁ ପଖାଳ ସବୁବେଳେ ପେଟ ଥଣ୍ଡା ରଖେ। ପେଟ ଥଣ୍ଡା ରହିଲେ ମୁଣ୍ଡ ବି ଥଣ୍ଡା ରୁହେ। ତେବେ ଆମ ପାଇଁ ପଖାଳ ଭଲ 'ଏମିତି ଭାବନା ନେଇ, ଅନ୍ୟକୁ କପି ନକରି ନିଜ ଜୀବନର ସ୍ୱତନ୍ତ୍ରତାକୁ ବୁଝି ପାରିଲେ ସମ୍ପର୍କ ଭିତରେ ତିକ୍ତତା ଆସିନଥାଏ।

ଗୋଟେ ପୁରୁଷ ନିଜ ସ୍ତ୍ରୀ ଠାରୁ ସାଙ୍ଗ ବା ପଡୋଶୀର ସ୍ତ୍ରୀ ପ୍ରତି ଅଧିକ ଆକର୍ଷିତ ହୁଏ। ଜଣେ ନାରୀ ନିଜ ସ୍ୱାମୀର ସାଧନ ଅପେକ୍ଷା ପଡୋଶୀର ସାଧନ ଦେଖି ଇର୍ଷା କରେ। ଜଣେ ପିଲା ଅନ୍ୟ ପିଲାମାନଙ୍କ ଅୟାସୀପଣକୁ ସୁଖ ଭାବି ନେଇ ସେମାନଙ୍କ ବିଳାସମୟ ଜୀବନକୁ ପ୍ରକୃତ ଆନନ୍ଦ ଭାବି ନିଜ ଗରିବ ବାପା, ମାଆଙ୍କୁ ଉପହାସ କରି, ନିନ୍ଦା କରିଥାଏ। କଥାରେ ଅଛି 'ପଡୋଶୀ ଘର ତିଅଣ ଭାରି ସୁଆଦିଆ'। ପଡୋଶୀର ସବୁକିଛି ଆମକୁ କାହିଁକି ଭଲଲାଗେ? ଏହା ନିଜର ସ୍ୱତନ୍ତ୍ରତା ପ୍ରତି ଏକ ଅପମାନ ନୁହେଁ କି?

କାହିଁକି ଆମେମାନେ ନିଜର ସାଧନ, ନିଜର ସଂସ୍କାର, ନିଜର ପ୍ରାରବ୍ଧକୁ ନେଇ ଖୁସି ହୋଇପାରୁନାହାଁନ୍ତି? ଆମେ କଣ କେବଳ ଅନ୍ୟକୁ କପି କରି ବଞ୍ଚିବା। ଅନ୍ୟ କିଏ ବଡଲୋକ ହେଲେ ଆମେ ବଡଲୋକ ହେବା, ଅନ୍ୟ କିଏ ଗାଳିଦେଲେ ଆମେ ଗାଳିଦେବା। ଅନ୍ୟ କିଏ କୂଅକୁ ଡେଇଁଲେ ଆମେ କୂଅକୁ ଡେଁଇବା। ଜୀବନ ଏମିତି ବଞ୍ଚାଯାଏନା। ଏହା ଜୀବନର ସଂଜ୍ଞା ନୁହେଁ। ଆମେ ଆମ ନିଜକୁ ସମ୍ମାନ କରିବା, ନିଜର ପ୍ରଧାନ୍ୟ ବୁଝିବା,ନିଜ ସାଧନରେ ଖୁସି ରହିବା ଶିଖିବା। କପି କରିବା ଆମର ସଂସ୍କାର ନୁହେଁ। ସ୍ୱତନ୍ତ୍ର ହେବା ଆମର ଅଭିମାନ।


- ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର


# ଆଜିର କବିତା

## କାଗଜଡଙ୍ଗା...

ପଦ୍ମାଳୟା ସାମଲ



ଆପଣଙ୍କର ପ୍ରିୟ ଅଭ୍ୟାସ କଣ କେଜାଣି
ମୋର କିନ୍ତୁ କାଗଜ ଡଙ୍ଗା।

ପିଲାଦିନେ କଳାହାଣ୍ଡିଆ
ମେଘ ଘୋଟିଆସିଲେ
ତିନ୍ତିଯାଏ ଦେହ ଆଉ ମନ
ବନ ଉପବନ।

ହଠାତ ବର୍ଷିଯାଏ ବାଟରେ,
ଘାଟରେ, ପାଖରାସ୍ତାରେ
ସୃଷ୍ଟିକରେ ନଇସୁଅର ଭ୍ରମ,
ଭାସିଆସେ କାଠିକୁଟା, ଫୁଲ,
ପତ୍ର ରକମ ରକମ।

ମନେ ମୋ ଲହଡି ଭାଙ୍ଗେ
ଛୁଟିଯାଏ ଏକ ମୁହାଁ ହୋଇ,
ଗଢ଼ିଚାଲେ ରଙ୍ଗ ବେରଙ୍ଗର
ଛୋଟବଡ କାଗଜ ଡ଼ଙ୍ଗା
ଭିଜେ ପୁଣି ନାଚିଉଠେ ଡଙ୍ଗାକୁ ଭସାଇ
ଲଭେ ଅକାତ ଆନନ୍ଦ।

ବର୍ଷା ଏବେ ଆନମନା
ଭୁଲିଲାଣି ନିଜର ଠିକଣା,
କାଁ ଭାଁ ଦେଖାହୁଏ
ପୁଣି ହୁଏ ବାଟବଣା।

ଆଷାଢର ବର୍ଷା କାହିଁ ?
ନାହିଁତ ଶ୍ରାବଣ ମେଘରେ
ଦିଶେନାହିଁ ନୀଳ ଆକାଶରେ
ଗର୍ଜେନାହିଁ ଗହନ ବନରେ।

ବର୍ଷା ମାରେ ପଇଁତରା
ଏ ସହର ସାରା
ଇଚ୍ଛାହୁଏ ଛୁଇଁବାକୁ
କିନ୍ତୁ, ଦିଏନାହିଁ ଧରା।

ଅଦିନିଆ ବର୍ଷା ଆଜି ମନେପକାଇଦିଏ
ହଜିଲା ପିଲାଦିନ
ଗାଁ ଦାଣ୍ଡର ଆଣ୍ଠୁଏ ପାଣି
ଥିରି ଥିରି କାଗଜ ଡଙ୍ଗା,
ହେଲେ ଅସରାଏ ବର୍ଷାରେ ଏଠି
ଉଚ୍ଛୁଳେ ନର୍ଦ୍ଦମାର ପାଣି,
ପପୁ ବୋତଲର ଖୋଳ
ପ୍ଲାଷ୍ଟିକ ଖେଳଣା, ଛିଣ୍ଡା ଜୋତା,
ଭଙ୍ଗା ବାଲଟି ଜରି ମାଳ ମାଳ।

ତାଭିତରୁ ମୁଁ ଖୋଜେ,
ପିଲାଦିନ ସ୍ମୃତି, ମୁଠାଏ ଆନନ୍ଦ
ଭାସୁଥାଏ ମଇଳା ସାଙ୍ଗକୁ ପୁତିମୟଗନ୍ଧ।

ସ୍ୱପ୍ନ ଭାସେ, ଆଶା ଭାସେ
ଭାସେ ପତ୍ର ରହି ରହି
କାଗଜର ଡଙ୍ଗା କାହିଁ ??


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨


## ସ୍ୱଭାବ କବି ଗଙ୍ଗାଧର ମେହେର ....

ଶକୁନ୍ତଳା ମହାପାତ୍ର



ସରଗ ସୁଷମା କବିତାରେ ଭରି
ଗୀତିମୟ କରି ତୋଳ
ହେ ଗଙ୍ଗାଧର ଦ୍ୱିତୀୟ ଈଶ୍ୱର
ସୃଷ୍ଟି ତୁମ ଅବିରଳ ।

କଳ କଳ ନାଦ ଝରଣାର ସ୍ୱରେ
ସଙ୍ଗୀତ ଶୁଣିଛ ତୁମେ
ପୃଥ୍ୱି ଅଙ୍ଗେ ଭରି ସରଗ ସମ୍ଭାର
ସରଗ ଗଢିଛ ଭୂମେ ।

କାବ୍ୟ କବିତାରେ ଛନ୍ଦ ଭରିଲ
ସାହିତ୍ୟ ଜଗତେ ହୀରା
ପରିପୁଷ୍ଟ କଲ ଓଡ଼ିଆ ସାହିତ୍ୟ
ଝଲସି ଉଠିଲା ପରା ।

ଅବିରତ ତୁମ ସାହିତ୍ୟ ସାଧନା
ଭକ୍ତି ଭାବ ପ୍ରସ୍ଫୁଟିତ
ନୀତି ଆଦର୍ଶର ସ୍ପର୍ଶରେ ହସେ
ତୁମ ସାହିତ୍ୟ ଜଗତ ।

ଉତ୍କଳ ଲକ୍ଷ୍ମୀ କୀଚକ ବଧ ଓ
ଅର୍ଘ୍ୟଥାଳି ତପସ୍ୱିନୀ
ଇନ୍ଦୁମତୀ ପୁଣି ଭକ୍ତି ଉପହାର
ଅହଲ୍ୟା ସ୍ତବ ପଦ୍ମିନୀ ।

ମାନବ ବାଦର ଜୟ ଗାନ କଲ
ଅର୍ଘ୍ୟଥାଳି କବିତାରେ
ଅଯୋଧ୍ୟା ଦୃଶ୍ୟ ଓ ଭାରତୀ ଭାବନା
ରସରତ୍ନାକରୁ ମଧୁ ଝରେ ।

ଲେଖନୀ ମୁନରେ ଜଗତ ଜିଣିଲ
ସ୍ୱଭାବେ ଅତୁଳନୀୟ
ଜୀବନ ଜଞ୍ଜାଳେ ଲୁଚିନି ପ୍ରତିଭା
ଉଇଁଲ ସୂରୁଜ ତୁଲ୍ୟ ।

ଦାରିଦ୍ର୍ୟ ପାରିନି ପ୍ରତିଭା ଲୁଚାଇ
ଅମ୍ଳାନ ଚିର ଭାସ୍ୱର
ସାହିତ୍ୟ ଆକାଶେ ଉଜ୍ଜ୍ୱଳ ତାରକା
ଘେନ ଆମ ନମସ୍କାର ।


+ଡିଏଭି ପବ୍ଲିକ ସ୍କୁଲ
ଭୁବନେଶ୍ୱର
ମୋ : ୯୪୩୯୮୫୬୨୯୯

## ପୁରୁଷଙ୍କ ତୁଳନାରେ ମହିଳାଙ୍କ ଟିକାକରଣ ୫% କମ୍

ଭୁବନେଶ୍ୱର,୨୫/୮ (ନି.ପ୍ର): ରାଜ୍ୟରେ ଏବେ ସୁଦ୍ଧା ୨କୋଟିରୁ ଅଧିକ ଡୋଜ୍ ଟିକା ଦିଆଗଲାଣି। ଏଥିରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ଟିକାକରଣ ୫ ପ୍ରତିଶତ କମ୍ ରହିଛି। କିଛି ଜିଲ୍ଲାରେ ଅଧିକ ସଂଖ୍ୟାରେ ମହିଳାମାନେ ପୁରୁଷଙ୍କ ତୁଳନାରେ ଟିକା ନେଇଛନ୍ତି। ତେବେ ରାଜ୍ୟରେ ଆଉ ୧୪ଲକ୍ଷ ହିତାଧିକାରୀ ଦ୍ୱିତୀୟ ଡୋଜ୍ ଟିକା ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଗତ ୧୯ତାରିଖ ସୁଦ୍ଧା ରାଜ୍ୟରେ ୨ଲକ୍ଷ ୩୧ଲକ୍ଷ ୫୧ହଜାର ୧୬୧ ଡୋଜ୍ ଟିକା ଦିଆଯାଇଛି। ଏଥିରେ ୧କୋଟି ୬୬ଲକ୍ଷ ୮ହଜାର ୯୭୫ଡୋଜ୍ ଟିକା ପୁରୁଷମାନେ ନେଇଥିବା ବେଳେ ମହିଳାମାନେ ୯୬ଲକ୍ଷ ୪୨ହଜାର ୪୯ଡୋଜ୍ ଟିକା ନେଇଛନ୍ତି। ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ଟିକାକରଣ ଅଧିକ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୫ଲକ୍ଷରୁ ଅଧିକ, ଏହାପଛକୁ ଗଞ୍ଜାମରେ ୨୧ ଲକ୍ଷ, କଟକ ୧୨ ଲକ୍ଷ ଡୋଜ୍ ଟିକା ଦିଆଗଲାଣି। ଆଜି ରାଜ୍ୟରେ ୧୩୦୭ ଟିକାକରଣ ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୨ଲକ୍ଷ ୧୯ହଜାର ୨୭୬ ଡୋଜ୍ ଟିକା ଦିଆଯାଇଛି। ୧୮-୪୪ ବର୍ଗରେ ୧୦,୭,୨୭୬ ପ୍ରଥମ ଡୋଜ୍, ୩୯,୦୪୮ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ସେହିପରି ୪୫ ବର୍ଷରୁ ଅଧିକ ୪୦,୫୨୫ ପ୍ରଥମ ଓ ୩୦,୨୩୯ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଆଜି ୩୧୯୨ ଗର୍ଭବତୀଙ୍କୁ ମିଶାଇ ସମୁଦାୟ ୮୮,୫୫୮ ଜଣ କରୋନା ଟିକା ନେଇ ସାରିଲେଣି। ଆଜିକୁ ମିଶାଇ ରାଜ୍ୟରେ ୨ କୋଟି ୯୩ ଲକ୍ଷ ୧୫୫୫ ଡୋଜ୍ ଟିକା ଦିଆଗଲାଣି। ଆସନ୍ତାକାଲି ରାଜ୍ୟରେ ୬୯୭ ଟିକାକରଣ ଅଧିବେଶନ ଅନୁଷ୍ଠିତ ହେବ।

## ପାର୍ବଣ ଋତୁରେ ଭିଡ ନକରନ୍ତୁ ଲୋକେ

ଭୁବନେଶ୍ୱର,୨୫/୮ (ନି.ପ୍ର): ସେପ୍ଟେମ୍ବର ଓ ଅକ୍ଟୋବରରେ ତୃତୀୟ ଲହର ଆସିବାର ସମ୍ଭାବନା ରହିଛି। ଏହି ସମୟରେ ପାର୍ବଣ ଋତୁ ଥିବାରୁ ଲୋକମାନେ ବାହାରକୁ ଆସି ଭିଡ଼ ନକରିବାକୁ କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ପ୍ରଥମ ଲହରରେ ଶିଶୁ ମାନେ ସଂକ୍ରମିତ ହେଉଥିଲେ ଏବେ ବି ହେଉଛନ୍ତି। ଯେହେତୁ ୧୮ ବର୍ଷରୁ କମ ପିଲାଙ୍କ ପାଇଁ ଟୀକା ଦିଆଯାଇନି ତେଣୁ ସେମାନେ ସଂକ୍ରମିତ ହେବାର ସମ୍ଭାବନା ରହୁଛି। ଟୀକା ନେବା ପରେ ବି ଲୋକମାନେ ସଂକ୍ରମିତ ହେବେ କିନ୍ତୁ ସିଭିୟରିଟି ହେଉ ନାହାନ୍ତି ବୋଲି ସେ କହିଛନ୍ତି। ତଥାପି ଆମେ ଶିଶୁ ମାନଙ୍କ ଉପରେ ଏବେ ଅଧିକ ଧ୍ୟାନ ଦିଆଯାଉଛି ।

ରାଜ୍ୟରେ କମିବାରେ ଲାଗିଛି କରୋନା ସଂକ୍ରମଣ। ୭ଶହ ତଳେ ରହିଛି ନୂଆ ସଂକ୍ରମିତଙ୍କ ସଂଖ୍ୟା। ଏଭଳି ପରିସ୍ଥିତିରେ ଓଡ଼ିଶାରେ କୋରନାର ଥିକ ଟେଲ ସ୍ଥିତି ରହିଛି ବୋଲି କହିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ଭୁବନେଶ୍ୱରରେ ବି ଆଗ ଅପେକ୍ଷା କରୋନା ସଂକ୍ରମଣ କମିଛି।

## ସଡ଼କ ସୁରକ୍ଷା ଆଇନ୍ ଉଲ୍ଲଙ୍ଘନ କଲେ ରଦ୍ଦ ହେବ ଡ୍ରାଇଭିଂ ଲାଇସେନ୍ସ

ଭୁବନେଶ୍ୱର,୨୫/୮ (ନି.ପ୍ର): ସଡ଼କ ସୁରକ୍ଷା ଆଇନ୍ ଉଲ୍ଲଙ୍ଘନ କଲେ ରଦ୍ଦ ହେବ ଡ୍ରାଇଭିଂ ଲାଇସେନ୍ସ। ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏନେଇ ଟ୍ରାନ୍ସପୋର୍ଟ କମିଶନର ଚିଠି ଲେଖିଛନ୍ତି। ସୁପ୍ରିମକୋର୍ଟ କମିଟିର ନିର୍ଦ୍ଦେଶ ଲାଗୁ କରିବାକୁ ଚିଠି ଲେଖାଯାଇଛି। ୩ ମାସ ଯାଏଁ ଅସ୍ଥାୟୀ ଭାବେ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। ପ୍ରଥମ ଥର ଉଲ୍ଲଙ୍ଘନ ହେଲେ ମଧ୍ୟ ୩ ମାସ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବ। ଧାର୍ଯ୍ୟ ନିୟମଠାରୁ ଅଧିକ ବେଗରେ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ ହେବ। ଓଭରଲୋଡ୍ କିମ୍ବା ମଦ୍ୟପାନ କରି ଗାଡ଼ି ଚାଳନା କଲେ ଲାଇସେନ୍ସ ରଦ୍ଦ ହେବ। ଗାଡ଼ି ଚଳାଇବା ବେଳେ ହେଲମେଟ୍ ପିନ୍ଧି ନଥିଲେ, ମୋବାଇଲ ବ୍ୟବହାର କରୁଥିଲେ, ରେଡ୍ ଲାଇଟ୍ ଉଲ୍ଲଙ୍ଘନ, ରଙ୍ଗରୁଟ୍‌ରେ ଡ୍ରାଇଭ କଲେ ଲାଇସେନ୍ସ ରଦ୍ଦ ହେବ। ଆଇନ୍ ଉଲ୍ଲଙ୍ଘନ କ୍ଷେତ୍ରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠିରେ ନିର୍ଦ୍ଦେଶ ରହିଛି।

ସୂଚନାରୁ ପ୍ରକାଶ, ଅନେକ ସମୟରେ ଲୋକମାନେ ବେପରୁଆ ଗାଡ଼ି ଚଳାଉଛନ୍ତି। ବିଶେଷକରି ଯୁବ ସମାଜ ଟ୍ରାଫିକ୍ ନିୟମକୁ ଖୋଲମ୍ ଖୋଲା ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏହାକୁ ଦୃଷ୍ଟରେ ରଖି ସଡ଼କ ସୁରକ୍ଷା ନିୟମକୁ କଡ଼ିକଡ଼ି କରୁଛନ୍ତି ରାଜ୍ୟ ସରକାର। ସଡ଼କ ସୁରକ୍ଷା ଆଇନ୍ ଉଲ୍ଲଙ୍ଘନ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବ ବୋଲି ଚେତାବନୀ ଦେଇଛନ୍ତି ସରକାର।

## ୩ ବର୍ଷରେ ଅଢେଇ ହଜାର ଯୁବକଙ୍କୁ ଟ୍ରେନିଂ ଦେବ ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୫/୮ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ଦକ୍ଷତା ବିକାଶ ଯୋଜନା ଅଧୀନରେ ପୂର୍ବ ତଟ ରେଳପଥ ରେଳ ଦକ୍ଷତା ବିକାଶ ଯୋଜନା ଆରମ୍ଭ କରିଛି। ସର୍ବନିମ୍ନ ମାଟ୍ରିକ୍ ପାସ୍ ଯୋଗ୍ୟତା ଥିବା ୧୮ ରୁ ୩୫ ବର୍ଷ ବୟସର ପ୍ରାୟ ୨୫୦୦ ଯୁବକଙ୍କୁ ପୂର୍ବ ତଟ ରେଳପଥରେ ତିନି ବର୍ଷ ମଧ୍ୟରେ ମାଗଣା ତାଲିମ ଦିଆଯିବ।

ବିଶାଖାପାଟନମ ଡିଜେଲ ଲୋକୋ ଶେଡ, ଅନୁଗୁଳ ଓ ବିଶାଖାପାଟନମ ସ୍ଥିତ ଇଲେକ୍ଟ୍ରିକ୍ ଲୋକୋ ଶେଡ୍ ଏବଂ ମଂଚେଶ୍ୱରରେ ଥିବା ରେଳବାଇ ସ୍ୱାରୀ ଡ଼ବା ମରାମତି କର୍ମଶାଳାରେ ୱେଲଡିଂ, ଇଲେକ୍ଟ୍ରିସିଆନ ଏବଂ ଫିଟର ଟ୍ରେଡ୍ ମାନଙ୍କରେ ଏହି ତାଲିମ ଦିଆଯିବ। ଏହି ତାଲିମ ତିନି ସପ୍ତାହରେ ୧୦୦ ଘଂଟା ମଧ୍ୟରେ କ୍ଲାସ୍ / ପ୍ରାକ୍ଟିକାଲ୍ ଟ୍ରେନିଂ ପାଇଁ ଧାର୍ଯ୍ୟ କରାଯାଇଛି। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୪ ଘଟିକା ପାର୍ଯ୍ୟନ୍ତ ଏବଂ ଶନିବାର ଦିନମାନଙ୍କରେ ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ କ୍ଲାସ୍ / ପ୍ରାକ୍ଟିକାଲ୍ ଟ୍ରେନିଂ ପ୍ରଦାନ କରାଯିବ । ଏହି ବିଷୟରେ ସବିଶେଷ ତଥ୍ୟ ପାଇଁ ପୂର୍ବ ତଟ ରେଳପଥ ୱେବସାଇଟ୍ ତଥା ସମ୍ପୃକ୍ତ ତାଲିମ କେନ୍ଦ୍ରରେ ଯୋଗାଯୋଗ କରିହେବ ।

ବିଶାଖାପାଟନମ୍ ଏବଂ ଅନୁଗୁଳରେ ଇଲେକ୍ଟ୍ରିକାଲ ଲୋକୋ ଶେଡ୍ ପାଇଁ ଆବେଦନ ଦାଖଲ ଶେଷ ତାରିଖ ୩୧ ଅଗଷ୍ଟ ଥିବାବେଳେ ବିଶାଖାପାଟନମ୍ ଡିଜେଲ୍ ଲୋକୋ ଶେଡ୍ ଏବଂ ମଂଚେଶ୍ୱର ସ୍ୱାରୀ ଡ଼ବା ମରାମତି କର୍ମଶାଳା ପାଇଁ ୩ ସେପ୍ଟେମ୍ବର, ୨୦୧୧ ତାରିଖ ଧାର୍ଯ୍ୟ କରାଯାଇଛି ।

## ପଛୁଆ ବର୍ଗଙ୍କୁ ନ୍ୟାୟ ପ୍ରଦାନ ଲଢେଇରେ ସାମିଲ ହେବାକୁ ବିଜେପିକୁ ବିଜେଡିର ଆହ୍ୱାନ

ଭୁବନେଶ୍ୱର,୨୫/୮ (ନି.ପ୍ର): ପୁଣି ଜାତିଗତ ଜନଗଣନା ପ୍ରସଙ୍ଗ ଉଠାଇଛି ବିଜେଡି। ରାଜ୍ୟର ବିଜେପି ନେତାମାନେ ମଧ୍ୟ ଏହି ଦାବି ଉଠାନ୍ତୁ ବୋଲି ଆହ୍ୱାନ ଦେଇଛି ବିଜୁ ଜନତା ଦଳ।

ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଡକ୍ଟର ଅରୁଣ ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡିଶା ସରକାର ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ବଦ୍ଧ ପରିକର। ହେଲେ ସଂଘୀୟ ଢାଂଚା ଓ ଆଇନଗତ କଟକଣା ଏଥିରେ ବାଧା ହୋଇଛି। ପଛୁଆବର୍ଗଙ୍କ ପାଇଁ ଯୋଜନା ପ୍ରସ୍ତୁତ ପୂର୍ବରୁ ସେମାନଙ୍କ ସଂଖ୍ୟା ଜାଣିବା ନିହାତି ଆବଶ୍ୟକ। କେନ୍ଦ୍ର ମନା କରିବା ପରେ ରାଜ୍ୟ ସରକାର ୨୦୨୦ ମସିହା ଜାନୁଆରୀ ୧୧ ତାରିଖରେ କ୍ୟାବିନେଟ ବୈଠକରେ ଜାତି ଭିତିକ ଜନଗଣନା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହାର କିଛି ଦିନ ପରେ ରାଜ୍ୟ ସରକାର ୨୦୨୦ ମସିହା ଫେବୃୟାରୀ ୧୨ ତାରିଖରେ ଓବିସି କମିଶନ ଗଠନ କରିଥିଲେ। ଏହାର ୫ ଦିନ ପରେ ଫେବୃୟାରୀ ୧୭ ତାରିଖରେ କ୍ୟାବିନେଟ୍ ବୈଠକରେ ପଛୁଆବର୍ଗ କମିସନ (ସଂଶୋଧନ) ବିଧେୟକ ଗୃହିତ କରାଯାଇଥିଲା। ଇତି ମଧ୍ୟରେ କମିଶନ କାର୍ଯ୍ୟକ୍ଷମ ହୋଇସାରିଛି। ଓଡିଶାରେ ଅନ୍ୟ ପଛୁଆ ବର୍ଗ (ଓବିସି) ସାମାଜିକ ଆର୍ଥିକ ପଛୁଆବର୍ଗ (ଏସଇବିସି) ସଂଖ୍ୟା ରାଜ୍ୟରେ ମୋଟ ଜନସଂଖ୍ୟା ଅଧାରୁ ଅଧିକ। ସେମାନଙ୍କ ସଂଖ୍ୟାର ଅଧା ସଂରକ୍ଷଣ ବି ସେମାନଙ୍କୁ ଦିଆଯାଇପାରି ନାହିଁ।

ନିକଟରେ ଏହି ଦାବି ନେଇ ବିଜେଡି ସଂସଦୀୟ ପ୍ରତିନିଧି ଦଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିସାରିଛନ୍ତି। ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନବୀନ ପଟ୍ଟନାୟକ ଏହି ଦାବି ଉଠାଇ ଆସୁଛନ୍ତି। ନବୀନ ପଟ୍ଟନାୟକଙ୍କ ଏହି ଦାବିକୁ ଭାରତବର୍ଷର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜନୈତିକ ଦଳ ବି ସମର୍ଥନ ଜଣାଇ ଆସୁଛନ୍ତି।

ଇତିମଧ୍ୟରେ ନବୀନ ପଟ୍ଟନାୟକଙ୍କୁ ଅନୁସରଣ କରି ଜାତିଭିତିକ ଜନଗଣନା ଏବଂ ୫୦% ସଂରକ୍ଷଣ କଟକଣା ଉଠାଇବା ସପକ୍ଷରେ ବିଜେପିର ସହଯୋଗୀ ଦଳମାନେ ମଧ୍ୟ ମତ ପ୍ରକାଶ କଲେଣି। ଏମାନଙ୍କ ମଧ୍ୟରେ ଜେଡି(ୟୁ)ର ନୀତିଶ କୁମାରଙ୍କ ନେତୃତ୍ୱରେ ଅପ୍‌ନା ଦଳର ଅନୁପ୍ରିୟା ପଟେଲ, ହାମ୍‌ର ଜୀତନରାମ ମାଝି, ଭିଆଇପି ଦଳର ମୁକେଶ ଶୈନୀ, ନିଷାଦ ପାଟିର ସଞ୍ଜୟ ନିଷାଦ, ସୁହେଲଦେବ ଭାରତୀୟ ସମାଜ ପାର୍ଟିର ଓମ୍ ପ୍ରକାଶ ରାଜଭର, ଆରପିଆଇ(ଏ)ର ରାମଦାସ ଅଠାୱାଲେ, ଏଲଜେପିର ପଶୁପତି ପାରସ ଆଦି ରହିଛନ୍ତି। ବିହାରର ବିଭିନ୍ନ ରାଜନୈତିକ ଦଳର ୧୦ ଜଣିଆ ପ୍ରତିନିଧି ଦଳ ନିତିଶ କୁମାରଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏହି ଦାବି ରଖି ସାରିଛନ୍ତି। ଏହି ପ୍ରତିନିଧି ଦଳରେ ବିହାର ବିଜେପି ନେତା ମଧ୍ୟ ସାମିଲ ଅଛନ୍ତି। ପଛୁଆବର୍ଗର ସାମାଜିକ, ଆର୍ଥିକ ବିକାଶ ଓ ସେମାନଙ୍କୁ ଦୀର୍ଘମିଆଦୀ ସୁବିଧା ଦେବା ପାଇଁ ଓଡିଶାକୁ ଦେଖି ଅନ୍ୟ ରାଜ୍ୟମାନେ ଏହି ଦାବି ଉଠାଇ ସାରିଛନ୍ତି। ହେଲେ ଓଡିଶା ବିଜେପି ନେତୃତ୍ୱ ଓ ଜନପ୍ରତିନିଧିମାନେ ଭୟଙ୍କର ନୀରବତା ଅବଲମ୍ବନ କରୁଛନ୍ତି। ଏହି ନିରବତା ସେମାନଙ୍କୁ ଓବିସି/ ଏସଇବିସି ବର୍ଗ ବିରୋଧି ବୋଲି ଦର୍ଶାଉଛି। ଓଡିଶା ରାଜ୍ୟର ବିଜେପି ନେତାମାନେ ଏହି ଦାବି ଉଠାନ୍ତୁ। ଏହି ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ବିଜୁ ଜନତା ଦଳ ପଲ୍ଲୀ ଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ଜାରି ରଖିବ ବୋଲି ଶ୍ରୀ ସ୍ୱାଇଁ ଓ ଡକ୍ଟର ସାହୁ କହିଛନ୍ତି।

### ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଓଡିଶାରୁ ଦୀପଜ୍ୟୋତି ମୁଣ୍ଡ୍ ମନୋନୀତ

ଭୁବନେଶ୍ୱର,୨୫/୮ (ନି.ପ୍ର): ଭାରତୀୟ ଜନତା ପାର୍ଟୀ ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କ ଅନୁମୋଦନ କ୍ରମେ ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟା ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ନାମ ତାଲିକା ଘୋଷଣା କରିଛନ୍ତି । ଓଡିଶା ରାଜ୍ୟରୁ ଦୀପଜ୍ୟୋତି ମୁଣ୍ଡ୍ ଏହି ତାଲିକାରେ ସ୍ଥାନ ପାଇଛନ୍ତି ।

ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତାଲିକାରେ ଦୀପଜ୍ୟୋତି ମୁଣ୍ଡଙ୍କୁ ସ୍ଥାନ ଦିଆଯାଇଥିବାରୁ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟା ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଓଡିଶାର ଏକ ପ୍ରତିଭାବାନ ଯୁବ ନେତାଙ୍କୁ ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଘୋଷଣା କରିବା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଏହା ରାଜ୍ୟର ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ମନୋବଳ ବୃଦ୍ଧି କରିବା ସହ ଦଳ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

### ଖରସ୍ରୋତା ଆନ୍ଦୋଳନ : ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୫/୮ (ନି.ପ୍ର): ଖରସ୍ରୋତା ଆନ୍ଦୋଳନର ସମର୍ଥନରେ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପିସିସିର ତଥ୍ୟ ଅନୁଧ୍ୟାନକାରୀ କମିଟିଅଧ୍ୟକ୍ଷ ପଂଚାନନ କାନୁନଗୋଙ୍କ ନେତୃତ୍ୱରେ ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି ଓ ଜ୍ଞାନଦେବ ବେଉରା ରାଜ୍ୟପାଳଙ୍କୁ ଭେଟି ସମସ୍ୟା ବାବଦରେ ଅବଗତ କରିଛନ୍ତି ଓ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। କଂଗ୍ରେସ ଦାବିକରିଛି ଯେ ରାଜ୍ୟ ସରକାର ତୁରନ୍ତ ଆନ୍ଦୋଳନକାରୀ ତଥା ଖରସ୍ରୋତା ବଂଚାଅ ସଂଗ୍ରାମ ସମିତିର ନେତୃମଣ୍ଡଳୀଙ୍କ ଆଲୋଚନାକୁ ଡାକନ୍ତୁ , ଖରସ୍ରୋତାର ତଳ ମୁଣ୍ଡରେ ଗୋଟିଏ ବ୍ୟାରେଜ ନିର୍ମାଣ ନିମନ୍ତେ ସିଦ୍ଧାନ୍ତ ଘୋଷଣା କରନ୍ତୁ, ଆଳି ଓ ରାଜକନିକା ପାନୀୟ ଜଳ ନିର୍ମାଣ ପ୍ରକଳ୍ପ ଯୁଦ୍ଧକାଳୀନ ଭିତିରେ ତ୍ୱରାନ୍ୱିତ କରନ୍ତୁ , ଗିରଫ ହୋଇ ଜେଲ ଯନ୍ତ୍ରଣା ଭୋଗୁଥିବା ଅନେକ ନିରୀହ ଆନ୍ଦୋଳନକାରୀଙ୍କୁ ତୁରନ୍ତ ଖଲାସ କରନ୍ତୁ ଏବଂ ସିଦ୍ଧାନ୍ତ ହେବା ପର୍ଯ୍ୟନ୍ତ ଭଦ୍ରକ ପାଇଁ ଉଦ୍ଦିଷ୍ଟ ଭାରିଗଦା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖନ୍ତୁ।

## ଓଡିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷଙ୍କ କୋରାପୁଟ ଓ ମାଲକାନଗିରି ଗସ୍ତ

ଭୁବନେଶ୍ୱର,୨୫/୮ (ନି.ପ୍ର): ଓଡିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ତାଙ୍କର ୪ ଦିନିଆ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଗସ୍ତ କ୍ରମରେ ଆଜି କୋରାପୁଟ ଜିଲ୍ଲାର ମାଛରା ଗ୍ରାମ ପରିଦର୍ଶନ କରି ସେଠାରେ ବିଜୁ କୃଷକ ବିକାଶ ଯୋଜନାରେ ନିର୍ମିତ ଗଭୀର ନଳକୂପ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନ ସମୟରେ ତାଙ୍କ ସହିତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ ଏବଂ ରାଜ୍ୟ ବିହନ ନିଗମର ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ସର୍କିଟହାଉସ୍ ଠାରେ ଓ.ଏଲ୍.ଆଇ.ସି ଅଧ୍ୟକ୍ଷ ଶ୍ରୀ ପତ୍ରୀ, ବିଧାୟକ ଶ୍ରୀ ପଡାଲ, ପଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଏବଂ କୋରାପୁଟ ଜିଲ୍ଲା ପରିଷଦ ସଭାପତି ତୁଳସୀ କିରସାନୀ ଏବଂ ଉଠାଜଳସେଚନ ବିଭାଗ ଯନ୍ତ୍ରୀମାନଙ୍କ ସହିତ ଜିଲ୍ଲାରେ ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ବୈଠକରେ ଆଲୋଚନା କରି ବିଭିନ୍ନ ପ୍ରକଳ୍ପଗୁଡ଼ିକ ଦ୍ୱାରା କିପରି ଅଧିକରୁ ଅଧିକ କୃଷକ ଉପକୃତ ହୋଇପାରିବେ, ସେ ଦିଗରେ ଆବଶ୍ୟକ ପରାମର୍ଶ ଦେଇଥିଲେ । ରାଜ୍ୟରେ କୃଷିର ବିକାଶ ଓ କୃଷକମାନଙ୍କ କଲ୍ୟାଣ ପାଇଁ ସବୁ ଜମିକୁ ଜଳସେଚନର ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଥିବା ବେଳେ '୫-ଟି' ଉପକ୍ରମ ଓ 'ମୋ ସରକାର କାର୍ଯ୍ୟକ୍ରମ ଆଧାରରେ ନିର୍ମାଣାଧିନ ଉଠାଜଳସେଚନ ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା, ଜଳ ପରିଚାଳନା ନିମନ୍ତେ ତଦାରଖ ଓ ଜଳସେଚନ ସମ୍ବନ୍ଧିତ ସମସ୍ୟାର ସମାଧାନ ଦିଗରେ ଯତ୍ନବାନ ହେବାକୁ ଶ୍ରୀ ପତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ଶ୍ରୀ ପତ୍ରୀ ଏହି ଗସ୍ତ ସମୟରେ ଅଗଷ୍ଟ ୧୯ ତାରିଖରେ କୋରାପୁଟ ବ୍ଲକରେ ବିଭିନ୍ନ କ୍ଲଷ୍ଟର ଡିପ୍ ବୋରୱେଲ୍ ପ୍ରକଳ୍ପ ପରିଦର୍ଶନ କରିବା ସହିତ ୨୨ ତାରିଖରେ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ସ୍ଥିତ ଆମ୍ବଗୁଡା ଗ୍ରାମ ପଂଚାୟତ ଗସ୍ତ କରି ସିଙ୍ଗଲ ବେଂଜ ଗ୍ରାମଠାରେ ନଦୀପାର୍ଶ୍ୱ ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଜିଲ୍ଲାର କାଳିମେଳା ବ୍ଲକର ଏମ୍.ଭି.୪୧ ଗ୍ରାମରେ କ୍ଲଷ୍ଟର ଡିପ୍ ବୋରୱେଲ୍(ପୁଞ୍ଜ ଗଭୀର ସେଚ କୂପ) ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଉଠାଜଳସେଚନ ନିଗମ କୋରାପୁଟ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଦିଲ୍ଲୀପ କୁମାର ଦାସ, ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ର, ଏଷ୍ଟିମେଟର ତଥା ସହକାରୀ ଯନ୍ତ୍ରୀ ବିଜୟ କୁମାର ମହାରଥା, ବିଭିନ୍ନ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଗୁଣୁପୁର ସବଡିଭିଜନର ୬ ଛାତ୍ରଙ୍କ ମୃତ୍ୟୁ ସୁପରିକଳ୍ପିତ ହତ୍ୟାକାଣ୍ଡ : କଂଗ୍ରେସ

ଭୁବନେଶ୍ୱର,୨୫/୮ (ନି.ପ୍ର): ଗୁଣୁପରୁ ସବଡିଭିଜନର ୬ ଜଣ ଛାତ୍ରଙ୍କ ମୃତ୍ୟୁର ଅନୁଧ୍ୟାନ ପାଇଁ ଗଠିତ ପିସିସି କମିଟି ଅନୁଧ୍ୟାନ କରି ଫେରିବା ପରେ ଏହି କମିଟିର ଅଧ୍ୟକ୍ଷ ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ୬ ଜଣ ଛାତ୍ରଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କଂଗ୍ରେସ ଅଭିଯୋଗ କରୁଛି। ସେ କହିଛନ୍ତି ଉକ୍ତ ୬ଜଣ ଛାତ୍ର ମୋବାଇଲ କିଣି ପାଠ ପଢ଼ିବା ଲାଗି ଆନ୍ଧ୍ରପ୍ରଦେଶର ଗୁଂଟୁର ସ୍ଥିତ ଲେଙ୍କିଡିକାକୁ ଯାଇଥିଲେ। ମାସକ ପରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ସର୍ଟ ସର୍କିଟ ଯୋଗୁଁ ମୃତ୍ୟୁ ହୋଇଥିବା ନେଇ ଆନ୍ଧ୍ର ପୋଲିସ କହିଥିବାବେଳେ ଶ୍ରୀ ମାଝୀ ଆନ୍ଧ୍ର ପୋଲିସ ମିଛ କହୁଛି କହିବା ସହ ପାରପାର୍ଶିକ ସ୍ଥିତିରୁ ଜଣାପଡୁଛି ସଟ ସର୍କିଟ ଯୋଗୁଁ ମୃତ୍ୟୁ ହୋଇନି ବୋଲି ସେ କହିଛନ୍ତି ଯେଉଁଠି ସେମାନଙ୍କର ମୃତ୍ୟୁ ହୋଇଥିଲା ସେ ଏକ ଫର୍ଟିଲାଇଜର ଗୋଦାମ ଏଥିରୁ ଜଣାପଡୁଛି। ଉକ୍ତ ଛାତ୍ର ୬ ଜଣ ସେଠାରେ ଦାଦନ ଖଟୁଥିବା ବେଳେ ସେମାନେ ଅତ୍ୟାଚାରିତ ହୋଇ ଘରକୁ ଫେରିବାକୁ ଚାହୁଁଥିଲେ। ଷ୍ଟେସନରୁ ମାଲିକ ତାଙ୍କୁ ଅତ୍ୟାଚାର କରି ସେଠାରେ ରଖିଥିବା ଅଭିଯୋଗ କରିଛି କଂଗ୍ରେସ। ୬ଜଣ ଛାତ୍ରଙ୍କ ମଧ୍ୟରୁ ୨ ଜଣ ଆଦିବାସୀ ଆବାସିକ ବିଦ୍ୟାଳୟର ଛାତ୍ର। ସରକାରୀ ନିୟମ ରହିଛି ପିଲାମାନେ ଘରକୁ ଗଲେ ବି କେମିତି ଅଛନ୍ତି, କୁଆଡ଼େ ଗଲେ, ସଂପୂର୍ଣ୍ଣ ତଥ୍ୟ ତଦାରଖ କରିବା କଥା କର୍ତ୍ତୃପକ୍ଷଙ୍କର। କିନ୍ତୁ ଦୁଇ ଛାତ୍ର ମାସେ ଧରି ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିବା କେମିତି ଜାଣି ପାରିଲେନି କର୍ତ୍ତୃପକ୍ଷ। ମୃତଦେହ ମିଳିବାପରେ ଜାଣିବାକୁ ପାଉଛନ୍ତି କର୍ତ୍ତୃପକ୍ଷ। ଯାହା ଆମେ ଜାଣିଲୁ କି ଦଲାଲ ମାନେ ଏହି ଛାତ୍ରମାନଙ୍କୁ ଶିଶୁ ଶ୍ରମିକ ବନାଇ କାମ କରାଉଥିଲେ। ଦଲାଲ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଶ୍ରମ ବିଭାଗ ଚୁପ ରହିବା ଆଶ୍ଚର୍ଯ୍ୟନିତ କରିଛି। କେବଳ କିଛି ଅର୍ଥ ରାଶି ଦେଇ ଚୁପ ବସିଛନ୍ତି ସରକାର। ଏହାକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି।

କେଉଁ ପରିସ୍ଥିତିରେ ଏହି ଛାତ୍ର ମାନଙ୍କର ମୃତ୍ୟୁ ହୋଇଛି ତଦନ୍ତ କରି ପ୍ରକୃତ ସତ୍ୟ ପଦାକୁ ଆଣନ୍ତୁ। ନଚେତ ୭ଦିନ ମଧ୍ୟରେ ଆନ୍ଦୋଳନ କରିବ ବୋଲି କଂଗ୍ରେସ ଚେତାବନୀ ଦେଉଛି ବୋଲି ଶ୍ରୀ ମାଝି କହିଥିଲେ। ଏହା ସହ ଛାତ୍ରମାନଙ୍କ ଅନଲାଇନ କ୍ଲାସ ପାଇଁ ସରକାର ମୋବାଇଲ ଯୋଗାଇ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ଆବାହକ ତଥା ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ବିଜୟ ଗମାଙ୍ଗ, ଅଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ଜିଲ୍ଲା ପ୍ରଭାରୀ ତାଲିକା ଘୋଷଣା

ଭୁବନେଶ୍ୱର,୨୫/୮ (ନି.ପ୍ର): ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତି ସ୍ମୃତି ପଟ୍ଟନାୟକ ୩୬ଟି ସାଂଗଠାନିକ ଜିଲ୍ଲା ପାଇଁ ପ୍ରଭାରୀଙ୍କ ନାମ ଘୋଷଣା କରିଛନ୍ତି। ଅନୁଗୁଳ - ସୁଷମାରାଣୀ ବିଶ୍ୱାଳ; ବାଲେଶ୍ୱର - ନିରୋଜ ନଳିନୀ ମହାଳିକ; ବରଗଡ - ସବିତା ନନ୍ଦ; ଭଦ୍ରକ – ଶୋଭନା ମହାନ୍ତି; ଭୁବନେଶ୍ୱର - ପ୍ରତିଭା ଶତପଥୀ; ବଲାଙ୍ଗୀର - ମୁକ୍ତା ସାହୁ; ବୌଦ୍ଧ - ଇତିଶ୍ରୀ ଜେନା; କଟକ ନଗର - କାନନବାଳା ପଟ୍ଟନାୟକ; କଟକ ସଦର - ମାନସୀ ହରିଚନ୍ଦନ; ଦେବଗଡ - ସଂଘମିତ୍ରା ପ୍ରଧାନ; ଢେଙ୍କାନାଳ - ଗୀତାରାଣୀ ଦାସ; ଗଜପତି - ମୀନା ଦ୍ୟାନସାମନ୍ତରାୟ; ଗଞ୍ଜାମ - ଅପର୍ଣ୍ଣା ଧୀର ସିଂହ; ଘୁମୁସୁର - କସ୍ତୁରୀ ମିଶ୍ର; ଜଗତସିଂହପୁର - ସୁମତି ଦେ; ଯାଜପୁର - ମନସ୍ମିତା ଖୁଂଟିଆ; ଝାରସୁଗୁଡା - କଳ୍ପନା ଲେଙ୍କା; କଳାହାଣ୍ଡି - ଅର୍ଚ୍ଚନା ପ୍ରଧାନ; କନ୍ଧମାଳ - ରଶ୍ମିମୟୀ ପଟ୍ଟନାୟକ; କେନ୍ଦ୍ରାପଡା - ଜୟଲକ୍ଷ୍ମୀ ମହାନ୍ତି; କେନ୍ଦୁଝର - ଲକ୍ଷ୍ମୀ ସାହୁ; ଖୋର୍ଦ୍ଧା - ନିୟତି ଗିରି; କୋରାପୁଟ - ସୁଭାଷିନୀ ପଟ୍ଟନାୟକ; ମାଲକାନଗିରି - ସୁରଭି ପାଣି; ବାରିପଦା (ମୟୂରଭଞ୍ଜ) - ରଶ୍ମି ରେଖା ଦାସ; ରାଇରଙ୍ଗପୁର (ମୟୂରଭଞ୍ଜ) - କୌଶଲ୍ୟା ନାୟକ; ନବରଙ୍ଗପୁର - ପୂର୍ଣ୍ଣିମା ନାୟକ; ନୟାଗଡ - ସଙ୍ଗୀତ ଦାସ; ନୂଆପଡା - ରଞ୍ଜିତା ପାଣିଗ୍ରାହୀ; ପୁରୀ - ସୁଭାଷିନୀ ପୃଷ୍ଟି; ରାୟଗଡା - ବବିତା ପାତ୍ର; ସମ୍ବଲପୁର - ପ୍ରତିମା ମିଶ୍ର; ସୁବର୍ଣ୍ଣପୁର - କୁନ୍ତୀ ପାଲ; ସୁନ୍ଦରଗଡ - ମୀନା ସରାଫ; ବଣେଇ (ସୁନ୍ଦରଗଡ)- ପ୍ରମିଳା ଦାସ ଓ ପାନପୋଷ (ସୁନ୍ଦରଗଡ) - ରୋଜାଲିନ ଦାସଙ୍କୁ ଜିଲ୍ଲା ପ୍ରଭାରୀ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସଭାନେତ୍ରୀ ଶ୍ରୀମତି ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ତୃତୀୟ ଲହରକୁ ନେଇ ବିଭିନ୍ନ ମଡେଲ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି, ସବୁ ପ୍ରକାର ପରିସ୍ଥିତି ପାଇଁ ସରକାର ପ୍ରସ୍ତୁତ: ଡିଏମଇଟି

ଭୁବନେଶ୍ୱର,୨୫/୮ (ନି.ପ୍ର): ତୃତୀୟ ଲହର ଆସିଲେ ବି ଦ୍ୱିତୀୟ ଲହର ଭଳି ପ୍ରଭାବ ନପକାଇପାରେ। ଯଦି ଭୂତାଣୁ ରୂପ ବଦଳାଏ ତାହା ହେଲେ ପ୍ରଭାବ ଅଧିକ ରହିବ। ହେଲେ ଯଦି ଭୂତାଣୁ ରୂପ ନବଦଳାଏ ତାହାହେଲେ ଏତେ ପ୍ରଭାବ ରହିବ ନାହିଁ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି। ତୃତୀୟ ଲହରର ପ୍ରଭାବ ଏବଂ ସରକାର ଏନେଇ ପ୍ରସ୍ତୁତ କି ନାହିଁ ବୋଲି କରାଯାଇଥିବା ପ୍ରଶ୍ନର ଉତ୍ତର ରଖି ସେ କହିଛନ୍ତି ଯେ, ବିଭିନ୍ନ ମଡେଲ ଭିନ୍ନଭିନ୍ନ ଆକଳନ କରୁଛନ୍ତି। କେଉଁ ମଡେଲ କହୁଛି, ତୃତୀୟ ଲହରରେ ଦେଶରେ ଦିନକୁ ୪ରୁ ୫ ଲକ୍ଷ ପଜିଟିଭି ଚିହ୍ନଟ ହେବ। ଆଉ କେଉଁ ମଡେଲ କହୁଛି,ଏତେ ପ୍ରଭାବ ପଡିବ ନାହିଁ। ଆଇଆଇଟି କାନପୁର ସୂତ୍ର ମଡେଲ କହୁଛି, ଓଡ଼ିଶାରେ ତୃତୀୟ ଲହରର ବିଶେଷ ପ୍ରଭାବ ରହିବ ନାହିଁ। କିନ୍ତୁ ମଡେଲ ଯାହା କହୁ ସରକାର ସବୁ ଦିଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଉଛନ୍ତି ଏବଂ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଏହା ସହ ସେ କହିଛନ୍ତି ଯେ, କଟକ ଏସସିବିରେ ଏକମୋ ଚିକିତ୍ସା ଆସନ୍ତା ୨୭ତାରିଖରେ ଆରମ୍ଭ ହେବ। ପୂର୍ବ ଭାରତରେ ସରକାରୀ ଭାବେ ଏହା ହେବ ସବୁଠାରୁ ବଡ଼ ୟୁନିଟ। ଗତକାଲି ଏନେଇ ଏସସିବି ମେଡିକାଲରେ ସମୀକ୍ଷା କରାଯାଇଛି। ଏସସିବିରେ ସମୁଦାୟ ୯ଟି ଇକୋମୋ ମେସିନ ରହିବ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି।

## ରାଜ୍ୟରେ ଶହେ ଉପରେ ଛୁଆ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୫/୮ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟାରେ ୮୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୧ ଜଣ ହେଉଛନ୍ତି ଛୁଆ, ଯେଉଁମାନଙ୍କ ବୟସ ୧୮ ବର୍ଷ ମଧ୍ୟରେ। ଗତକାଲି ଆକ୍ରାନ୍ତଙ୍କ ମଧ୍ୟରେ କେବଳ ୮୦ ଜଣ ଛୁଆ ଥିବା ବେଳେ ଆଜି ଏହି ସଂଖ୍ୟା ହଠାତ୍ ଶହେ ଡେଇଁଛି, ଯାହାକି ଚିନ୍ତାର ବିଷୟ । ଏହାବାଦ ରାଜ୍ୟରେ ଆଉ ୬୯ ଜଣ କରୋନା ଆକ୍ରାନ୍ତ ପ୍ରାଣ ହରାଇଥିବା ଜଣାଯାଇଛି। ଆଜି ଚିହ୍ନଟ ୮୮୭ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୫୧୫ ଜଣ କ୍ୱାରେଣ୍ଟାଇନ୍‌ରେ ଥିଲେ। ବାକି ୩୭୨ ଟି ହେଉଛି ଲୋକାଲ୍ କେସ୍। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୨୩ ଜଣ ଚିହ୍ନଟ ହୋଇଛନ୍ତି। କଟକରୁ ୧୧୯ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୬, ଯାଜପୁରରୁ ୪୩, ଜଗତସିଂହପୁରରୁ ୩୭, ମୟୂରଭଞ୍ଜରୁ ୩୧, ଅନୁଗୁଳରୁ ୨୭, ସମ୍ବଲପୁରରୁ ୨୧, କେନ୍ଦୁଝରରୁ ୧୯, ଢେଙ୍କାନାଳରୁ ୧୬, କେନ୍ଦ୍ରାପଡ଼ାରୁ ୧୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବାଦ ବରଗଡ଼ରୁ ୯, ଭଦ୍ରକରୁ ୯, ବୌଦ୍ଧରୁ ୧, ଦେବଗଡ଼ରୁ ୯, ଗଜପତିରୁ ୩, ଗଂଜାମରୁ ୨, ଝାରସୁଗୁଡ଼ାରୁ ୫, କଳାହାଣ୍ଡିରୁ ୧, କନ୍ଧମାଳରୁ୨, କୋରାପୁଟରୁ ୪, ମାଲକାନଗିରିରୁ ୨, ନବରଂଗପୁରରୁ ୨, ନୟାଗଡ଼ରୁ ୧୧, ନୂଆପଡ଼ାରୁ ୩, ପୁରୀରୁ ୩୯, ରାୟଗଡ଼ାରୁ ୨, ସୁନ୍ଦରଗଡ଼ରୁ ୭, ଷ୍ଟେଟପୁଲ୍‌ରୁ ୬୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩ ହଜାର ୨୧୦କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ ସାମ୍ପଲ୍ ଟେଷ୍ଟ ୬୮,୭୧୭; ପଜିଟିଭିଟି ୧.୨୯%। ରାଜ୍ୟରେ ଆଉ ୬୯ ଜଣ କରୋନା ଆକ୍ରାନ୍ତ ପ୍ରାଣ ହରାଇଥିବା ବେଳେ ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୭୫୬୨ ଜଣକୁ ବୃଦ୍ଧି ପାଇଛି । ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ମୃତକଙ୍କ ମଧ୍ୟରେ କଟକ ଜିଲ୍ଲାରେ ୨୫ଜଣ ଆଖି ବୁଜିଥିବା ବେଳେ, ଜଗତସିଂହପୁର ଜିଲ୍ଲାରେ ୨୧, ଢେଙ୍କାନାଳରେ ୯, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାରୁ ୩ଜଣ ଲେଖାଏଁ ରହିଥିବା ବେଳେ ପୁରୀ ଓ ଅନୁଗୁଳ ଜିଲ୍ଲାରୁ ୨ଜଣ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ଭଦ୍ରକ, କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ କରୋନାରେ ଆଖି ବୁଜିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୦ ଲକ୍ଷ ୩ ହଜାର ୨୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥି ମଧ୍ୟରୁ ୮ ହଜାର ୨୨୬ ଟି ଆକ୍ଟିଭ୍ କେସ୍ ରହିଥିବା ବେଳେ ୯ ଲକ୍ଷ ୮୭ ହଜାର ୩୬୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

## ଆନ୍ତଃରାଜ୍ୟ ସୀମାବିବାଦ ସମ୍ବନ୍ଧୀୟ ଗୃହ କମିଟି ବୈଠକ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ଆନ୍ତଃରାଜ୍ୟ ସୀମାବିବାଦ ସମ୍ବନ୍ଧୀୟ ଗୃହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ରାଜ୍ୟ ଓ ଆନ୍ଧ୍ରପ୍ରଦେଶ ସୀମାରେ ଥିବା କୋରାପୁଟ ଜିଲ୍ଲାର ୨୧ଟି କୋଟିଆ ଗ୍ରାମପୁଞ୍ଜର ସମସ୍ୟା ବାବଦରେ ଆଲୋଚନା ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମ ଏହି ଗ୍ରାମଗୁଡ଼ିକରେ ବ୍ୟବସ୍ଥା କରାଯାଇଛି । ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ, ରାସନ୍ କାର୍ଡ ବ୍ୟବସ୍ଥା ଆଦି କରାଯାଇଛି। ସରକାରୀ ଅଧିକାରୀମାନେ ସେମାନଙ୍କ ସହ ନିରନ୍ତର ଯୋଗାଯୋଗ ସ୍ଥାପନ କରି ସେମାନଙ୍କୁ ସୁବିଧା ଯୋଗାଇ ଦେଉଛନ୍ତି ବୋଲି କୋରାପୁଟ ଜିଲ୍ଲାପାଳ ଗୃହ କମିଟିକୁ ଅବଗତ କରାଇଥିଲେ । ଏହି ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଅମର ଶତପଥୀ ଯୋଗଦେଇଥିବାବେଳେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ବିଧାୟକ ଭୂପିନ୍ଦର ସିଂ, ମୋହନ ଚରଣ ମାଝୀ, ଡ. ନୃସିଂହ ଚରଣ ସାହୁ, ନାଉରି ନାଏକ, କେ. ନାରାୟଣ ରାଓ ପ୍ରମୁଖ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଟି. ଆଓ, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ତୃତୀୟ ଲହରର ପ୍ରଭାବ ବେଶୀ ପଡିବ ନାହିଁ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ତୃତୀୟ ଲହରର ପ୍ରଭାବ ବେଶୀ ପଡିବ ନାହିଁ ଓ ଧୀରେ ଧୀରେ କୋଭିଡର ପ୍ରଭାବ କମିଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ନିରଜ ମିଶ୍ର । ସେ କହିଛନ୍ତି ଯେ କୋଭିଡ ସିଜେନାଲ ଫ୍ଲୁ ଭଳି ରହିବ ଓ ଧିରେ ଧିରେ ପ୍ରଭାବ କମିଯିବ । ତେବେ କୋଭିଡ କଟକଣା ମାନିବାକୁ ପଡିବ ଓ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ ପଡିବ । ସେହିପରି ଡାକ୍ତର ନିରଜ ମିଶ୍ର ଅନୁମାନ ଲଗାଇଛନ୍ତି ଯେ ବର୍ଷ ଶେଷ ବେଳକୁ ସ୍ଥିତି ନିୟନ୍ତ୍ରଣରେ ଆସିଯିବ ଓ ଆଗାମୀ ବର୍ଷ ବେଳକୁ ସ୍ଥିତି ସମ୍ପୂର୍ଣ୍ଣ ଭଲ ହୋଇସାରିଥିବ ।

# ଅତିଥି ଶିକ୍ଷକଙ୍କ ମାନଙ୍କ ବକେୟା ଦରମା ପ୍ରଦାନ ପାଇଁ ଦାବି

ବାଲିଆପାଳ,୨୫/୦୮ (ନି.ପ୍ର): ସରକାର ଦୀର୍ଘ ଦିନ ଧରି ନୂତନ ଶିକ୍ଷକ ନିଯୁକ୍ତି ନ ଦେଇ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅତିଥି ଶିକ୍ଷକ ଭାବରେ ବିଭିନ୍ ବିଦ୍ୟାଳୟରେ ନିଯୁକ୍ତି ଦେଇ ଶିକ୍ଷା ଦାନ କାର୍ଯ୍ୟ ଚଳାଇଆସୁଥିଲେ । ଏବେ ସରକାର ନୂତନ ନିଯୁକ୍ତି ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟରେ ବିଇଡି ଯୋଗ୍ୟତାଧାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅତିଥି ଶିକ୍ଷକଙ୍କ ସ୍ଥାନରେ ଯୋଗ ଦାନ କରି କାର୍ଯ୍ୟ ଚଳାଇବାକୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୋଷ୍ଠି ଶିକ୍ଷାଧିକାରୀମାନେ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ଲାଗିଛନ୍ତି । ତେଣୁ ସରକାର ଅତିଥି ଶିକ୍ଷକ ମାନଙ୍କୁ ଅବହେଳା ପ୍ରଦର୍ଶନ ସହିତ ସେମାନଙ୍କର ଦେଢ ବର୍ଷର ବକେୟା ପ୍ରାପ୍ୟ ଏ ପର୍ଯ୍ୟନ୍ତ ଦେବାର କୌଣସି ସୁବନ୍ଦୋବସ୍ତ କରି ନାହାନ୍ତି । ଅତିଥି ଶିକ୍ଷକ ମାନେ ଦୀର୍ଘ ଦିନ ଧରି ଶିକ୍ଷାଦାନ କାର୍ଯ୍ୟ ସଂପନ୍ନ କରି ମଧ୍ୟ ସେମାନଙ୍କର ପ୍ରାପ୍ୟ ପାଇବାରୁ ବଂଚିତ ହୋଇଛନ୍ତି । ଏଥି ପାଇଁ ଅତିଥି ଶିକ୍ଷକ ମାନେ ଗଣଶିକ୍ଷା ବିଭାଗକୁ ନିବେଦନ କରିଛନ୍ତି । ନୂତନ ଶିକ୍ଷକ ନିଯୁକ୍ତି ପର୍ଯ୍ୟନ୍ତ ସେମାନଙ୍କୁ ପୁନଃ ନିଯୁକ୍ତି ଦେବା ସହ ସେମାନଙ୍କର ବକେୟା ପ୍ରାପ୍ୟ ଦେବାର ବ୍ୟବସ୍ଥା କରିବାକୁ ଅତିଥି ଶିକ୍ଷକ ଆଦିକନ୍ଦ ଜେନା, ନିରଞ୍ଜନ ଦେ, ପଣ୍ଡିତ ଅମୂଲ୍ୟ କୁମାର ଜେନା, ଅନନ୍ତ କୁମାର ପଣ୍ଡା, ଫକୀର ଚରଣ ଜେନା, ଅମରେଶ ସାହ, ଅମୂଲ୍ୟ ଚନ୍ଦ୍ର ଘଡାଇ, ସୁରେନ୍ଦ୍ର ନାଥ ପରିଡା. ଚକ୍ରଧର ପରିଡା, ଅନ୍ତଯାମୀ ପରିଡା ପ୍ରମୁଖ ନିବେଦନ କରିଛନ୍ତି ।

# ଆଦର୍ଶ ଶିକ୍ଷକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୨୫/୦୮ (ନି.ପ୍ର): ପୁରୁଣା ବାଲେଶ୍ୱର ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ନିତ୍ୟାନନ୍ଦ ନାୟକଙ୍କ ଏକାଦଶାହରେ ସାମାଜିକ ସଙ୍ଗଠନ 'ଆମେ କେତେଜଣ' ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପରମିଟ ଘାଟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ମଧୁସୂଦନ ମାଝୀଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ସେଖ୍ ଅବଦୁଲ୍ ରଫିକ, ଶିକ୍ଷକନେତା ପୀତାମ୍ବର ମିଶ୍ର ଓ ଅରୁଣ ପାତ୍ର, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ଆଲୋକ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ଛାତ୍ରବତ୍ସଳ ତଥା ଆଦର୍ଶ ଶିକ୍ଷକ ଭାବେ ସ୍ୱର୍ଗତ



ନାୟକଙ୍କଠାରୁ ପାଠପଢ଼ି ବହୁ ଛାତ୍ରଛାତ୍ରୀ ସଫଳତାର ଶୀର୍ଷରେପହଞ୍ଚି ପାରିଛନ୍ତି ବୋଲି ବକ୍ତାମାନେ କହିଥିଲେ। ତାଙ୍କର ବିୟୋଗ ପୁରୁଣାବାଲେଶ୍ୱର ସମେତ ଆଖପାଖ ଅଞ୍ଚଳ ପାଇଁ ବଡ଼ କ୍ଷତି ହୋଇଛି ବୋଲି ବକ୍ତାମାନେ କହିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ସମସ୍ତେ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଇଥିଲେ। ଯତୀନ ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରେ ଅନିୟମିତତା ଅଭିଯୋଗ

ନୀଳଗିରି,୨୫/୦୮ (ନି.ପ୍ର): ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ରେମୁଣା ବ୍ଲକ ଅଧୀନସ୍ଥ ସେରଗଡ଼ ପଞ୍ଚାୟତର ବାଉଁଶମୁହାଁ ଗ୍ରାମରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପାନୀୟ ଜଳ ପ୍ରକଳ୍ପ କାମ ଚାଲିଥିବା ବେଳେ ଖନନ କାର୍ଯ୍ୟରେ ରିଗ୍ ମେସିନ ପରିବର୍ତ୍ତେ ଟ୍ରାକ୍ଟର ଇଉନିୟନ ମେସିନରେ ଖୋଳୁଥିଲା ବେଳେ ଗ୍ରାମବାସୀ ଏହାକୁ ନାପସନ୍ଦ କରିଛନ୍ତି । ଏ ନେଇ କୌଣସି ଟେଣ୍ଡର ହୋଇ ନ ଥିଲା ବେଳେ ଅଞ୍ଚଳବାସୀ ପିଇବା ପାଣି ପାଇବେ କି ନାହିଁ ତାହା ଗ୍ରାମର ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି । ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି ।

# ବିଦ୍ୟାଳୟ ହତାରେ ଓଡିଆ ଭାଷାସାହିତ୍ୟର ୫ ମହାମନିଷୀଙ୍କ ମୂର୍ତ୍ତୀ ସ୍ଥାପନା ଲାଗି ଦାବି

ଜଳେଶ୍ୱର,୨୫/୮(ନି.ପ୍ର) : ଓଡିଆ ଭାଷା ସାହିତ୍ୟ ପ୍ରତି ଶିଶୁ ମାନଙ୍କର ଅଧିକ ଆକର୍ଷଣ ଏବଂ ଉପାନ୍ତ ଅଂଚଳରେ ଓଡିଆ ପ୍ରିତୀ ଲାଗି ପ୍ରତିବିଦ୍ୟାଳୟ ହତାରେ ଓଡିଆ ଭାଷା ସାହିତ୍ୟର ମହାମନିଷୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ଲାଗି ଦାବି ହୋଇଛି । ଫଳରେ ଉତ୍ତର ପିଢିଙ୍କର ଭାଷା ସାହିତ୍ୟପ୍ରତି ଅନୁରାଗ ଜାତ ହେବ ବୋଲି ସେମାନେ ଯୁକ୍ତି ବାଢିଛନ୍ତି । ଏ ସମ୍ପର୍କରେ ଭାଷା-ସାହିତ୍ୟ-ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦୀନକୃଷ୍ଣଙ୍କ ଜନ୍ମପୀଠ ଜଳେଶ୍ୱର ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀକୂଳ ଖୁଦିଆମାଝୀସାହି ପଂଚାୟତର ମୁଣ୍ଡୁତୁଣିଆ ଗାଁରେ ଗଢି ଉଠିଛି ଭକ୍ତକବି ଦୀନକୃଷ୍ଣଙ୍କ ପୀଠ । ଗାଁ ବିଦ୍ୟାଳୟ ପରିସରରେ ପ୍ରାଥମିକ ବିଦ୍ୟାଳୟ, ମଇ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ ୩ଟି ବିଦ୍ୟାଂଳୟର ମିଶ୍ରଣ ଅଦ୍ୟାବଧି ହୋଇ ପାରିନାହିଁ । କିନ୍ତୁ ଗ୍ରାମବାସୀ ଓ ସେ ଅଂଚଳର ଶିକ୍ଷିତ ବ୍ୟକ୍ତିମାନଙ୍କ ପ୍ରଚେଷ୍ଟାରେ ଓଡିଆ ଭାଷା ସାହିତ୍ୟର ମହାମନିଷୀଙ୍କ ପ୍ରତିମୂର୍ତ୍ତୀ ସହିତ ଜାତୀର ପିତା ବାପୁଜିଙ୍କ ପ୍ରତିମୂର୍ତ୍ତୀ ଗଢି ଉଠିଛି । ସେଠାରେ ମହାତ୍ମା ଗାନ୍ଧି, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବଂଧୁ ଦାସ ଓ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତୀ ଏକ ସ୍ଥାନରେ ରହିଛି । ବିଶେଷ ଦିନ ଗୁଡିକରେ ସ୍ଥାନୀୟ ଛାତ୍ରଛାତ୍ରୀ ମାନଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହିତ ମହାମନିଷୀମାନଙ୍କ କୃତିତ୍ୱ ସଂପର୍କରେ ବର୍ଣ୍ଣନା କରାଯାଇଥାଏ । ପ୍ରତିଦିନ ମହାମନୀଷଙ୍କ ପ୍ରତିମୂର୍ତ୍ତୀ ତଳେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥାଏ । ଏହିପରି ପ୍ରତ୍ୟେକ ବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟର ମହାମନିଷୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ଲାଗି ଦୀନକୃଷ୍ଣ ସ୍ମୃତିପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ, ଜଳେଶ୍ୱରର ସର୍ବପ୍ରଥମ ଡକ୍ଟେରଟ ପାଇଥିବା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବୁଦ୍ଧେଶ୍ୱର ପତି, ରାଇବଣିଆ ଦୁର୍ଗ ଗବେଷକ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ପାତ୍ର, ଓଷ୍ଟାର ପୂର୍ବତନ ରାଜ୍ୟ ଯୁଗ୍ମ ସଂପାଦକ ଅକ୍ଷୟ କୁମାର ମିଶ୍ର, ପୂର୍ବତନ ମଧ୍ୟୋଚ୍ଚ ରାଜ୍ୟ ପୂର୍ବତନ ଉପସଭାପତି ଖଗେନ୍ଦ୍ର ନାଥ ସାହୁ, ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁଭୂଷଣ ମହାନ୍ତିଙ୍କ ସହିତ ବହୁ ଶିକ୍ଷାବିତ୍ ଦାବି ଜଣାଇବା ସହିତ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ କରିଛି । ୬୬୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୯୭,୧୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

# ୱାରେଣ୍ଟିକୁ ଧରିବାକୁ ଯାଇ ପୋଲିସକୁ ମାଡ଼ : ଭାଙ୍ଗିଲେ ଥାନା ଗାଡ଼ି

ନୀଳଗିରି/ଭୁବନେଶ୍ୱର,୨୫/୦୮ (ନି.ପ୍ର): ନୀଳଗିରି ପୋଲିସ ୱାରେଣ୍ଟିକୁ ଗିରଫ କରିବାକୁ ଯାଇଥିଲା ବେଳେ ପାଲଟା ଆକ୍ରମଣରେ ଶିକାର ହୋଇଛି । ପୋଲିସଗାଡ଼ିକୁ ଭଙ୍ଗାରୁଜା କରାଯାଇଥିବା ନୀଳଗିରି ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଗତ ୨୪ତାରିଖ ରାତିରେ ନୀଳଗିରି ଥାନାର ଏ.ଏସ.ଆଇ. ଶରତ କୁମାର ଧଳ, କନେଷ୍ଟବଳ ସନସାଇନ ଚାଲାଣ, ଶଙ୍କର ହେମ୍ବ୍ରମ, ବୁଦ୍ଧିରାମ ବିଶ୍ୱାଳ, ନୀଳଗିରି ଥାନା ଅଧିନସ୍ଥ ସଜନାଗଡ଼ ଗ୍ରା.ପ.ର ଜାମୁଡ଼ିହି ସାହି ଗ୍ରାମର ପଦ୍ମଲୋଚନ ପ୍ରାତ (୫୧) ଙ୍କ ନାମରେ ୱାରେଣ୍ଟ ଥିବା ବେଳେ ପୋଲିସ ତାଙ୍କ ଘରେ ପହଞ୍ଚିଥିଲା । ପୋଲିସ ପହଞ୍ଚିବା କ୍ଷଣି ପଦ୍ମଲୋଚନ ପାତ୍ର , ବିକାଶ ପାତ୍ର ଓ ପ୍ରକାଶ ପାତ୍ର ମିଳିତ ଭାବେ ରାତି ଅଧରେ କ'ଣ ପାଇଁ ଆମ ଘରକୁ ଆସିଛ ବୋଲି କହିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଇଟା ଖଣ୍ଡରେ ପୋଲିସକୁ ଆକ୍ରମଣ କରିବା ସହ ପିଟାମରା କରିଥିଷଲ । ପୋଲି ଗାଡ଼ିର ଆଗ ବମ୍ପର ଭାଙ୍ଗିଦେଇଥିଲେ । ପରେ ପୋଲିସ ପଦ୍ମଲୋଚନ ପାତ୍ର ଓ ବିକାଶ ପାତ୍ରକୁ କାବୁ କରିଥିବା ବେଳେ ପ୍ରକାଶ ପାତ୍ର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏ ନେଇ କନେଷ୍ଟବଳ ସନସାଇନ ଚାଲାଣ ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ନୀଳଗିରି ଥାନାରେ ୨୨୩/୨୧ ଏକ ମାମଲା ରୁଜୁ ହୋଇ ଦଫା ୩୪୧, ୩୨୩, ୨୯୪, ୪୨୭, ୩୦୭, ୩୩୨, ୩୫୩, ୫୦୬/୩୪ ଆଇ.ପି.ସି. (୩) ପି.ଡି.ପି.ପି. ଆକ୍ଟ ମାମଲା ରୁଜୁ ହୋଇଛି । ଗିରଫ ଦୁଇଜଣକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

# ନୃତ୍ୟ ଚନ୍ଦ୍ରିକା କଲଚରାଲ ଏକାଡେମୀ ଉଦ୍‌ଘାଟିତ

ଭଦ୍ରକ,୨୫/୦୮ (ନି.ପ୍ର): ନୃତ୍ୟ ଚନ୍ଦ୍ରିକା ଫାଉଣ୍ଡେସନ, ଭୁବନେଶ୍ୱର ଆନୁକୂଲ୍ୟରେ ଭଦ୍ରକ ସହର ମୋଟେଲ ଛକସ୍ଥିତ କଳ୍ପନାଦେବୀ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ ପରିସରରେ ନୃତ୍ୟ ଚନ୍ଦ୍ରିକା କଲଚରାଲ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଷ୍ଠାତା ତଥା ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଇଂ ଅଭୟ ସୂତାର ଉଦ୍‌ଘାଟକ, ଅଧ୍ୟାପକ ନିହାର ରଂଜନ କର ମୁଖ୍ୟ ଅତିଥି, କଳ୍ପନାଦେବୀ ଯୁକ୍ତ ଦୁଇ ମହାବିଦ୍ୟାଳୟର ନିର୍ଦ୍ଦେଶକ ଆଡଭୋକେଟ୍ ମହେଶ ଚନ୍ଦ୍ର ରାୟ ବିଶିଷ୍ଟ ଅତିଥି, ଆଦର୍ଶ ଶିକ୍ଷକ ଶରତ ଚନ୍ଦ୍ର ଜେନା, ସ୍ୱତନ୍ତ୍ର ଅତିଥି



ଆଦର୍ଶ ଶିକ୍ଷକ ସୁକୁମାର ପାଣିଗ୍ରାହୀ ମୁଖ୍ୟବକ୍ତା, ଶିକ୍ଷା ସଂସ୍କାରିକା ରଶ୍ମିତା ଦାଶ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରମୋଦ ରାୟ, ସମାଜସେବୀ ଗୀତାଞ୍ଜଳି ଜେନା, ଅଧ୍ୟାପକ ଗୌରାଙ୍ଗ ପେରେଇ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି ଐତିହ୍ୟ, ଲୋକକଳା, ଲଳିତକଳା ବିଶ୍ୱରେ ବିରଳ। ଏହି ଏକାଡେମୀରେ ଶିକ୍ଷା ଗ୍ରହଣ କରି ଛାତ୍ରଛାତ୍ରୀମାନେ ଗୁରୁ-ଶିଷ୍ୟ ପରମ୍ପରା ରକ୍ଷା କରି ଉତ୍କଳର ଏହି ଉତ୍କର୍ଷ କଳାର ସଂରକ୍ଷଣ ପ୍ରଚାର ପ୍ରସାର କରିବା ଦିଗରେ ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇବେ। ଭଦ୍ରକ ତଥା ପଡେଶୀ ଜିଲାରେ ଏହିଭଳି ସାଂସ୍କୃତିକ ବିଦ୍ୟାଳୟ ନଥିବାରୁ ଏହା ନିଶ୍ଚିତ ଭାବେ ସଂସ୍କୃତି ସଂପନ୍ନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଅତ୍ୟନ୍ତ ଉପାଦେୟ ବୋଲି ନିଜ ନିଜ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଏହି ଉତ୍ସବରେ ସଂଗଠନର ସଂପାଦକ ତଥା ଏକାଡେମୀର ନିର୍ଦ୍ଦେଶକ ପ୍ରଭାତ କୁମାର ମହାଲିକ ସଂପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସଂଗଠନର କର୍ମକର୍ତ୍ତା ପୂର୍ଣ୍ଣିମା ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏବଂ ଜଗବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜସେବୀ କଳ୍ପନାଦେବୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ଆଡଭୋକେଟ୍ ମହେଶ ଚନ୍ଦ୍ର ରାୟଙ୍କୁ ଓଡ଼ିଶା ରାଜ୍ୟ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ମାଟିର ମହକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ତାଲିବାନୀଙ୍କ ଆଫଗାନିସ୍ତାନ ....

ତାଲିବାନୀ କାବୁଲ କବଜା କରିବା ପରେ ଘରକୁ ଘର ବୁଲି ଝିଅ ଖୋଜୁଛନ୍ତି ତାଲିବାନୀ । ବିଶେଷ ଭାବରେ ୧୫ବର୍ଷରୁ ଅଧିକ ବୟସର ଝିଅଙ୍କୁ ନିଜ ସହ ନେଇଯାଉଛନ୍ତି ତାଲିବାନୀ । ହୋଲି ମାକେ ଆଫଗାନିସ୍ତାନ ଛାଡିବାରେ ସଫଳ ହୋଇଥିବା ବେଳେ ତାଙ୍କ ପଛରେ ରହିଯାଇଥିବା ତାଙ୍କ ବନ୍ଧୁମାନେ ଆତଙ୍କ ଭିତରେ ଦିନ କାଟୁଛନ୍ତି । ଆଫଗାନିସ୍ତାନ ଉପରେ ତାଲିବାନର କବ୍ଜା ପରେ କାବୁଲ ଛାଡି ପଳାୟନ କରିଥିଲେ ହଜାର ହଜାର ଲୋକ । ତାଲିବାନୀଙ୍କ ଭୟରେ ଦେଶ ଛାଡି ଚାଲିଯାଇଥିଲେ । ତାଲିବାନୀ ଆତଙ୍କବାଦୀଙ୍କ ଭୟରେ ହଜାର ହଜାର ଲୋକ ଦେଶ ଛାଡି ଥିବା ବେଳେ ବାହା ହେବା ପାଇଁ ଘରକୁ ଘର ବୁଲି ଝିଅ ଖୋଜୁଛନ୍ତି ତାଲିବାନୀ । ତାଲିବାନୀଙ୍କ ଆଫଗାନିସ୍ତାନ କବଜା ପରେ ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଥିଲା । ଠପି ପଡିଯାଇଥିଲା ସାରା ଦେଶ । କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ୟାଙ୍କ, ସମେତ ଦୋକାନ ବଜାର ସବୁ ବନ୍ଦ ହୋଇଯାଇଥିଲା । ଏହାରି ଭିତରେ ହଜାର ହଜାର ଲୋକ ଦେଶ ଛାଡିଥିବାବେଳେ ଏବେ ମହିଳାଙ୍କ ଅବସ୍ଥା ଆହୁରୀ ଶୋଚନୀୟ ହୋଇପଡିଛି ।

# ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ

ପୁରୀ,୨୫/୦୮ (ନି.ପ୍ର): କୋଭିଡ କଟକଣା ମଧ୍ୟରେ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟସଭାପତି ବିଭୁତି ଭୂଷଣ କର ଯୋଗଦେଇ ରାଜ୍ୟରେ ସାମ୍ବାଦିକମାନଙ୍କ ଉପରେ ବଢି ଚାଲିଥିବା ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ଲାଗି ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରିବା, ସାମ୍ବାଦିକମାନଙ୍କୁ ଅବସରକାଳୀନ ପେନ୍‌ସନ୍ ପ୍ରଦାନ ଓ ସ୍ୱାସ୍ଥ୍ୟବୀମା ଅର୍ଥ ରାଶି ବୃଦ୍ଧି କରିବାକୁ ଶ୍ରୀକର ଦାବି କରିଥିଲେ। ସରକାର ତୁରନ୍ତ ସାମ୍ବାଦିକଙ୍କ ଦାବି ପୂରଣ ନକଲେ, ଆସନ୍ତା ଶୀତକାଳୀନ ଅଧିବେସନ ସମୟରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାଇ ଦେଇଥିଲେ। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ଇପ୍‌ସିତ ପ୍ରତିହାରୀ, କୋଣାର୍କପ୍ରେସକ୍ଲବର ସଭାପତି ସଞ୍ଜୟ ପତି,କାକଟପୁର ପ୍ରେସ୍ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, ଗୋପ ପ୍ରେସ୍ କ୍ଲବର ସଭାପତି ଭାରତୀ ଉପାଧ୍ୟୟ,ସତ୍ୟବାଦୀ ସାମ୍ବାଦିକ ସଂଘର ସଭାପତି ଧିରେନ୍ଦ୍ର ସେନାପତି, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟମ୍ନ କୁମାର ସୁବୁଦ୍ଧି,ସମୀର କର, ଦୁଃଶାସନ ନାୟକ,ମାନସ ରଞ୍ଜନ ଦାସ,ସରୋଜ କୁମାର ବେହେରା,ବିଜୟ କୁମାର ମହାପାତ୍ର, ଅବନୀ ଭୂଷଣ ବାରିକ୍ ଓ ସୁରେଶ କୁମାର ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ଦାବି ପୁରଣ ଲାଗି ସମ୍ମିଳିତ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଆଦିତ୍ୟକୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କରୋନାରେ ପ୍ରାଣ ହରାଇଥିବା ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏତ୍‌ଦବ୍ୟତୀତ ପୁରୀସହରର ବରିଷ୍ଠ ସାମ୍ବାଦିକମାନଙ୍କୁ କୋଭିଡ଼ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍କଳ ସାମ୍ବାଦିକ ସଂଘର ଆଦର୍ଶ ଓ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଆଜିର ଏହି କାର୍ଯ୍ୟକ୍ରମ ଅବସରରେ ପୁରୀ,ଗୋପ ଓ ଅସ୍ତରଙ୍ଗ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ନୂତନ ଭାବେ ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ରାଜ୍ୟସାଧାରଣ ସଂପାଦକ ପୂର୍ଣ୍ଣ ଚନ୍ଦ୍ର ନାୟକ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ।

# ପୁରୀ ଜିଲ୍ଲାରେ ନୂଆ ୩୯ କରୋନା ପଜିଟିଭ୍ ଚିହ୍ନଟ

ପୁରୀ,୨୫/୦୮ (ନି.ପ୍ର): ପୁରୀ ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ନୂଆ ୩୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୩ ଜଣ, ବ୍ରହ୍ମଗିରି ବ୍ଲକରୁ ଜଣେ, ଡ଼େଲାଙ୍ଗ ବ୍ଲକରୁ ୨ ଜଣ, ଗୋପ ବ୍ଲକରୁ ୨ ଜଣ, କାକଟପୁର ବ୍ଲକରୁ ଜଣେ, କଣାସ ବ୍ଲକରୁ ୩ ଜଣ, କୃଷ୍ଣପ୍ରସାଦ ବ୍ଲକରୁ ଜଣେ, ନିମାପଡ଼ା ବ୍ଲକରୁ ୩ ଜଣ, ପିପିଲି ବ୍ଲକରୁ ୮ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ଜଣେ, ପୁରୀ ସଦର ବ୍ଲକରୁ ୨ ଜଣ, ପୁରୀ ପୌରାଚଂଳରୁ ସର୍ବାଧିକ ୯ ଜଣ ରହିଛନ୍ତି ।

# ଓଡ଼ିଶା ସରକାରଙ୍କ ପରିସ୍ଥିତି ଭୟଙ୍କର ହେବ : ଇଂ. ରାମଚନ୍ଦ୍ର ହାଁସଦା

ଉଦଳା,୨୫/୦୮ (ନି.ପ୍ର): ଓଡ଼ିଶା ସରକାର ଆଦିବାସୀ ଲୋକଙ୍କ ସ୍ୱରକୁ କଣ୍ଠରୋଧ କରିବା ପାଇଁ ଉଦ୍ୟମ କଲେ ପରିସ୍ଥିତି ଖୁବ୍ ଭୟଙ୍କର ହେବ ବୋଲି ମୟୂରଭଞ୍ଜର ପୂର୍ବତନ ଲୋକସଭା ସଦସ୍ୟ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ରାଜ୍ୟ ସାଧାରଣ ସଂପାଦକ ଇଂ.ରାମଚନ୍ଦ୍ର ହାଁସଦାଃ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଘଟଣାରୁ ଜଣାଯାଏ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ରାଜ୍ୟ ସଭାପତି ଅଞ୍ଜନି ସୋରେନ, କୋଷାଧ୍ୟକ୍ଷ ତଥା ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୁର୍ତ୍ତି, ସୁନ୍ଦରଗଡ଼ ଜିଲ୍ଲା ସଭାପତି ବନ୍ଦନା ଟପୋ, କେନ୍ଦ୍ରୀୟ ସମିତି ସଭ୍ୟ ପଥ୍ୱନ କୁମ୍ ଙ୍କ ସମେତ ମୁକ୍ତି ମୋର୍ଚ୍ଚାର ଶତାଧିକ କର୍ମୀ ରାଉରକେଲା ଗସ୍ତରେ ଥିବା ସମୟରେ ଏକ ହୋଟେଲରେ ପୋଲିସ ସେମାନଙ୍କୁ ଅଟକ ରଖିବା



ଘଟଣା ପ୍ରଚାରିତ ହେହବା ପରେ ଇଂ. ଶ୍ରୀଯୁକ୍ତ ହଁସଦାଃ ଏପରି ବିବୃତ୍ତି ଦେବା ସହିତ ନିଶ୍ଚିତ ଭାବେ ଏହା ଏକ ଦୁଃଖଦାୟକ ବିଷୟ ବୋଲି କହିଛନ୍ତି । ଘଟଣାରୁ ଜଣାଯାଏ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଠାରେ ଥିବା ଭାରତଡ଼ାଲମିୟାଙ୍କ ଓସିସିଏଲ ସିମେଣ୍ଟ ଓ ନବୀନ ଜୀନ୍ଦଲଙ୍କ ଶିବା ସିମେଣ୍ଟ କମ୍ପାନି ପାଇଁ ୬ଟି ଡଲୋମାଇଟ ଓ ଚୁନ ପଥର ଖଣି ପାଇଁ ଚଳିତ ଅଗଷ୍ଟ ୨୩ ତାରିଖ ଠାରୁ ରାଜଗାଙ୍ଗପୁର ବ୍ଲକ ଅଧିନସ୍ଥ ୬ଟି ଗ୍ରାମପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ଜନଶୁଣାଣୀ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ବହୁ ଆଦିବାସୀ ପରିବାର ଜମିହରା ହେବାର ସମ୍ଭାବନା ଥିବାରୁ ସେଠାକାର ଜନସାଧାରଣ ଏହାକୁ ବିରୋଧ କରି ଆସୁଥିଲେ । ଏତିକିବେଳେ ଉକ୍ତ ବିରୋଧକୁ ଦମନ କରିବବା ପାଇଁ କମ୍ପାନି ଟଙ୍କାରେ କିଛି ଦଲାଲ ସୃଷ୍ଟି କରାଯାଇ ପୋଲିସ ପ୍ରଶାସନ ମାଧ୍ୟମରେ ଲୋକଙ୍କୁ ଧମକ ଚମକ ଦେଇ କଣ୍ଠରୋଧ କରାଯାଉଛି । ତେଣୁ ଖଣି ପ୍ରଭାବିତ ଲୋକଙ୍କ ନିମନ୍ତ୍ରଣ କ୍ରମେ ତାଙ୍କ ସମସ୍ୟାକୁ ବୁଝାସୁଝା କରିବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ସମେତ କିଛି ଦଳୀୟ କର୍ମୀ ସେଠାକୁ ଗସ୍ତରେ ଯାଇଥିଲେ ।

# ରାଜ୍ୟ ସରକାରଙ୍କ ଭୋଟ ରାଜନୀତି ଯୋଗୁଁ ମୌଳିକ ସେବାରୁ ବଞ୍ଚିତ ଲୋକେ: ବିଜେପି

ବାଲେଶ୍ୱର,୨୫/୦୮ (ନି.ପ୍ର): ବାଲେଶ୍ୱର ଗସ୍ତ ଅବସରରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲା ପ୍ରଭାରୀ ଗୋଲକ ମହାପାତ୍ର ଓଡ଼ିଶାର ବିଜେଡି ସରକାରଙ୍କ ଭୋଟ ରାଜନୀତିକୁ ସମାଲୋଚନା କରିଛନ୍ତି। ଜିଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ନବୀନ ସରକାରଙ୍କ ଦୋଷଦୁର୍ଗୁଣ ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନରେ ସରକାରୀ ବିଫଳତା ସମ୍ପର୍କରେ ସମାଲୋଚନା କରିଥିଲେ। ରାଜ୍ୟର ଉନ୍ନୟନକୁ ଗୁରୁତ୍ୱହୀନ କରି ନବୀନ ସରକାର କେବଳ ଭୋଟ ରାଜନୀତିରେ ବ୍ୟସ୍ତ ରହିଥିବା ଶ୍ରୀ ମହାପାତ୍ର ଆରୋପ କରିଛନ୍ତି। ବିଜେଡି ସରକାରଙ୍କର ଦୀର୍ଘ ୨୧ବର୍ଷ ଶାସନରେ ରାଜ୍ୟରେ କୃଷକ, ଶ୍ରମିକ, ଶିକ୍ଷକ, ଯୁବକମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦୁର୍ନୀତି ଚରମ ସ୍ଥିତିରେ ପହଞ୍ଚିଛି ବୋଲି ସେ କହିଛନ୍ତି। ପ୍ରତ୍ୟେକ ସରକାରୀ ଯୋଜନାର ହିତାଧିକାରୀ ଚୟନ ଦଳୀୟ ଭିତ୍ତିରେ ଚାଲିଛି। ସରକାରଙ୍କ ଅସହଯୋଗ ପାଇଁ ରାଜ୍ୟବାସୀ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଓ ପିଏମ କିଷାନ ଯୋଜନାର ସୁଫଳରୁ ବଞ୍ଚିତ ହୋଇଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ସେହିଭଳି ଉପ-ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ସ୍ୱୟଂ ବାଲେଶ୍ୱରର ବିକାଶ ଦାୟିତ ନେଇ ଦେଇଥିବା ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଛି। ଦିନକୁ ଦିନ ଲୋକଙ୍କ ସମସ୍ୟା ବଢ଼ି ଚାଲିଥିବା ବେଳେ ସହରବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତିରେ ଜନ ସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଜେପି ଏକମାତ୍ର ବିକଳ୍ପ ଭାବେ ଛିଡ଼ା ହେବା ସହ ଆବଶ୍ୟକ ସ୍ଥଳେ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ଶ୍ରୀ ମହାପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ବାଲେଶ୍ୱର ଜିଲାରେ ବିଜେପିର ଚାଲିଥିବା ଗୋଷ୍ଠୀ କନ୍ଦଳକୁ ନେଇ ସାମ୍ବାଦିକଙ୍କ ପ୍ରଶ୍ନକୁ ଶ୍ରୀ ମହାପାତ୍ର ଏଡ଼ାଇଯାଇ ସବୁକିଛି ଠିକଠାକ ଚାଲିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ରାଜ୍ୟ ପ୍ରବକ୍ତା ରଣଜିତ ଦାସ, ଜିଲା ସାଧାରଣ ସମ୍ପାଦକ ପଶର୍ଣ୍ଣୁରାମ ପରିଡ଼ା ଓ ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

ବାଲେଶ୍ୱର ଗୁରୁବାର, ୨୬ ଅଗଷ୍ଟ, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ୨୪ ଘଂଟାରେ ୮୮୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ଆଉ ୮୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୩୨୧୦ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୧୩୧ ଜଣ ସଂକ୍ରମିତ ହୋଇଛନ୍ତି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୮୭୩୬୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୮୨୨୬ ରହିଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୮୮୭ ଜଣଙ୍କ ମଧ୍ୟରୁ ୫୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୭୨ ଜଣ ସ୍ଥାନୀୟ ବ୍ୟକ୍ତି ରହିଛନ୍ତି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୨୭, ବାଲେଶ୍ୱରରୁ ୫୬, ବରଗଡ଼ରୁ ୯, ଭଦ୍ରକ୍ ରୁ ୯ ଜଣ , ବୌଦ୍ଧରୁ ଜଣେ ସଂକ୍ରମିତ ହୋଇଥିବା ବେଳେ , କଟକରୁ ୧୧୯, ଦେବଗଡରୁ ୯ , ଢେଙ୍କାନାଳରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩, ଗଞ୍ଜାମରୁ ୨,ଜଗତସିଂହପୁରରୁ ୩୭, ଯାଜପୁରରୁ ୪୩, ଝାରସୁଗୁଡାରୁ ୫ , କଳାହାଣ୍ଡିରୁ ୧ , କନ୍ଧମାଳରୁ ୨, କେନ୍ଦ୍ରାପଡ଼ାରୁ ୧୫, କେନ୍ଦୁଝରରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଧା ଜିଲ୍ଲାରୁ ୩୨୩ ଓ କୋରାପୁଟ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ମାଲକାନାଗିରିରୁ ୨, ମୟୁରଭଞ୍ଜରୁ ୩୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨,ନୟାଗଡରୁ ୧୧, ନୂଆପଡାରୁ ୩ , ପୁରୀରୁ ୩୯, ରାୟଗଡାରୁ ୨, ସମ୍ବଲପୁରରୁ ୨୧, ସୁନ୍ଦରଗଡରୁ ୭ ଓ ଷ୍ଟେଟପୁଲରୁ ୬୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ‘ଭଣ୍ଡାରଘରେ କଳାକନା ବୁଲାଇବାକୁ ଜଗୁଆଳିର ଉଦ୍ୟମ’

### ରାଷ୍ଟ୍ରାୟ ଉଦ୍ୟୋଗ ବିକ୍ରି ବିରୋଧରେ ସିପିଏମର ବିକ୍ଷୋଭ




ବାଲେଶ୍ୱର,୨୫/୦୮ (ନି.ପ୍ର): ଲାଭରେ ଚାଲିଥିବା ରାଷ୍ଟ୍ରାୟ ଉଦ୍ୟୋଗକୁ କେନ୍ଦ୍ର ସରକାରଙ୍କ ବିକ୍ରି କରିବା ନୀତି ବିରୋଧରେ ସିପିଏମ ପକ୍ଷରୁ ବାଲେଶ୍ୱରରେ ବୁଧବାର ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ସହରର ଫାଣ୍ଡିଛକଠାରେ ଆୟୋଜିତ ପଥପ୍ରାନ୍ତ ପ୍ରତିବାଦ କାର୍ଯ୍ୟକ୍ରମରେ ସିପିଏମ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ନିର୍ମଳ ନାୟକଙ୍କ ସମେତ ସୀତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ଜ୍ୟୋତିର୍ମୟ ରାଉତ, ଶ୍ୟାମସୁନ୍ଦର ଜେନା, ରାଜ କିଶୋର ଲେଙ୍କା, ନିକୁଞ୍ଜ ବସନ୍ତ ରାଏ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ‘ଦେଶକୁ ବନ୍ଧକ ରଖି ଶାସନ କରିବା’ ନିଷ୍ପତ୍ତିକୁ ଦୃଢ଼ ସମାଲୋଚନା କରିଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ସରକାରଙ୍କ ‘ନ୍ୟାସନାଲ ମନିଟାଇଜେସନ ପାଇପଲାଇନ’ ଯୋଜନାରେ ଦେଶର ୧୫ଟି ରେଳ ଷ୍ଟେସନ,୨୫ଟି ବିମାନ ବନ୍ଦର ଓ ୧୬୦ଟି କୋଇଲାଖଣି ଘରୋଇ ସଂସ୍ଥାଙ୍କୁ ଦିଆଯିବ। ଏହି ଅର୍ଥକୁ ନେଇ ସରକାର ଦେଶର ଅର୍ଥନୀତିକୁ ପରିଚାଳନା କରିବେ। ବଡ଼ ବଡ଼ ଘରୋଇ ସଂସ୍ଥାମାନେ ଏହାକୁ ବ୍ୟବସାୟ ଭିତ୍ତିରେ ବ୍ୟବହାର କରି କୋଟି କୋଟି ଟଙ୍କାର ମୁନାଫା ଉଠାଇବେ। ସରକାରୀ ଉଦ୍ୟୋଗ ଘରୋଇକରଣ ସହିତ ଜନଗଣଙ୍କ କଷ୍ଟ ଲବ୍ଧ ଅର୍ଥରେ ସୃଷ୍ଟି ହୋଇଥିବା ଜାତୀୟ ସମ୍ପତ୍ତି ବିକ୍ରି କରି ଦେଶ ଚଳାଇବା ନିଷ୍ପତ୍ତି ‘ଘରର ସୁନା, ରୁପା ଅଳଙ୍କାର ବିକ୍ରି କରି ତେଲ-ଲୁଣ କିଣିବା’ ସହିତ ସମାନ ବୋଲି ସିପିଏମ ନେତାମାନେ ଆରୋପ କରିଥିଲେ। ଅନ୍ୟପକ୍ଷରେ ଭଣ୍ଡାର ଘର ଜଗିବା ଦାୟିତ୍ୱରେ ଥିବା ଜଗୁଆଳି ନିଜେ କଳାକନା ବୁଲାଇବା ଭଳି କେନ୍ଦ୍ର ସରକାର ଏବେ ଦେଶକୁ ବିକ୍ରି କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସିପିଏମ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି ଆରୋପ କରିଛନ୍ତି। ସରକାର ଲାଭରେ ଚାଲିଥିବା ଜାତୀୟ ଉଦ୍ୟୋଗ ବା ରାଷ୍ଟ୍ରୀୟ ସମ୍ପତ୍ତି ବିକ୍ରି ନୀତିରୁ ନ ଓହରିଲେ ଆଗାମୀ ଦିନରେ ସମଗ୍ର ଦେଶରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

## ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୮୦ତମ ଜନ୍ମ ଜୟନ୍ତୀ ପାଳିତ



ବାରିପଦା,୨୫/୦୮ (ନି.ପ୍ର): ବିଶିଷ୍ଟ ଗାନ୍ଧୀବାଦୀ ତଥା ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୮୦ତମ ଜନ୍ମ ଜୟନ୍ତୀ କରୋନା କଟକଣା ମଧ୍ୟରେ ଭଞ୍ଜପୁର ସ୍ଥିତ ସର୍ବୋଦୟ ଆଶ୍ରମରେ ଓଡ଼ିଆ ଜାଗରଣ ମଂଚ ଓ ଓଡିଶା କ୍ଷେତ ମଜଦୂର କିଷାନ ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଅପରାହ୍ନରେ ପାଳିତ ହୋଇଯାଇଛି। ଓଡ଼ିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଫ୍ରେମ୍ଙ୍କ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ତାଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ସହିତ ସର୍ବୋଦୟ ନେତ୍ରୀ ବିରଜା ଦେବୀ, ସମାଜସେବୀ ଆର୍ଯ୍ୟଭଟ୍ଟ ମହାନ୍ତି, ଯୁବ ସାମ୍ବାଦିକ ଦୀପକ ନାୟକ, ସୁବ୍ରତ କୁମାର ଦାସ, ପିତାମ୍ବର ମଲ୍ଲିକ, ଲକ୍ଷ୍ମଣ ଜେନା, ଅରୁଣ କୁମାର ପାତ୍ର, ଦିଲ୍ଲୀପ ପାତ୍ର, ରମାକାନ୍ତ ନାୟକ, ରଜତ ପଟ୍ଟନାୟକ, ସରୋଜିନୀ ମହାନ୍ତି, ସୁସ୍ମିତା ପ୍ରିୟଦର୍ଶୀ, ସୌର୍ଯ୍ୟ ସମଦର୍ଶୀ ମହାନ୍ତି, ଜଗନ୍ନାଥ ବେହେରା, କୁମାରୀ ମିତାଖି, କୁମାର ସୋନୁ, ରଞ୍ଜନ ରଣ ସିଂ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ର ଚରଣ ମହାନ୍ତିଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଓଡ଼ିଶାରେ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣର ଜନକ, ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ର ଚରଣ ମହାନ୍ତିଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ୨୫ ଅଗଷ୍ଟ ବୁଧବାର ଦିନ ପାଳନ କରାଯାଇଛି। ଏହି ଅବସରରେ ବିପ୍ର ଚରଣ ମହାନ୍ତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶାସ୍ତ୍ରୀନଗରସ୍ଥିତ ଶିଳ୍ପୀଙ୍କ ପ୍ରତିମୂର୍ତିରେ ମାଲ୍ୟାପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ନିର୍ମାଣ ନିଗମର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, କେନ୍ଦ୍ରୀୟ ଲଳିତକଳା ଏକାଡ଼େମୀ ସଚିବ ରାମକୃଷ୍ଣ ବେଦାଲା, ଓଡ଼ିଶା ଲଳିତକଳା ଏକାଡ଼େମୀର ସଚିବ ପଂଚାନନ ସାମଲ, ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ, ବି.ସି. ସାହୁ, ରୁଦ୍ର ବେହେରା, ବାଦଲ ମହାନ୍ତି ପ୍ରମୁଖ ପ୍ରତିମୂର୍ତିରେ ପୁଷ୍ପାର୍ପଣ କରିଥିଲେ। ଟ୍ରଷ୍ଟ ତରଫରୁ ଚଳିତ ଶିକ୍ଷାବର୍ଷର ଛାତ୍ରବୃତି ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀ ସରସ୍ୱତୀ ଅଗ୍ରିଆଙ୍କୁ ପ୍ରଦାନ କରାଯାଇଥିଲା। ପରିଶେଷରେ ଟ୍ରଷ୍ଟର ଅଧକ୍ଷା ରୀତା ମହାନ୍ତି ଶିଳ୍ପୀଙ୍କ ପ୍ରତିମୂର୍ତ୍ତିର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅମର୍ଦ୍ଧାରୋଡ଼ ରେଳପୋଲ ଓ ରାସ୍ତା ନିର୍ମାଣରେ ଅଣଆବାସିକ ସ୍ଥାନ ନିରୂପଣ ପାଇଁ ଗୁହାରୀ



ବାଲେଶ୍ୱର,୨୫/୦୮ (ନି.ପ୍ର): ଅମର୍ଦ୍ଧାରୋଡ଼ଠାରେ ପ୍ରସ୍ତାବିତ ରେଳ ଉଡ଼ନ୍ତା ବ୍ରିଜ ଓ ରାସ୍ତା ନିର୍ମାଣରେ ପ୍ରଭାବିତ ହେବାକୁ ଯାଉଥିବା ଲୋକଙ୍କ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ସ୍ଥାନୀୟ ବାସିନ୍ଦାମାନେ ଜିଲାପାଳଙ୍କୁ ବୁଧବାର ଗୁହାରୀ କରିଛନ୍ତି। ସେମାନଙ୍କ ଆପତ୍ତି ଅନୁସାରେ ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଅମର୍ଦ୍ଧାରୋଡଠାରେ ବାରିପଦା ରୋଡ଼ ଏବଂ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାକୁ ରେଳ ଓଭର ବ୍ରିଜ୍ ସହିତ ଯୋଡ଼ି ଉକ୍ତ ରାସ୍ତା ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକୀୟ ସର୍ଭେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ତେବେ ଅଟକଳ ଅନୁସାରେ ପ୍ରସ୍ତାବିତ ପୋଲ ଓ ରାଜ୍ୟ ରାଜପଥ ଅମର୍ଦ୍ଧା ରୋଡ଼ ଆବାସିକ ଅଞ୍ଚଳ ମଧ୍ୟଦେଇ ନିର୍ମାଣ କରାଯିବାର ଯୋଜନା ରହିଛି। ଏହା ଦ୍ୱାରା ଦୁଇ ତିନୋଟି ଅଟ୍ଟାଳିକା, ଦୁଇଟି ମନ୍ଦିର ଏବଂ ଅନେକ ଛୋଟ ବଡ଼ ଦୋକାନ ସମେତ କିଛି ଆଦିବାସୀଙ୍କ ଘର ପ୍ରଭାବିତ ହେବା ନେଇ ଆଶଙ୍କା ଦେଖାଯାଇଛି। ଅନ୍ୟପକ୍ଷରେ ପ୍ରସ୍ତାବିତ ରାଜପଥ ଗାଁ ମଧ୍ୟଭାଗ ଦେଇ ଯାଉଥିବାରୁ ଭବିଷ୍ୟତରେ ଦୁର୍ଘଟଣା ଘଟି ଜୀବନ ଜୀବନ ହାନୀର ସମ୍ଭାବନା ସାଙ୍ଗକୁ ଏହି ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧିକୁ ମଧ୍ୟ ଏଡ଼େଇ ଦିଆଯାଇ ନପାରେ। ଏହି ପ୍ରକଳ୍ପ ଦ୍ୱାରା ବହୁ ମୂଲ୍ୟବାନ ଅଟ୍ଟାଳିକା ଏବଂ ବାଣିଜ୍ୟିକ ଦୋକାନଗୁଡିକ ଭାଙ୍ଗିବା ସହ ଅନେକ ଲୋକ ସେମାନଙ୍କ ଆୟର ଉତ୍ସ ମଧ୍ୟ ନଷ୍ଟ ହେବ। ଏହିଭଳି ସ୍ଥିତିରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଅଣ ଆବାସିକ ସ୍ଥାନ ନିରୂପଣ ନିମନ୍ତେ ଗ୍ରାମବାସୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ୱୟଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ ସହ ପ୍ରଭାବିତ ହେଉଥିବା ପରିବାରଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ପାଇଁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଗ୍ରାମବାସୀମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ବୈଠକ

ବାଲେଶ୍ୱର,୨୫/୦୮ (ନି.ପ୍ର): ଜିଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ବୁଧବାର ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଲକ୍ଷ୍ମୀଧର ବେହେରା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସାମ୍ପ୍ରତିକ ସ୍ଥିତିରେ ବରିଷ୍ଠ ନାଗରିକଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱରରେ ଅସହାୟ ବରିଷ୍ଠ ନାଗରିକଙ୍କ ଥଇଥାନ ଓ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠାପାଇଁ ୨୦ ଏକର ପରିମିତ ଜମି ଚିହ୍ନଟ କରାଯାଇ ଅର୍ଥ ମଞ୍ଜୁର ହୋଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟାରମ୍ଭ ନହେବାକୁ ନେଇ ବୈଠକରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନକୁ ଆବେଦନ ନିବେଦନ କରାଯାଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ସେହିପରି ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେବାପରେ ଜରାରୋଗ ପାଇଁ ସ୍ୱତନ୍ତ୍ର ୱାର୍ଡ଼ ନାହିଁ ଏବଂ ହୃଦରୋଗ ବିଶେଷଜ୍ଞ ନଥିବାରୁ କଟକ ଭୁବନେଶ୍ୱର ଚିକିତ୍ସା ପାଇଁ ସ୍ଥାନାନ୍ତର ହେବାବେଳେ ବହୁ ହୃଦ୍‌ରୋଗୀ ମୃତ୍ୟୁବରଣ କରୁଥିବା ଉପସ୍ଥିତ ସଭ୍ୟମାନେ କହିଥିଲେ। ଅନ୍ୟପକ୍ଷରେ ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା ଦାବି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ। ତୁରନ୍ତ ଏ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ନିର୍ବାଚିତ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ମଞ୍ଚର ବାର୍ଷିକ ଅଧିବେଶନ ଆସନ୍ତା ଅକ୍ଟୋବର ମାସ ଦଶ ତାରିଖ ଦିନ ବାଲେଶ୍ୱରରେ ସହରରେ ଆୟୋଜନ କରିବା ଓ ଏଥିରେ ମଞ୍ଚର ମୁଖପତ୍ର ଉନ୍ମୋଚନ ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ଆଲୋଚନା କରିଥିଲେ। ସେହିଭଳି ବାଲେଶ୍ୱର ଜୀବନରେଖା କୁହାଯାଉଥିବା ରାଜ୍ୟର ପ୍ରଥମ ଉଡ଼ନ୍ତା ପୋଲର ତୁରନ୍ତ ମରାମତି ପାଇଁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଚଳିତ ସପ୍ତାହରେ ଦେଇଥିବା ଆଦେଶକୁ ମଞ୍ଚ ପକ୍ଷରରୁ ସ୍ୱାଗତ କରାଯାଇଥିଲା। ବିଷ୍ଣୁପ୍ରସାଦ ମହାନ୍ତି, ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ଘୋଷ, ସନ୍ତୋଷ ସାହୁ ପ୍ରମୁଖ ଏହି ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହ-ସମ୍ପାଦକ ମଧୁସୂଦନ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଜେଡି ବିଜେପିରେ ଚାଲିଛି କର୍ମୀଙ୍କ ଦଳଡିଆଁ ଦୌଡ଼ ବିଜେଡି ଛାଡ଼ି ବିଜେପିରେ ମିଶିଲେ ବହୁ କର୍ମୀ

ନୀଳଗିରି,୨୫/୦୮ (ନି.ପ୍ର): କିଛି ଦିନ ଧରି ଶାସକ ବିଜେଡି ଓ ବିରୋଧୀ ବିଜେପିଙ୍କ ମଧ୍ୟରେ କର୍ମୀମାନଙ୍କର ଯୋଗ ବିୟୋଗ ଚାଲିଥିବା ବେଳେ ଏ ନେଇ ଉଭୟ ନେତୃମଣ୍ଡଳୀଙ୍କ ମଧ୍ୟରେ ମାନସିକତା ଉପରେ ଘୋର ଚାପ ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ବିଜେପି କର୍ମୀମାନେ ବିଜେଡି ଶିବିରରେ ଯୋଗ ଦେଇଥିବା ବେଳେ ସେହି କର୍ମୀମାନେ ବିଜେଡି ଛାଡ଼ି ପୂର୍ନବାର ବିଜେପିରେ ସାମିଲ ହେବା ପ୍ରସଙ୍ଗ ବୁଦ୍ଧିଜୀବୀ ମହଲରେ ତାତ୍ସଲ୍ୟ କରାଯାଇଛି। ଆଜି ସଜନାଗଡ଼ ପଞ୍ଚାୟତର ବିଜେଡି ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛି। ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଚିନ୍ତାଧାରା ଲୋକପ୍ରିୟତାକୁ ପାଥେୟ କରି ବିଧାୟକଙ୍କ କାର୍ଯ୍ୟାଳୟ ପରିସରରେ ଖୋଦ ବିଧାୟକଙ୍କ ଉପସ୍ଥିତିରେ ସାମିଲ ହୋଇଛନ୍ତି ଯୋଗେନ୍ଦ୍ର ସିଂ, ଭୂପା ସିଂ, ମହେନ୍ଦ୍ର ସିଂ, ଚକ୍ରଧର ସିଂ, ଗୁରୁପ୍ରସାଦ ସିଂ, ମୋହନ ସିଂ, ସନାତନ ସିଂ, ମନୋରଂଜନ ସିଂ, ରମେଶ ସିଂ, ସୁଶୀଲ ସିଂ, ସନାତନ ସିଂ ପ୍ରମୁଖ ବିଜେପିରେ ଯୋଗ ଦେଇଛନ୍ତି । ଏହି ଅବସରରେ ନାରାୟଣ ବେହେରା, ସଂଜୟ କୁମାର ନାୟକ, ଉପେନ୍ଦ୍ର ନାୟକ, ଉପେନ୍ଦ୍ର ଦାସ, ଦୀପ୍ତିକାନ୍ତ ଦାସ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୧୭୦ ପଜିଟିଭ୍

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୧୭୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୩୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୩୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୮୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ କେସ୍ ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ପଟିଆରୁ ୯ ଜଣ, ଖଣ୍ଡଗିରି ରୁ ୮ ଜଣ , ୟୁନିଟ୍ ୮ ରୁ ୭ ଜଣ, ସହୀଦ ନଗରରୁ ୬ ଜଣ, ମଂଚେଶ୍ୱର , ବଡଗଡ, ବରମୁଣ୍ଡା , ୟୁନିଟ୍ ୯ରୁ ୫ ଜଣ ଲେଖାଏଁ ,ଓଲ୍ଡଟାଉନ୍ , ଆଇଆରସି ଭିଲେଜ, ସତ୍ୟନଗର. ୟୁନିଟ ୩ ଓ ପାତ୍ରପଡାରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୫୮୫୦ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୧୪୫୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୩୯୦ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୯୮୯ କୁ ବୃଦ୍ଧି ପାଇଛି।

## ନକଲି ମଦ କାରଖାନା ଉପରେ ଚଢାଉ : ଜଣେ ଗିରଫ



ବାରିପଦା/ଭୁବନେଶ୍ୱର,୨୫/୦୮ (ନି.ପ୍ର): ନକଲି ମଦ ବେପାର ଦିନକୁ ଦିନ ବଢିଚାଲିଥିବା ବେଳେ, ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢାଉ କରାଯାଉ ଥିଲେ ମଧ ନକଲି ମଦ ପେପାର କମିବାର ନାମ ଧରୁନି । ଆଜି ମୟୂରଭଞ୍ଜ ଜିଲ୍ଲା ମୋରୋଡା ଥାନା ଅନ୍ତର୍ଗତ ଫୁଲବାଡିଆ ଗ୍ରାମରେ ନକଲି ମଦ କାରଖାନା ଉପରେ ପୂର୍ବ ସୂଚନା ମୁତାବକ ଆଜି ବାରିପଦା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଏହି ଚଢାଉ ସମୟରେ ସେହି ଗ୍ରାମର ଶତୃଘ୍ନ ମହାନ୍ତଙ୍କ ସ୍ତ୍ରୀ ସୁଭଦ୍ରା ମହାନ୍ତ ଙ୍କୁ ଗିରଫ କରଯିବା ସହିତ ୫୦ ଲିଟର ସ୍ପିରିଟ, ୫୦୦ ଗ୍ରାମ କଲର, ୮୮୦ଟି ବିଭିନ୍ନ ବ୍ରାଣ୍ଡର ଠିପି ଓ ୪୫ ଟି ନାମିଦାମୀ କମ୍ପାନୀର ଲେବୁଲ ଇତ୍ୟାଦି ଜବଦ କରାଯାଇଛି । ଜବଦ ଜିନିଷର ଆନୁମାନିକ ମୂଲ୍ୟ ୫୦ହଜାର ରୁ ଉର୍ଦ୍ଧ ହେବ ବଲି ଜଣାପଡିଛି । ଏବାବଦରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବାର ବାରିପଦା ସଦର ଅବକାରୀ ଥାନା ଆଇ.ଆଇ.ସି. ନିରଞ୍ଜନ ସାହୁ କହିଛନ୍ତି ।

## ଜେ.ଆର.ସି.ଓ ସ୍ମୃତି ରଞ୍ଜନ ପାଣିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା



ବାରିପଦା,୨୫/୦୮ (ନି.ପ୍ର): ସମଗ୍ର ବିଶ୍ୱରେ କରୋନା ମହାମାରୀର ପ୍ରକୋପ ଜନ ମାନସରେ ଆତଙ୍କ ଖେଳାଇଥିଲା ବେଳେ ସମାଜରେ ସ୍ୱେଚ୍ଛାସେବୀ ମାନଙ୍କର ଅବଦାନ ଅତୁଳନୀୟ । ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ବିଭିନ୍ନ ପ୍ରକାରର କରୋନା ସଚେତନତା ବାର୍ତ୍ତା ସୃଷ୍ଟି କରିବା ସହିତ କରୋନାରେ ମୃତ୍ୟୁବରଣ କରିଥିବା କିଛି ଲୋକଙ୍କ ଶବସତ୍କାର କାର୍ଯ୍ୟରେ ମଧ ସହଯୋଗ କରିଥିଲେ । ବିଭିନ୍ନ ପ୍ରକାରର ସେବା କାର୍ଯ୍ୟ ପାଇଁ ଜିଲ୍ଲାର ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ଶ୍ରୀ ପାଣିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବାର ଜଣା ଯାଇଛି । ସୂଚନା ଯୋଗ୍ୟ ଶ୍ରୀ ପାଣି ଝରାଡିହି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କାର୍ଯ୍ୟ କରୁଥିଲା ବେଳେ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଭାବେ ଜିଲ୍ଲାର କାର୍ଯ୍ୟ ନିର୍ବାହ କରୁଛନ୍ତି । କରୋନା ମହାମାରୀ ସମୟରେ ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ, ପ୍ରବାସୀ ଶ୍ରମିକ ମାନଙ୍କୁ ସହାୟତା, ନିଜେ ରକ୍ତ ଦାନକରି ରକ୍ତଦାନ ଶିବିର ଆୟୋଜନ କରିବା, ବାତ୍ୟା ‘ୟାସ’ ସମୟରେ ଶିମିଳିପାଳ ମଧ୍ୟରେ ରିଲିଫ ବଣ୍ଟନ କରିବା ସହିତ କରୋନା ସମ୍ବନ୍ଧିୟ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଜିଲ୍ଲାପାଳ ଶ୍ରୀଯୁକ୍ତ ଭରଦ୍ୱାଜ, ଶ୍ରୀ ପାଣିଙ୍କୁ ପ୍ରଶଂସା କରିବା ସହିତ ଆହୁରି ଭଲ କାମ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ଶ୍ରୀ ପାଣିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏ.ଡି.ଓ ନିତ୍ୟାନନ୍ଦ ବାରିକ, ପ୍ରଶାନ୍ତ କୁମାର ମହାନ୍ତି, ଦୀପ୍ତି ନାୟକ, ଆଇ.ପି ଭାଗିରଥି ମଲ୍ଲିକ, ବି.ଇ.ଓ ପ୍ରକାଶ ଚନ୍ଦ୍ର ମହାଳିକ, ଶିବାନନ୍ଦ ଧଡ଼ା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜେ.ଆର.ସି.ଓ ଶ୍ରୀ ପାଣି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ବିଜେପି ସୁବର୍ଣ୍ଣରେଖା ମଣ୍ଡଳ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ

ଜଳେଶ୍ୱର,୨୫/୦୮ (ନି.ପ୍ର): ରାଜନୈତିକ ଦଳ ପକ୍ଷରୁ ପଂଚାୟତ ନିର୍ବାଚନ ଲାଗି ସଜବାଜ ଆରମ୍ଭ ହେଲାଣି । ଜଳେଶ୍ୱର ବ୍ଲକର ଭଣ୍ଡାର ପଲି ଗ୍ରାମରେ ଜଳେଶ୍ୱର ବିଜେପିର ସୁବର୍ଣ୍ଣରେଖା ମଣ୍ଡଳର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆଗାମୀ ପଂଚାୟତ ନିର୍ବାଚନକୁ ଆଖିରେ ରଖି ସଂଗଠନକୁ ଅଧିକ ମଜବୁତ୍ କରିବା ସହିତ ଜଳେଶ୍ୱର ବ୍ଲକ ପଂଚାୟତ ସମିତି ବିଜେପି କିପରି ଦଖଲ କରିବ ସେଥିନେଇ କର୍ମୀମାନଙ୍କୁ ସଂଜିବନୀ ମନ୍ତ୍ର ଦିଆଯାଇଥିଲା । ଏଥିରେ ପ୍ରଣବ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ରାଇବଣିଆ ପଂଚାୟତର ଅନ୍ୟଏକ କାର୍ଯ୍ୟକାରୀ କମିଟି ୭ନଂ ଜୋନ୍ ଅନ୍ତର୍ଗତ କାଳିକ ପଂଚାୟତର ହାତୀଗଡ ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ ଏଥିରେ ସଭାପତିତ୍ୱ କରିଥିଲେ । ଏଥିରେ ବରିଷ୍ଠ ନେତା ଜୟନାରାଣ ମହାନ୍ତି, ଜଳେଶ୍ୱର ପ୍ରଭାରୀ ଜୀବନ ପ୍ରଦୀପ ଦାସ, ଅଭିଜିତ୍ ପ୍ରଧାନ, ସମୀର ପାତ୍ର, ସୁମତୀ ଦେ, ଅଂଶୁମାନ ମହାନ୍ତି, ସଂଜୀବ ରାଉତ, ନିଗମ କୁମାର ଘୋଷ, ରମାକାନ୍ତ ବେହେରା, ଅଚ୍ୟୁତ ମହାନ୍ତି, ତରୁଣ ପଟ୍ଟନାୟକ, ଶଂକର ଘୋଷ, ପ୍ରବିର ଦାସ, ଗଣେଶ ସରେନ୍, ବିଜେତା ଟୁଡୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ପୂର୍ବତନ ଏବିଡିଓ ଅଜିତ୍ କୁମାର ଅଠା ବିଜେପିରେ ଯୋଗ ଦେବାପରେ ଓଲମରା ପଂଚାୟତରେ ବିଜେପି ସଂଗଠନ ସୁଦୃଢ ହେବ ବୋଲି ଜଣାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo